# UTKALAYANA



www.utkalalumni.in

April 2022

## ALUMNI ASSOCIATION
## UTKAL UNIVERSITY



Anual General Body Meeting of Alumni Association, Held on 06.03.2022



Congratulating Prof. D.S. Patnaik, the newly appointed P.G. Council Chairman



Celebration of Martyrs's Day on 30.01.2022



Celebration of Utkal Divas at Ahimsa Sthal on 01.04.2022

## EDITORIAL BOARD

*Hiranmayee Mishra

* Debasish Dasgupta

* Radhakanta Pani

* Amiya Kumar Mahanty

* Satrujit and

* Mrutyunjay Sarangi (Chief Editor)

# EDITORIAL

**Dear Readers,**

Welcome to the 3rd edition of Utkalayana, the eMagazine of the Alumni Association of Utkal University. We have some wonderful poems and interesting stories to offer you. Hope you will enjoy them.

As I write these lines, the mind is disturbed by the distant gunfire in Ukraine, falling bodies, ruined cities, houses, parks, monuments, churches, buildings reduced to rubble, skyline darkened with thick smoke and the horror of horrors, the threat of a nuclear devastation and possibly a Third World War staring at the face of a hapless mankind. One wonders how human beings degenerate into cruel monsters in this age of advanced civilisation, how men kill with impunity, how families are destroyed and humanity is trampled under ruthless feet.

During my official assignments I have seen many tragedies. The trauma of getting uprooted from one's home is probably the worst. The feeling of helplessness is one of the haunting fears I have carried in my heart ever since a cold winter evening in December 1977, when travelling by bus from Lucknow to Gorakhpur I got stranded on the wayside with the rickety bus breaking down. We had to spend a severely cold night shivering, without food and trembling with the prospect of getting robbed by heartless marauders. I can imagine a thousandfold trauma in a people whose only crime is their citizenship of a country which has incurred the wrath of a super power like Russia. The heart-wrenching photographs of soldiers taking leave from their children, kissing them goodbye, images of dead bodies piling up, unknown warriors gasping for their last breath on deserted roads and fields, have moved the world to tears, but left the invaders unmoved.

Recently I read an article giving the geo-political rationale for Russia's invasion of Ukraine. My immediate thought was, yeah, go and tell it to the small girl who lost her father, the young woman who would never see her husband again, or the old couple who have to bear the trauma of seeing their young ones die. I am reminded of a poignant poem by Charles Sorley, a British Army Officer and Scottish War Poet who had fought in the First World War and was killed in action during the Battle of Loos in October 1915. This last poem of the poet was recovered from his kit after his death.

## *WHEN YOU SEE MILLIONS OF THE MOUTHLESS DEAD*

***Captain Charles Hamilton Sorley***

*When you see millions of the mouthless dead*
*Across your dreams in pale battalions go,*
*Say not soft things as other men have said,*
*Say not soft things as other men have said,*
*That you'll remember. For you need not so.*
*Give them not praise. For, deaf, how should they know*
*It is not curses heaped on each gashed head?*
*Nor tears. Their blind eyes see not your tears flow.*
*Nor honour. It is easy to be dead.*
*Say only this, 'They are dead.' Then add thereto,*
*'Yet many a better one has died before.'*
*Then, scanning all the o'ercrowded mass, should you*
*Perceive one face that you loved heretofore,*
*It is a spook. None wears the face you knew,*
*Great death has made all his for evermore.*

I am also tempted to reproduce a couple of my own poems on the senselessness of war, written a few years back.

## *THE LAST JOURNEY*

***Mrutyunjay Sarangi***

*When you go home buddy,*
*from this war field of Afghanistan,*
*this pool of blood and torn flesh,*
*tell my folks I am on my last journey,*
*not knowing why I started it in the first place,*
*whose war I was fighting, for whom I am dying.*

*Tell my Mom*
*I am carrying the sweet smell of her pancakes with me,*
*and the memory of my schoolbag,*
*the shoestrings she lovingly used to tie*
*before putting me in the school bus.*

*My Dad, I want to tell him*
*of his endless trips to the mall with me,*
*the ice cream, pizzas and the movies.*

*My sister, the elder one,*
*I am carrying the broken mirrors of a thousand pranks,*
*tell her I always knew where she hid my crayons*
*I just wanted to make her happy pretending not to know,*

*To the younger one,*
*what can I give her except renewing a promise*
*that I will be there smiling in the crowd on her prom night,*
*clapping my heart out in my formless shadow.*

*And to my Sweetheart,*
*yes, to my sweetheart,*
*tell her I am carrying with me*
*all her whispers, the soft sighs*
*and the selfless surrender of her heart,*
*her being and her consciousness.*
*As life sips out of me drip by drip,*
*I wish she knew how heavy I feel in my short foot steps*
*carrying the sweet loads of her memory*
*on this journey,*
*my last journey.*

## SCARS

***Mrutyunjay Sarangi***

*After this war is over*
*I shall go back to my mother's grave*
*and ask her,*
*why she brought me*
*into this grim battlefield,*
*this dust, the grime and the ruins.*
*Did she ever see this*
*desolate terrain*
*where flowers get crunched*
*under heavy feet and heavier boots,*
*the stones get a life*
*to smash a thousand heads*
*and lives turn to stones,*
*felled by unknown bullets.*

*Did my mother ever see*
*in her mind's eyes*
*the thousand scars I would carry*
*from lost battles*

*on my delicate body,*
*copious tears making*
*a feeble attempt*
*to wash away the blood*
*from numerous wounds.*
*Yet I will survive*
*and visit her grave*
*to tell her*
*all the sorrowful tales,*
*of us, the men and women*
*she fostered on her ample bosom,*
*only to fight among ourselves*
*and carry our own scars to our lonely tombs.*

At Utkalayana let's pray that sanity returns to the crazy people who have launched the war and world breathes in peace again. Hope you will enjoy the offerings in this 3rd edition of Utkalayana. Please share it with your friends and contacts. Please send your poems, short stories and other articles to the Editorail Board at Utkalayana@gmail.com

Take care and keep smiling. We will meet again in the first week of July.

With warm regards
**Mrutyunjay Sarangi**
**and the Editorial Board**

# GUIDELINES FOR UTKALAYANA

1. Utkalayana will be published as an eMagazine in the first week of each quarter, i.e; in January, April, July and October.

2. It will be bi-lingual - articles in Odia and English will find a place in Utkalayana.

3. It will host articles from the Alumni, the faculty, current students of the University and eminent writers.

4. While promoting and propagating talent in literary writings such as Poems and Short stories, Utkalayana will also encourage articles on contemporary socio-economic issues and on policy initiatives particularly in the field of education. Reminiscences and anecdotal articles on Utkal University will be welcome. Utkalayana will not publish any article directly or indirectly promoting political agenda, or conflicts on caste, community or regligious lines.

5. Since it is an eMagazine which will be mostly read in hand held electronic instruments, articles should be ideally of small size, preferably around 1000 words.

6. All efforts should be made by the contributors to ensure that the language of the articles should not be offensive, or indecent in any manner.

7. The deadline for submission of the articles will be the 10th of the previous month in which the magazine is going to be published. For example, for the edition to be published in the 1st week of July, the deadline will be the 10th of June.

8. All submissions should be accompanied by a passport size photograph and a short biodata of the writer. The biodata should be limited to fifty words and should clearly mention the years and the Department in which the contributor studied in the university.

9. All the articles should be sent to utkalayana@gmail.com Only articles sent in MS Word documents will be accepted.

10. All feedback and suggestions should be sent to the Editorial Board at utkalayana@gmail.com

11. Decision of the Editorial Board in selection and editing of the articles will be final.

12. The views and opinions expressed in the articles will be entirely and unequivocally of the writer. Neither the Editorial Board of Utkalayana nor the office bearers of the UU Alumni Association will be responsible for them in any manner.

# CONTENTS

## ଓଡ଼ିଆ ବିଭାଗ


### କ୍ଷୁଦ୍ରଗଳ୍ପ

| | | |
|---|---|---|
| ଆତଙ୍କବାଦୀ | ସାରଦା ପ୍ରସାଦ ମିଶ୍ର | ୧୦ |
| ପୋଡ଼ା ମାଟି | ଭୀମ ପୃଷ୍ଟି | ୧୫ |
| ସାତତାଳ ପାଣି | ଚିରଶ୍ରୀ ଇନ୍ଦ୍ରସିଂ | ୨୨ |
| ବିବର୍ତ୍ତନ | ନରେନ୍ଦ୍ର ସାହୁ | ୨୯ |
| ଭେଟ | ଶତ୍ରୁଜିତ୍ | ୩୫ |

### କବିତା

| | | |
|---|---|---|
| ବୁଢ଼ିଆଣୀ ଘର | ମୌସୁମୀ ଦାସ | ୪୨ |
| ଦର୍ପଣ | ଇପ୍‌ସିତା ଷଡ଼ଙ୍ଗୀ | ୪୪ |
| ଉଦାସ ସ୍ମାରକୀ | ଡକ୍ଟର ସଂଘମିତ୍ରା ଭଞ୍ଜ | ୪୫ |
| ଜନ୍ମଦିନ | ସରୋଜ ବଳ | ୪୬ |
| ଅବୋଲକରାର ଦେଶ | ଜ୍ଞାନୀ ଦେବାଶିଷ ମିଶ୍ର | ୪୭ |

### ପ୍ରବନ୍ଧ

| | | |
|---|---|---|
| ନିରବତାର ଦୁଃଖ | ଚନ୍ଦ୍ର ଶେଖର ହୋତା | ୪୯ |


## ENGLISH SECTION


### SHORT STORIES

| | | |
|---|---|---|
| Meet Nancy | Malabika Patel | 57 |
| Winter Night | Minakshi Rath | 61 |
| Rain, Rain go Away... | Ishwar Pati | 65 |
| Pilgrimage to Mussoorie | Ishwar Pati | 67 |

### POEMS

| | | |
|---|---|---|
| Goodbye (Bidaaya) | Haraprasad Das<br>Translated by Prabhanjan K. Mishra | 70 |
| Midas Touch of the other kind.. | Haraprasad Das<br>Translated by Prabhanjan K. Mishra | 71 |
| The Campus Detour… | Prof. Niranjan barik | 73 |
| As Life Floats | Pradeep Rath | 75 |
| The Barren Tree | Prof. Dr. Sidhartha Das | 76 |

### ARTICLES

| | | |
|---|---|---|
| The Electoral Arithmetic | Bijay Kumar Patnaik | 77 |
| Cryptocurrencies... | Barendra Kumar Bhoi | 81 |



# ଆତଙ୍କବାଦୀ

**ସାରଦା ପ୍ରସାଦ ମିଶ୍ର**

ମୋ ନାଁ ସଞ୍ଜୟ । ଆମ ପରିବାରରେ ମତେ ମିଶାଇ ଛ'ଜଣ- ମୋ ବାପା, ମାଆ, ଦୁଇ ସାନଭାଇ, ଗୋଟେ ସାନ ଭଉଣୀ । ଏଇ କେତେଦିନ ହେବ ବାହାରକୁ କିଛି ଜଣାପଡୁ ନଥିଲେ ବି ଆମେ ଭୟରେ ଅଛୁ । ଗାଁର ଆଉ କେତେଟା ହିନ୍ଦୁ ପରିବାର ସବୁକିଛି ବିକିଭାଙ୍ଗି ଦେଇ ଅନ୍ୟଆଡ଼କୁ ଚାଲିଗଲେଣି । ଆମ ପରିବାରକୁ ମିଶାଇ ମୋଟ ଚାରିଟି ପରିବାର ଅଛୁ । ଭିଟାମାଟି ଛାଡ଼ି କୁଆଡ଼େ ଯିବାକୁ ବାପାଙ୍କର କି ମାଆଙ୍କର ଇଚ୍ଛା ନାହିଁ । ମୋର ବି ଏଇ ସୁନ୍ଦର ଇଲାକାକୁ ଯେଉଁଠି ଶୈଶବରୁ ଯୌବନଯାଏଁ ବିତାଇଛି ଛାଡ଼ିଯିବାକୁ ମନ ଡାକୁନାହିଁ ।

କିନ୍ତୁ ଭୟ ଲାଗୁଛି । ସବୁବେଳେ ଗୋଟେ ପ୍ରକାରର ଅଜଣା ଭୟ ସତେଅବା ଆମ ଗାଁ, ଆମ ଇଲାକା, ଆମ ପରିବାର ଉପରେ ଢାଙ୍କି ରହିଛି । ନିକଟରେ ହେଉ ଅବା ଟିକେ ବିଳମ୍ବରେ- ଆମକୁ ଏ ଗାଁ ଛାଡ଼ିବାକୁ ହେବ । ଅନ୍ୟ ଗୋଟେ ନୂଆ ଗାଁ ଭାରତ ଭିତରେ ଖୋଜିବାକୁ ହେବ । ହଁ-ଆପଣମାନଙ୍କୁ କହିବାକୁ ଭୁଲିଯାଇଛି- ଆମ ଘର କାଶ୍ମୀର ଏବଂ ଆମେ ନୈଷ୍ଠିକ ହିନ୍ଦୁ ପରିବାର ।

ଆଉ ଭୟର କାରଣ ? ଭୟର କାରଣ ୟୁସୁଫ । ଆମ ଘରଠୁ ମାତ୍ର କୋଡ଼ିଏ ପଚିଶ ଫୁଟ ଦୂରରେ ତାଙ୍କ ଘର । ତାଙ୍କ ପରିବାର କହିଲେ ତା' ବାପା, ତା' ମାଆ, ତା'ର ଗୋଟେ ସାନଭାଇ- ବୟସ ଆଠ କି ଦଶ, ଗୋଟେ ବଡ଼ ଭଉଣୀ- ବୟସ ସତେଇଶ ଅଠେଇଶ । ମତେ ଚବିଶ ବର୍ଷ, ୟୁସୁଫକୁ ବି ସେତିକି ହୋଇଥିବ- କାରଣ ଆମେ ଏକା ସ୍କୁଲରେ ଏକା କ୍ଲାସରେ ପଢୁଥିଲୁ ।

ଆମ ଭୟର କାରଣ ୟୁସୁଫ । ଏଇ କେତେଦିନ ହେବ, ତା'ର ଚାଲିଚଳଣ ଠିକ୍ ରହୁନାହିଁ । ଆମ ପରିବାରର ଲୋକଙ୍କ ସହ ଭଲଭାବେ କଥାବାର୍ତ୍ତା ହେଉନାହିଁ । ଏମିତିକି ମୋ ସହ ବେଶି କଥାବାର୍ତ୍ତା ହେଉନାହିଁ । ଦେଖିଲେ କେମିତି ନ ଚିହ୍ନିବା ପରି ଚାଲିଯାଉଛି । ଡାକିଲେ ପଦେ ଦି'ପଦ ଭିତରେ କଥା ସାରିଦେଇ, କୌଣସି ନା କୌଣସି ବାହାନାରେ ଚାଲିଯାଉଛି । ତା'ଛଡ଼ା, ଯେଉଁ କଥାଟି ଆମ ପରିବାରକୁ ଭୟଭୀତ କରିବାରେ ଯଥେଷ୍ଟ ସାହାଯ୍ୟ କରିଥିଲା; ସେଇଟି ହେଉଛି ୟୁସୁଫ ଘରର କୌଣସି ସଦସ୍ୟ ଆଗପରି ଆମ ଘରକୁ ଆସୁନଥିଲେ- ଅଥଚ ତା' ବାପାଙ୍କର ମୋ ବାପାଙ୍କ ସହ ଖୁବ୍ ଭଲ ପଡୁଥିଲା, ତା' ମାଆଙ୍କର ମୋ ମାଆଙ୍କ ସହ ।

ତାଙ୍କ ଘରେ କାହାର ଜନ୍ମଦିନ ପାଳନ ହେଲେ ଆମ ଘରକୁ ଆଗ ଡକରା ଆସୁଥିଲା, କାରଣ ମୁଁ ୟୁସୁଫର କ୍ଲାସ୍‌ମେଟ୍ ଥିଲି । ଆମ ଘରେ କିଛି ପର୍ବପର୍ବାଣି ପାଳିତ ହେଲେ ୟୁସୁଫ, ତା' ଭଉଣୀ ସାହାନାଜ ଓ ତା' ସାନଭାଇ ଆମ ଘରକୁ ଆସୁଥିଲେ । ଯେ କୌଣସି ହିନ୍ଦୁ ପଡ଼ୋଶୀ ଯେମିତି ବ୍ୟବହାର ପାଉଥିଲେ, ସେମାନଙ୍କ ପ୍ରତି ଆମ ବ୍ୟବହାର ସେହିପରି ଥିଲା, କୌଣସି ପାତରଅନ୍ତର ନଥିଲା ।

ଏ ଭିତରେ ଆମ ଅଞ୍ଚଳରେ ନାନା କଥା ଶୁଣିବାକୁ ମିଳିଲା, ନାନା ପ୍ରକାରର ବିଭ୍ରାନ୍ତିକର ପ୍ରଚାର ହେବାରେ ଲାଗିଲା; କେଉଁଠି କ'ଣ ହେଲା କେଜାଣି- ପ୍ରଥମେ ୟୁସୁଫ ଏବଂ ପରେପରେ ତା' ପରିବାରର ସମସ୍ତେ ଆମ ପରିବାରଠୁ ଦୂରେଇ ରହିଲେ । ପ୍ରାୟ ନ ଦଶମାସ ତଳେ ଆମ ଗାଁର ଗୋଟେ ହିନ୍ଦୁ ପରିବାରର ଚାରିଜଣଙ୍କୁ ନିର୍ମମ ହତ୍ୟା କରାଯିବା ପରେ ଅନ୍ୟ ହିନ୍ଦୁ ପରିବାରମାନେ ଗାଁ ଛାଡ଼ି ଚାଲିଗଲେ । ସେଦିନଠୁ ଭୟର ବାତାବରଣଟେ ଖେଳିବୁଲିଲା ବାୟୁମଣ୍ଡଳରେ, ଆକାଶରେ ଏବଂ ଆମ ପରିବାରର ନିଃଶ୍ୱାସ-ପ୍ରଶ୍ୱାସରେ । ଆମ ପରିବାରକୁ ଛାଡ଼ି ଆଉ ଯେଉଁ କେତେଘର ହିନ୍ଦୁ ଅଛନ୍ତି, ସେମାନେ ବି ଟିକେ ସୁବିଧା ହେଲେ ଗାଁ ଛାଡ଼ି ଚାଲିଯିବାର ମସୁଧାରେ ଅଛନ୍ତି ।

ଗୁଜବ ଉଠିଥିଲା ମଝିରେ ଯେ, ୟୁସୁଫ କେତେକ ଆତଙ୍କବାଦୀଙ୍କୁ ଖବର ଯୋଗାଉଛି, ସେମାନଙ୍କ ସହ ସମ୍ପର୍କ ରଖିଛି; ହେଲେ କିଛି ପ୍ରମାଣ ନଥିଲା । ହେଲେ ସେ ଯେ ନିଶ୍ଚୟ ଭିତରେ ଭିତରେ କିଛି କରୁଥିଲା, ଏଥିରେ ସନ୍ଦେହ ନଥିଲା । ନହେଲେ ତା' ବ୍ୟବହାର, ଚଳିଚଳନରେ ପରିବର୍ତ୍ତନ, ପୁଣି ଲୁଚାଛପା ହାବଭାବର କାରଣ କ'ଣ ହୋଇପାରେ ?

ମୁଁ ବି ଛାଡ଼ିବାର ଲୋକ ନୁହେଁ । ଗାଁ ଛାଡ଼ିବା ଆଗରୁ ମୁଁ ନିଶ୍ଚେ କିଛି ଗୋଟେ କରିସାରି ଏ'ଠୁ ଯିବି । ଯେସାକୁ ତେସା ! ମୁଁ ବି ୟୁସୁଫକୁ ଛାଡ଼ିବି ନାହିଁ । ଆମ ପରିବାରକୁ ସନ୍ତର୍ପଣରେ ଅନ୍ୟ ଏକ ଜାଗାରେ ରଖାଇଦେଲେ ଦିନକ ପାଇଁ ଆସି ୟୁସୁଫ ସହ ପୂର୍ବ ବନ୍ଧୁତାର ଆଳରେ ମିଶି ତାକୁ ହୁଏତ ହତ୍ୟା କରିବି- ନହେଲେ ଆମ ପରିବାର ପାଇଁ, ଠିକଣା ଜାଗାଟା ସ୍ଥିର କରିସାରିବା ପରେ ଯେଉଁଦିନ ଏଠୁ ଯିବାକଥା, ତା' ପୂର୍ବଦିନ ତା' ଭଉଣୀ ସାହାନାଜକୁ... ।

ଏବେ ଗୋଟେ ଅଦ୍ଭୁତ ଫତୁଆ ଜାରି ହୋଇଛି ଏ ରାଜ୍ୟରେ । ସବୁ ମୁସଲମାନ ଝିଅବୋହୂମାନେ ପର୍ଦ୍ଦା ପକାଇବେ, ଆଉ ସବୁ ହିନ୍ଦୁ ଝିଅବୋହୂମାନେ କପାଳରେ ବିନ୍ଦି ବା ସିନ୍ଦୂର ଲଗାଇବେ । କି ଅଦ୍ଭୁତ ଫତୁଆ ! ! ଲୋକ ବି ସବୁ ମାନୁଛନ୍ତି, କାହାର ଯେମିତି ହିମ୍ମତ ନାହିଁ ପ୍ରତିବାଦ ଓ ପ୍ରତିରୋଧ କରିବାକୁ । ଆକାଶରେ ଭୟ, ପାଣିରେ ଭୟ, ପବନରେ ଭୟ, ନିଦ୍ରାରେ ଭୟ, ସ୍ୱପ୍ନରେ ଭୟ, ଜାଗ୍ରତରେ ଭୟ- କେବଳ ଭୟ, ଭୟ, ଭୟ- ସମଗ୍ର ରାଜ୍ୟ ପାଲଟିଛି ଭୟର ଉପତ୍ୟକା । ସାହାନାଜ- ତାକୁ ମୁଁ ଦିଦି ଡାକୁଥିଲି- ଏବେ ଗୋଟେ କଳାପର୍ଦ୍ଦା ମୁହଁରେ ଢାଙ୍କି ଯିବା ଆସିବା କରୁଛି; ଏଥିରୁ ମୋର ପୂରା ସନ୍ଦେହ ୟୁସୁଫ ଗୋଟେ ଆତଙ୍କବାଦୀ ଦଳରେ ଅଛି । ମୁଁ କିନ୍ତୁ ଛାଡ଼ିବି ନାହିଁ- ଏ ଗାଁ ଛାଡ଼ିବା ପୂର୍ବରୁ ଜଣକ ଉପରେ ପ୍ରତିଶୋଧ ନେବି, ପରିଣାମ ଯାହା ହେଉନା କାହିଁକି ! ! ସେଥିପାଇଁ ମୁଁ ମୋର ଗୋଟେ ସାଙ୍ଗ ଅଶୋକ ସହ କଥାବାର୍ତ୍ତା ବି କରିସାରିଛି, ଅଶୋକ ପାଖରେ ବି କିଛି ମାରଣାସ୍ତ୍ର ଅଛି । ଆଉ ମୁଁ ନିଃସନ୍ଦେହ ଯେ ୟୁସୁଫ ଘରେ ହାତବୋମାଠୁ ଆରମ୍ଭ କରି ଦେଶୀ ବନ୍ଧୁକ ଯାଏ ସବୁ ପ୍ରକାର ଅସ୍ତ୍ରଶସ୍ତ୍ର ଅଛି ।

ମୁଁ ଏବେ ଗୋଟେ ଦେଶୀ ବନ୍ଧୁକ ଯୋଗାଡ଼ କରି ରଖିଛି, କିଛି ଏପଟ ସେପଟ ହେଲେ ମୁଁ ୟୁସୁଫକୁ ଗୁଳି ଚଳେଇଦେବି, ନହେଲେ ତା' ଭଉଣୀ ସାହାନାଜକୁ ଧର୍ଷଣ କରିବି- ସେଥିପାଇଁ ତିନି ଚାରିଜଣ ବନ୍ଧୁଙ୍କୁ ବି ବୁଝାଇ ଦେଇ ପ୍ରସ୍ତୁତ କରି ରଖିଛି । ଦୁଇଟା ଭୁଜାଲି ବି ରଖିଛି । ମୋ ବନ୍ଧୁମାନଙ୍କୁ ବହୁ ପ୍ରବର୍ତ୍ତାଇବା ଫଳରେ ସେମାନେ ବି ଘରେ ଭୁଜାଲି, ଟେଣ୍ଟା ରଖିଛନ୍ତି । କଥା ହେଲା, ମୁଁ ମୋ ଗାଁ ଛାଡ଼ିଯିବାକୁ ଚାହେଁନାହିଁ, ଆଉ ଯଦି ଯିବାକୁ ହୁଏ, ତେବେ ୟୁସୁଫକୁ ଛାଡ଼ିବି ନାହିଁ ।

ଏ ଭିତରେ ଗୋଟେ ଇଣ୍ଟରଭ୍ୟୁ ଦେବାପାଇଁ ମୋତେ ଦିନକ ପାଇଁ ଶ୍ରୀନଗର ଯିବାକୁ ହେଲା । ସକାଳୁ ବାହାରି ପଡ଼ିଲେ ଶ୍ରୀନଗରରେ କାମସାରି ଫେରିଆସିବା ବେଳକୁ ସନ୍ଧ୍ୟା ହୋଇଯିବ ବୋଲି ମୋର ଧାରଣା ଥିଲା; ହେଲେ କାମସାରି ଫେରିବା ବେଳକୁ ରାତି ସାଢ଼େ ନ'ଟା କି ଦଶଟା । ମୁଁ ବସ୍‌ଷ୍ଟାଣ୍ଡରୁ ଓହ୍ଲାଇ ଆମ ଗାଁକୁ ଚାରି କିଲୋମିଟର ବାଟ ଚାଲିବାରେ ଲାଗିଲି । ଗାଁ ଯେତେଯେତେ ନିକଟ ହୋଇଆସୁଥାଏ, ମୁଁ ସେତେସେତେ କେଜାଣି କାହିଁକି କେମିତି ଏକ ଅଜଣା ଭୟରେ ଆତଙ୍କିତ ହୋଇପଡୁଥାଏ । ବିଦ୍ୟୁତ ନଥିବାରୁ ଚାରିଆଡ଼ ଅନ୍ଧାର । ଚାରିଆଡ଼ ନୀରବ-ନିସ୍ତବ୍ଧ । ଏତେ ବେଳାବେଳି ଗାଁରେ ଆମର କେହି ଶୁଅନ୍ତି ନାହିଁ । ପାଟିତୁଣ୍ଡ ଶୁଭୁଥିବା କଥା, ଅଥଚ କିଛି ସୋର୍‌ଶବ୍ଦ ନଥିଲା । ବାହାର ବାରଣ୍ଡାରେ କାହା ଘରର କେହି ଲୋକ ନଥିଲେ । କିଛି ଗୋଟେ ଅଘଟଣ ଘଟିଯାଇଥିବ କି ? କ୍ରମଶଃ ଅଧିକରୁ ଅଧିକ ଭୟ ମୋତେ ଆବୋରି ଆସିଲା, ମୋର ଛାତି ଦ୍ରୁତ ଗତିରେ ଦୁମ୍‌ଦୁମ୍ ହେବାରେ ଲାଗିଲା ।

ମୋର ପାଦର ଗତି କ୍ରମଶଃ ବଢ଼ିବାରେ ଲାଗିଲା । ଏଇଟା କି ଆମ ଗାଁ ? ଏଇଟା କି ଆମ ଗାଁର ରତୁ ? ଅଥବା ପ୍ରଚଣ୍ଡ ହିଂସାର ଏହା ଏକ ନିର୍ବେଦ ଉପତ୍ୟକା ! ସବୁଆଡ଼ ଏମିତି ଖାଁ ଖାଁ କାହିଁକି ? ଗଛର ପତ୍ର ବି ସ୍ଥିର !

କ୍ରମେ ଆମ ଘର ନିକଟ ହୋଇଆସିଲା । ଏମିତି ନୀରବତାର ଚଦର ଢାଙ୍କି ରଖିଥିଲା ଘରଟାକୁ ଯେ ଶୀତଳ ଭୟର ଏକ ଶିହରଣ ଖେଳିଗଲା ମୋର ତାଳୁରୁ ତଳିପା ଯାଏଁ । ଅସ୍ୱାଭାବିକ କିଛି ଗୋଟେ ଘଟିଥିବାର ଗନ୍ଧ ବାରିହେଲା ପବନରୁ । ମତେ ସତରେ ଭୟ ଲାଗିଲା । ଗାଁର ସବୁ ହିନ୍ଦୁ ପରିବାର ଘରେ କିଛି ଗୋଟେ ଘଟିଯାଇଛି କି ? କ'ଣ ଘଟିଥିବ ? ଆମ ପରିବାରର କ'ଣ ହୋଇଥିବ ? ବାପା ? ବୋଉ ? ଦୁଇ ସାନଭାଇ ? ଆଉ ସାନ ଭଉଣୀ ! ! ହେ ଭଗବାନ ! କ'ଣ ହୋଇଥିବ ସତରେ !

ମୁଁ ସିଧାସଳଖ ଘର ଭିତରକୁ ଯିବି ନାହିଁ ବୋଲି ସ୍ଥିର କଲି । ଘରର ପଛ ପାଖକୁ ଯାଇ ତିରିଶ/ଚାଳିଶ ହାତ ଦୂରରେ ଥିବା ସାତ/ଆଠଟା ଦେବଦାରୁ ଗଛ କନ୍ଦିରେ ଅନ୍ଧାରରେ ଠିଆହୋଇ ପରିସ୍ଥିତି କଳନା କରିବାର ଚେଷ୍ଟା କଲି । ସେଇଠି ମାଟି ତଳେ ପୋତି ରଖିଥିଲି ଦୁଇଟା ଭୁଜାଲି । ଗୋଟିଏ ଭୁଜାଲି ବାହାର କଲି । ଅନ୍ଧାରରେ ବି ସେଇଟା ଚକ୍‌ଚକ୍ କଲା । ଏଥର ଟିକେ ସାହସ ଆସିଲା । ଆଗ ଆମ ଘରକୁ ଯିବି ନା ଆଗ ଏହି ଗଛ ପଛେ ଯାଇ ୟୁସୁଫ ଘରକୁ ଯିବି ? ୟୁସୁଫ ଘରକୁ ଯିବା ଅର୍ଥ ନିହାତି କମ୍‌ରେ ଗୋଟେ ମର୍ଡର । କିନ୍ତୁ ମୋର ଚାରିଜଣ ବନ୍ଧୁଙ୍କୁ ଡାକିଆଣିବା ବରଂ ଭଲ ହେବ । ସାହନାଜକୁ ଧର୍ଷଣ କରିବାକୁ ପଡ଼ିବ । ମୁଁ କଦାପି ଛାଡ଼ିବି ନାହିଁ ।

ନା- ଏତେ ରାତିରେ ଅନ୍ଧାର ଭିତରେ ବନ୍ଧୁମାନଙ୍କ ଘରକୁ ଯିବାଟା ଠିକ୍ ହେବନାହିଁ । କିଏ ଜାଣେ- କାହା ଘରେ ଏବେ କି ପରିସ୍ଥିତି ଥିବ ! ବରଂ ଧୀରେ ଧୀରେ ଆମ ଘରକୁ ଯିବାକୁ ହେବ । ଆଉ କିଛି ଅଘଟଣ ଘଟିଥିଲେ ୟୁସୁଫ ଘରକୁ ଯାଇ ତାକୁ ଫୁସୁଲାଇ ବାହାରକୁ ଡାକି ମୁଣ୍ଡରୁ ଗଣ୍ଡିଟା ଅଲଗା କରିଦେବାକୁ ହେବ ।

ଏବେ ଗୋଟେ/ଦି'ଟା ଘରୁ ଝାପ୍‌ସା ଆଲୋକ ଦିଶିଲାଣି । ବୋଧେ ମହମବତୀ କି ଲଣ୍ଠନ ! ତା' ଅର୍ଥ ଗାଁରେ କିଛି ଗୋଟେ ଘଟିଥିଲା । ଏବେ ଟିକେ ଆଶ୍ୱସ୍ତ ହେବାପରେ ଆଲୋକ ଜଳୁଛି । ଆମ ଘରୁ କିନ୍ତୁ ସୋରଶବ୍ଦ ନଥିଲା କି ଆଲୋକର ମ୍ଳାନ ରେଖାଟିଏ ବି ନଥିଲା । ମୁଁ ଧୀରେ ଧୀରେ ଆମ ଘର ଆଡ଼କୁ ଆଗେଇଲି । ଅତି ସନ୍ତର୍ପଣରେ । ଆପାତତଃ ଘରେ କେହି ନଥିବେ- ଏମିତି ଧାରଣାଟେ ମନକୁ ଆସିବା କ୍ଷଣି ପୁଣି ଭୟର ଏକ ଶିହରଣ ଖେଳିଗଲା ତାଳୁରୁ ତଳିପାଯାଏ । ଆଉ ଯଦି ଥିବେ- ଥିବେ ମାନେ କେମିତି ଅବସ୍ଥାରେ ଥିବେ ? କ୍ଷତ ବିକ୍ଷତ ? ମୃତ ? ଟିକ୍‌ଟିକ୍ ଖିନ୍‌ଭିନ୍ ହୋଇଯାଇଥିବ ଶରୀରଗୁଡ଼ାକ ? ହେ ଭଗବାନ ! ମୋ ଜଂଘ ଓ ହାତ ଥରୁଛି କାହିଁକି ?

ହାତରେ ଟର୍ଚ୍ଚଟେ ଥିଲେ ଭଲ ହୋଇଥାନ୍ତା । ଘର ଭିତରକୁ ପଶିବି ନା ପଶିବିନି ? ପଛ ଦରଜାଟା ଯେ ଠିଆ ମେଲା ଅଛି । ଦରଜା ମେଲା, ଅଥଚ ଶବ୍ଦ ନାହିଁ । ମୁଁ ଆହୁରି ଦୃଢ଼ ଭାବେ ଭୁଜାଲିଟାକୁ ଧରିଲି । ସନ୍ତର୍ପଣରେ ପାହାଚ ଉଠିଲି । ପାଦେ ପାଦେ ଧୀରେ ଧୀରେ ଭିତରକୁ ଗଲି । ପ୍ରଥମେ ଏଇ ପଟରୁ ରୋଷେଇ ଘରକୁ ଯାଇ ଦିଆସିଲିଟା ଠାବ କରିବାକୁ ହେବ । ଦିଆସିଲି ନଥିଲେ ଗ୍ୟାସ ନିକଟରେ ଲାଇଟରଟା ଥିବ, ସେଥିରେ ଗ୍ୟାସ ଚୂଲା ଜଳାଇ ମହମବତୀଟା ଜଳାଇବାକୁ ହେବ । ହଁ- ଦିଆସିଲିଟେ ହାତରେ ପଡ଼ିଲା । କିନ୍ତୁ ଜଳାଇବାଟା ଉଚିତ ହେବ ନାହିଁ । ଦରକାର ହେଲେ ଜଳାଇବି । ଆର ରୁମ୍‌କୁ ଯିବାକୁ ପଡ଼ିବ ଏଥର । ଭୁଜାଲିର ବେଣ୍ଟ ଉପରେ ମୋ ହାତ ଆହୁରି ଦୃଢ଼ ହେବାରେ ଲାଗିଲା ।

ନା- ଏ ଘରେ କେହି ଥିବାପରି ଲାଗୁନି । କେହି ନାହିଁ । କୁଆଡ଼େ ଗଲେ ? ଆଉ ମୃତଦେହ କୋଉଠି ପଡ଼ିଚି କି ? କୋହ ଉଠିବା ପରି ଲାଗିଲା । ଭୟର ପୁଣି ଏକ ଶୀତଳ ଶିହରଣ । ମୁଁ ଆସ୍ତେଆସ୍ତେ ଖଟ ଉପରେ ହାତ ମାରିଲି, ପୁଣି ସୋଫା ଉପରେ । ନା, କାହାରି ସତ୍ତା ନଥିଲା । ଦିଆସିଲି କାଠିଟେ ମାରିବା ଠିକ ହେବ କି ? ନା, ଥାଉ ଆର ଘରଟା ଦେଖାଯାଉ । ମୁଁ ପାଦ ଚିପିଚିପି ଆର ଘରକୁ ଗଲି । ସ୍ଥିର ହୋଇ ଠିଆ ହେଲି । ଅନ୍ୟ ଜଣେ କେହି ଘର ଭିତରେ ଥିବାପରି ଲାଗିଲା । ମୁଁ ଚଟ୍ କରି ପଛକୁ ଫେରିଆସିଲି ଏବଂ ପାଟିରୁ ବାହାରି ଆସିଲା: 'କିଏ ?'

ଉତ୍ତରରେ କେବଳ ଗୁଁ ଗୁଁ ଶୁଣାଗଲା । ଯନ୍ତ୍ରଣାକାତର ଗୁଁ ଗୁଁ । ମୋ ସାନ ଭଉଣୀର ସ୍ୱର କି ? ସେଇପରି ଲାଗିଲା । କ'ଣ ହୋଇଥିବ ଦୃଶ୍ୟଟା ? ଆଲୁଅ ଜଳାଇବି ନା ଜଳାଇବିନି ? ଦୃଶ୍ୟଟା ସହିହେବ ନା ସହିହେବ ନାହିଁ/ ଯଦି ବି ସାନ ଭଉଣୀ ହୋଇଥିବ, ତେବେ କ'ଣ ସେ ଏକା ? ଅନ୍ୟମାନେ ? ଅନ୍ୟମାନଙ୍କୁ କ'ଣ ହତ୍ୟା କରିଯାଇ ଶବଗୁଡ଼ିକୁ ଗୋଟିଏ ଜାଗାରେ ଗଦା କରାଯାଇଛି ? ନା ସେମାନଙ୍କୁ କୁଆଡ଼େ ନିଆଯାଇଛି ? ହେ ଭଗବାନ !

ଗୁଁ... ଗୁଁ ଶବ୍ଦଟା ପୁଣି ଶୁଣାଗଲା । ନା, ଏଥର ଆଲୋକ ଜଳାଇବାକୁ ହେବ । ମୁଁ ଭୁଜାଲିଟାକୁ ଦୁଇ ଜଂଘରେ ଚାପିଧରି ଦିଆସିଲି ଜଳାଇଲି । କାଠିଟା ଲିଭିବା ଭିତରେ ମୁଁ ଦେଖିଲି ମୋ ସାନ ଭଉଣୀ ହାତ ଗୋଡ଼ ବନ୍ଧା ହୋଇ ପଡ଼ିଛି । ପାଟିରେ କନା ବନ୍ଧା ଯାଇଛି । ହେ ଭଗବାନ ! ଧର୍ଷଣର କୌଣସି ସୂଚନା ନଥିଲା । ମୁଁ ପୁଣି ଥରେ କାଠିଟେ ଲଗାଇଲି । ନିକଟରୁ ଦେଖିଲି । ନା- ତା'ର ପୋଷାକପତ୍ର ଠିକ୍ ଥିଲା । ତା' ଆଖିରେ ବି ଗୋଟେ ତଉଲିଆ ଭିଡ଼ା ଯାଇଥିଲା- ମୋରି ତଉଲିଆ । କାଠିଟା ପୁଣି ଲିଭିଗଲା ।

ମୁଁ ତୃତୀୟ କାଠିଟା ଲଗାଇଲି ଏବଂ କାଠିଟା ଜଳିଉଠିବା ସଙ୍ଗେସଙ୍ଗେ ବାହାରୁ ତୀବ୍ର ଅଥଚ ଚଢ଼ାଗଳାରେ ଶୁଣାଗଲା, 'କିଏ ? କିଏ ସେ ?' ମୋ ହାତରୁ କାଠିଟା ଲିଭିଗଲା ସତ, କିନ୍ତୁ ମୁଁ ସ୍ୱର ଚିହ୍ନିପାରିଲି ।

ୟୁସୁଫ ! ୟୁସୁଫ ! ! ୟୁସୁଫ ! ! !

ନିଶ୍ଚେ ତାକୁ ହାଣିବି । ଏଇ ଭୁଜାଲି କ'ଣ-ପଶ୍ଚିମ/ପୂର୍ବ ଆକାଶକୁ ରକ୍ତରେ ଲାଲ୍ କରିଦେବି । ମତେ ସନ୍ତର୍ପଣରେ ବାହାରକୁ ଯିବାକୁ ହେବ ।

ମୁଁ ସନ୍ତର୍ପଣରେ- ଧୀର ପଦପାତରେ- ଉଜୁଡ଼ା ଶଙ୍ଖାପରି, ବଳି ଯୂପକୁ ଯାଉଥିବା ବୋଦାପରି, କଂସେଇ ପରି ବାହାର ଦରଜାର ପାହାଚ ନିକଟକୁ ଚାଲିଲି । ଦାଣ୍ଡଦରଜା ନିକଟରେ ନିଃଶବ୍ଦରେ ପହଞ୍ଚି ଅନ୍ଧାର ଭିତରେ ଠଉରାଇବାର ଚେଷ୍ଟା କଲି । ଝାପ୍‌ସା ଅନ୍ଧାର ଭିତରେ ୟୁସୁଫର ଶରୀରର ଆକୃତି ଜାଣିହେଲା । ହାତରେ କିଛିଗୋଟେ ବୋଧେ ଧରିଛି । କ'ଣ ? ଭୁଜାଲି ? ନା ବର୍ଛା ? ନା ଦୋ'ନଳିଆ ପୁରୁଣା ବନ୍ଧୁକ ? କ'ଣ ହୋଇପାରେ ?

ଠିକ୍ ଅଛି । ମୁଁ ଗୁରୁଣ୍ଡି ଗୁରୁଣ୍ଡି ତା' ପଛରେ ପହଞ୍ଚି ତା' ଗୋଡ଼କୁ ଚୋଟ ଦେବି, ଗଛ କାଟିବାପରି ତଳେ ପଡ଼ିଯିବ ବଜ୍ଜାତ ହାରାମଜାଦା । ଶଳା ଆତଙ୍କବାଦୀ କୋଉଠିକାର ! ଗାଁଟା ଭିତରେ ବିଶ୍ୱାସର ଡାଳପତ୍ରରେ ଭରିଦେଇଛି ବିଷ !

ମୁଁ ଠିକ୍ ତା' ପାଖରୁ ଚାରି, ପାଞ୍ଚ ଫୁଟ ଦୂରରେ ଥିବି, ହାରାମୀଟା ଜାଣିଦେଲା କି କ'ଣ; କାରଣ ମୋ ଉପରେ ତୀବ୍ର ଟର୍ଚ୍ଚ ଆଲୋକ ଏବଂ ତା'ସହ ଶୁଣାଗଲା, 'ଓଃ ! ତୁ ଆସିଗଲୁ ଭଲ ହେଲା ଦୋସ୍ତ ! ଶୀଘ୍ର ଭିତରକୁ ଚାଲ୍, କବାଟ ଭିତରୁ ଦେଇ ଦେ ।'

ମୁଁ କିଛି ହଠାତ୍ ବୁଝିପାରିଲି ନାହିଁ, କିଛି ବୁଝିବା ପରି ପରିସ୍ଥିତି ବି ନଥିଲା । ମୁଁ ଉଠିପଡ଼ି ଭିତରକୁ ଚାଲିଲି, ମୋ ପଛେ ପଛେ ସେ ଆସି ଭିତରୁ କବାଟ ଦେଇଦେଲା ।

'କିଛି ଗୋଟେ ଆଲୁଅର ବ୍ୟବସ୍ଥା କର'- ସେ କହିଲା । ମୁଁ ଦିଆସିଲି ଲଗେଇ ମହମବତୀ ଖୋଜିଲି । କଷ୍ଟରେ ଗୋଟେ ମିଳିଲା । ଘର ଭିତରେ ଖେଳିଗଲା ମ୍ଳାନ ଆଲୋକ ।

ତା'ପରେ କେହି କାହାକୁ କିଛି କହିନାହୁଁ, ସାନ ଭଉଣୀର ହାତଗୋଡ଼ ଫିଟାଇବାରେ ଉଭୟ ଲାଗିଗଲୁ । ସେ ଉଠିବସିଲା । ତା'ପରେ ତୀକ୍ଷ୍ଣ ସ୍ୱରରେ 'ପାଣି' ବୋଲି କହିଲା ଏବଂ ଭେଁ ଭେଁ ହୋଇ କାନ୍ଦି ପକାଇଲା ।

ପରବର୍ତ୍ତୀ କଥା ସଂକ୍ଷିପ୍ତ । ୟୁସୁଫ ଏବଂ ମୋ ସାନଭଉଣୀ ଯାହା କହିଲେ ସେସବୁ ବଖାଣିବାର କିଛି କାରଣ ନାହିଁ । ତଥାପି ନ କହିଲେ ଆତଙ୍କବାଦୀଟି କିଏ, ଆପଣ ଜାଣିବେ କେମିତି ?

ସନ୍ଧ୍ୟାବେଳେ ଦଳେ ମୁଖାପିନ୍ଧା ଲୋକ ଗୋଟେ ଟ୍ରେକରରେ ଆସି ଗାଁରେ ପ୍ରଥମେ ଦୁଇଟା ବୋମା ଫୁଟାଇ ଦେବା ଫଳରେ ତାଟିକବାଟ ପଡ଼ିଯାଇଥିଲା । ସେମାନେ ବିଦ୍ୟୁତ୍ ସବ୍‌ଷ୍ଟେସନ୍‌ରୁ ଲାଇନ୍ କାଟିବା ସହ ଗାଁକୁ ଆସିଥିବା ଟେଲିଫୋନ୍ ସଂଯୋଗ କାଟିଦେଇଥିଲେ । ସେମାନେ ଆମ ଘରକୁ ଆସିବାବେଳକୁ ଘର ପଛବାଟେ ୟୁସୁଫ ଆସି ଆମ ପରିବାରର ସମସ୍ତଙ୍କୁ ନିଜ ଘରକୁ ପଠାଇ ସାରିଥିଲା । କେବଳ ମୋ ସାନଭଉଣୀ ଟ୍ୟୁସନରୁ ଫେରିନଥିଲା । ସେ ଫେରିବାବେଳକୁ ଗୋଟେ ମୁଖାପିନ୍ଧା ଲୋକ ତାକୁ ଗୋଡ଼ାଇ ଗୋଡ଼ାଇ ଆମ ଘର ଭିତରକୁ ନେଇ ଆସିଥିଲା । ସେ ହୁଏତ ହତ୍ୟା କରିଥାନ୍ତା ଏବଂ ତା' ପୂର୍ବରୁ ଧର୍ଷଣ କରିଥାନ୍ତା । ହେଲେ ସୌଭାଗ୍ୟକ୍ରମେ ପୂର୍ବରୁ ଘର ଭିତରେ ଛପି ରହିଥିଲା ୟୁସୁଫ ।

ଏଇଠି ୟୁସୁଫର କଣ୍ଠ ସାମାନ୍ୟ ଭାରି ହୋଇଆସିଲା, ଆଖି ସାମାନ୍ୟ ଛଳଛଳ ହୋଇଆସିଲା ।

'କ'ଣ କହି ସେ ଲୋକଟାକୁ ଭଗେଇଲି ମୁଁ ଜାଣୁ ଦୋସ୍ତ ?' ସେ କହିବାରେ ଲାଗିଲା- 'ଯେଉଁ ବାକ୍ୟଟି ମୁଁ ତାକୁ କହିଲି- ଆବେ ହାରାମଜାଦା- ନିକଲଯାଓ ୟହାଁସେ, ୟେ ମେରା ହେ- ମେଁ ଇସ୍‌କେ ଲିଏ ଇନ୍ତେଜାର କର ରହାଥା !'

ଲୋକଟା ହଡ଼ବଡ଼େଇ ଗଲେ ବି ନଯାଇ ବନ୍ଧୁକ ସଜେଇ ଠିଆ ହେବାରୁ ୟୁସୁଫ ବିଶ୍ୱାସ ଜନ୍ମେଇବା ପାଇଁ ମୋ ଭଉଣୀକୁ ବାନ୍ଧି ପକାଇଥିଲା ଓ ଖୁବ୍ ଉଚ୍ଚ ସ୍ୱରରେ ଚିତ୍କାର କରିଥିଲା-'ନିକଲ୍ ଯାଓ ।'

ଲୋକଟି ଚାଲିଯାଇଥିଲା, କାରଣ ଲୋକଟି ୟୁସୁଫକୁ ଏକ ଆତଙ୍କବାଦୀ ବୋଲି ଜାଣିଥିଲା । ତା'ପରେ ଘର ସାମ୍ନାରେ ସେମିତି ଜଗି ରହିଥିଲା ୟୁସୁଫ ।

କିଛି ସମୟ ପରେ ୟୁସୁଫ କହିଲା, 'ଚାଲ-ଆମ ଘରେ ତ ଆଜି ଖାଇବା ।'

❑❑❑

**୧ ଫେବୃଆରୀ ୧୯୬୨ରେ ଜନ୍ମଗ୍ରହଣ କରିଥିବା ସାରଦା ପ୍ରସାଦ ମିଶ୍ର ସାହିତ୍ୟର ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରିଥିଲେ ମଧ୍ୟ କ୍ଷୁଦ୍ରଗଳ୍ପ ହିଁ ତାଙ୍କୁ ବିଶେଷ ପରିଚିତି ଦେଇଛି । ଗଳ୍ପ, ଉପନ୍ୟାସ ଓ ଫିଚର ରଚନାରେ ସେ ଯେତେ ପରୀକ୍ଷା ନିରୀକ୍ଷା କରିଛନ୍ତି, ତା' କ୍ୱଚିତ କେହି କରିଥିବେ । ଓଡ଼ିଶା ସୂଚନା ସେବାର ଅଧିକାରୀ ସ୍ୱର୍ଗତ ମିଶ୍ର ଚାରିଜଣ ରାଜ୍ୟପାଳଙ୍କ ଜନସଂପର୍କ ଅଧିକାରୀ ଭାବେ ଦୀର୍ଘ ୧୫ ବର୍ଷ କାଳ କାର୍ଯ୍ୟ କରିବାର ବିରଳ ଅଭିଜ୍ଞତା ହାସଲ କରିଥିଲେ । 'ଉତ୍ତାନପାଦ', 'ଜୁଲି' ଓ 'ଜୀବାଶ୍ମ' ଉପନ୍ୟାସ; 'ଅପହଞ୍ଚ ଇଲାକାର ଅଧୀଶ୍ୱର', 'ରାତିର ଅଜବ ଦୃଶ୍ୟ', 'ଆହୁରି ଉପରକୁ ହାତ', 'ହୃଦୟାବର୍ତ୍ତ' ଇତ୍ୟାଦି ଗଳ୍ପ ସଂକଳନର ସଫଳ ସ୍ରଷ୍ଟା ସାରଦା ପ୍ରସାଦ ମିଶ୍ରଙ୍କର ଦୁଇଟି କବିତା ସଂକଳନ ମଧ୍ୟ ରହିଛି । ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର, ଟାଇମପାସ୍ ବୁକର୍ ସମ୍ମାନ, କାଦମ୍ବିନୀ ସମ୍ମାନ ଇତ୍ୟାଦି ଅନେକ ପୁରସ୍କାର ଓ ସମ୍ମାନର ଅଧିକାରୀ ସାରଦା ପ୍ରସାଦ ମିଶ୍ରଙ୍କର ୨୦୧୬ ମସିହାରେ ଅକାଳ ବିୟୋଗ ଓଡ଼ିଆ ସାହିତ୍ୟ ଜଗତ ପାଇଁ ଏକ ଅପୂରଣୀୟ କ୍ଷତି । ସ୍ୱର୍ଗତ ମିଶ୍ରଙ୍କ 'ହୃଦୟାବର୍ତ୍ତ' ଗଳ୍ପ ସଂକଳନରୁ 'ଆତଙ୍କବାଦୀ' ଗଳ୍ପଟିକୁ ଏଠାରେ ପୁନଃପ୍ରକାଶ କରିବାକୁ ଅନୁମତି ଦେଇଥିବାରୁ ତାଙ୍କ ସହଧର୍ମିଣୀ ସରସ୍ୱତୀ ଦେବୀଙ୍କ ନିକଟରେ ଉତ୍କଳାୟନ ସମ୍ପାଦକମଣ୍ଡଳୀ କୃତଜ୍ଞ ।**

# ପୋଡ଼ା ମାଟି

ଭୀମ ପୃଷ୍ଟି



ସମସ୍ତଙ୍କ ଦରଜା ବନ୍ଦ ଥାଏ । ନିଶା ଗର୍ଜୁଥାଏ । ଘରର ଜଳା କବାଟ ଦେଇ ଭାସିଆସେ ସେ କୁହୁକ-ବାସ୍ନା । ଆଖି ଲାଗି ଆସୁଥିବା ନିଦରୁ ଭିଡ଼ି ମୋଡ଼ି ହୋଇ ଉଠେ । ଉଠାଏ ଶୋଇସାରିଥିବା ତା' କୁଟୁମ୍ବଙ୍କୁ । ଭାବଭୋଳ ହୋଇ କୁହେ – 'ଗାଁ ଦାଣ୍ଡରେ ଧୂପ, ଝୁଣା, ଅଗୁରର ବାସନା ଚହଟି ଗଲାରେ । ଏବେ ମା' ରୋଶଣି କରି ଆସିବାର ବେଳା ହୋଇଗଲା ।'

– 'ହେଇ ଢୋଲ, କାହାଳୀ ବାଜିଲା । ଏଥରକ ପଟୁଆରରେ ମା' ଆସ୍ଥାନରୁ ବାହାରିଲେ । ଏହି ଶୁଣ, ଘୋଡ଼ା ଟପ୍ ଟାପ୍‌ର ଆବାଜ୍, କଳାଘୋଡ଼ା ଚଢ଼ି ମା' ଦାଣ୍ଡରେ ଚାଲିଯାଉଛନ୍ତି ।' ସେ ଢୋ କରି ମା' ପାଇଁ ତଳେ ମୁଣ୍ଡିଆ ମାରେ । ସାବଧାନ କରିଦିଏ – 'କେହି କବାଟ ଫିଟାଇ ମା'କୁ ଦେଖିବାକୁ ଚେଷ୍ଟା କରନାରେ । ଭେଟଣା ହେଲେ ଆଉ ଜୀବନ ଧରି ଫେରିବନି ।'

ତା' ଛଡ଼ା କାହାର ନାକରେ ସେ ବାସ୍ନା ବାଜି ନ ଥିଲା । କାହା କାନକୁ ଘୋଡ଼ା ଟାପୁ ଶବ୍ଦ ଶୁଭୁନଥିଲା । ତା' ଭୌତିକ କଥାରେ ସମସ୍ତେ ମାଟିକଣ୍ଢେଇ ଭଳି ବସିଥିଲେ । କେତେ ସମୟ ପରେ, ସେ ଯେପରି ଜାଣିପାରିଲା ଗାଁ ଦାଣ୍ଡରେ ଘଣ୍ଟା କାହାଳୀ ଘୋଡ଼ା ଟାପୁରେ ଶବ୍ଦ ମିଳେଇ ଗଲା । ସେ ସମସ୍ତଙ୍କୁ ଶୁଣାଏ – 'ମା'ଙ୍କ ପୀଠରେ ମୋ ହାତ ତିଆରି ମାଟିଘୋଡ଼ା ରାତିରେ ଜୀବନ ପାଉଛି । ଆମ ଗାଁର ଗ୍ରାମ ଦେବତୀ ମଙ୍ଗଳା ମା' ଗାଁ ଦାଣ୍ଡରେ ପହରା ଦେଇ ଆମ ସମସ୍ତଙ୍କୁ ଘଣ୍ଟ ଘୋଡ଼େଇ ରଖିଛନ୍ତି । ଆମ ନୂଆ ଗାଁକୁ କିଛି ବିପଦ ନାହିଁ । ଏବେ ସବୁ ଶୋଇପଡ଼ ।'

ତା' ଆଖିରେ ନିଦ ନ ଥିଲା । ତା' ମୁଣ୍ଡ ଭିତରେ ଯେପରି କୁମ୍ଭାର ଚକ ଘୂରୁଥିଏ । ନିଦ ଭିତରେ ନାନା ଚିନ୍ତା ଭାବନାର ମାଟିହାଣ୍ଡି ଗଢ଼ା ଚାଲିଥାଏ । ଏମିତି ତା' ଅଧାମରା ଅନିଦ୍ରାରେ ଅଧ ରାତିକୁ ହଜମ କଲା । ଗତ ରାତିର ଚାଲୁଥିବା ମାଟିଘୋଡ଼ା କଥା ସକାଳର ଖରାରେ ମିଳେଇଯାଏ । ଅଗଣାର ଚିକ୍କା ମାଟି ଉପରେ ସେ କୁଦି ଚକଟୁଥାଏ, ତା' ଦି' କାନ ସନ୍ଧିରୁ ଝାଳ ନିଗିଡ଼ି ଛାତିପେଟ ଦେଇ ଅଣ୍ଟାତଳର ଗାମୁଛାକୁ ଓଦା କରୁଥାଏ । ଆଗକୁ ଚୈତ୍ର ମେଳା । ମଙ୍ଗଳାଙ୍କ ପାଖରେ ମାନସିକ କରିଥିବା ଲୋକ ମାଟିଘୋଡ଼ା ପାଇଁ

ତା' ପାଖକୁ ଆସିବେ । ଅନେକ ମାଟିଘୋଡ଼ା ତାକୁ ତିଆରି କରିବାର ଅଛି । ମାଟି ଚକଟା କାମଟା ଜଲଦି ଜଲଦି ସାରିବାକୁ ବସିଲା । ଚକଟା ମାଟି ଭିତରେ ହାତ ପୂରେଇ ଗୋଡ଼ି ବାଛୁଥିଲା ମନ୍ଦର । ସେ ମାଟିରେ କିଛି ବାଲି ମିଶେଇ ପାଗ କରୁ କରୁ ମନ୍ଦରକୁ ବୁଝାଏ – 'ଦେଖ । ଗୋଡ଼ିଗୁଡ଼ାକୁ ବାଛି ଏ ମାଟିକୁ ଲହୁଣୀ ଭଳି କରି ପାରିଲେ ଆମର ଭଲ କାମ ଉଠିବ । ଦି' ପଇସା ହେବ । ଏ ମାଟି କଞ୍ଚା ବେଳେ ସ୍ତ୍ରୀ ଲୋକ । ପୋଡ଼ିଗଲେ ପୁରୁଷ । ଏ ମାଟି ଆମର ଭାତକଂସା ।'

ମାଟିରୁ ଗୋଡ଼ି ବାଛି ସାରି ମନ୍ଦର ଉଠି ଠିଆ ହେଲା । ବାରତେର ବର୍ଷର ପିଲାଟା । ଖଟିବ ତ କେତେ ଖଟିବ ! ସେ ମନ୍ଦରକୁ ଗାଧୋଇବା ପାଇଁ ପଠାଇଦେଲା । ମନ୍ଦର ନୂଆ ପୋଖରୀ ଆଡ଼େ ଚାଲିଲା । ସେ ମାଟି ଛାଡୁ ନଥାଏ । ଗୋଡ଼ିବଛା ଚକଟା ମାଟିରେ ବାଲି ପାଣି ଦେଇ ଗୋଟେ ଗୋଟେ ପିଣ୍ଡୁଳା କରି ଅଗଣାରୁ ଶାଳଘରେ କୁମ୍ଭାରଚକି ପାଖରେ ରଖିଲା । ଓଦା ଅଖା ଘୋଡ଼ାଇ ଦେଲା । ଟିକେ ନାଲି ଚା' ପିଇଲା । ଝାଡ଼ା ବସିଲା ଭଳି କୁମ୍ଭାର ଚକ ପାଖରେ ବସି ସାଇଁ କରି ଚକ ଘୂରେଇ ଦେଲା । ସାଇଁ ସାଇଁ ଚକ ଘୂରୁଥାଏ । ତା' ମଝିରେ ଟେଳାଏ କାଦୁଅ ଥୁଏ, ପାଣି ହାତ କରି ଦି' ହାତର ଆଙ୍ଗୁଠିରେ ଘୂରୁଥିବା ମାଟି ଭିତରେ ଗାତ କରେ । ତା' ଆଙ୍ଗୁଠିର କରାମତି, ପାଖରେ ଘୂରନ୍ତା ଚକି – ତା' ଭିତରୁ ବାହାରି ପଡ଼େ ମାଟିହାଣ୍ଡି । ସେ ପାଣି ହାତ କରି ହାଣ୍ଡିର ଫେନ୍ଦ ବାହାର କରି ସରୁ ପ୍ଲାଷ୍ଟିକ ସୂତାରେ ଚକି ଉପରୁ ହାଣ୍ଡିତଳି କାଟି ଆଣି ତଳେ ଥୋଇଦିଏ ।

କୁମ୍ଭାର ଚକକୁ ମଝିରେ ମଝିରେ ସେ ଘୂରେଇ ଦିଏ । ମାଟିର ପରିମାଣ, ହାତ ଆଙ୍ଗୁଠିର ମୁଦ୍ରାରେ ସେ ତିଆରି କରିଚାଲେ – ହାଣ୍ଡି, ଆଟିକା, ପଲମ, ଘୋଡ଼ଣି, କଳସୀ, ଦୀପ କି ଫୁଲଦାନି । ଏସବୁ ଲହଣୀପିତୁଳା ମାଟିକାମ ପାଇଁ ପୋଡ଼ା ହେବା ଆଗରୁ ଦର୍କାର ଥିବ ଟିକେ ଖରା ଆଉଁଶା । ସେହି କାମ କରେ ମନ୍ଦର ।

ମନ୍ଦର ଗାଧୋଇ ଘରକୁ ଫେରିବ କ'ଣ ? ଗାଁ ଠାକୁରାଣୀ ମଙ୍ଗଳା କୋଚିଲା ଗଛରେ ଡେରି ହୋଇ ଯେଉଁ ସିନ୍ଦୂର ବୋଳି ବସିଥିଲେ । ତାଙ୍କ ରୂପାଆଖି ସହିତ ଆଖି ମିଳେଇ ଛିଡ଼ା ହୋଇଥାଏ ମନ୍ଦର । ମା'ର ସାମ୍ନା ବେଲଗଛ ମୂଳେ ଚଇତି ମେଳାରେ ଲୋକଙ୍କ ମାନସିକର ମାଟି ଘୋଡ଼ା ସବୁ ଭଙ୍ଗାତୁଟା ହୋଇ ପଡ଼ିଥାଏ । ସନ୍ ସନ୍ ପବନରେ ତା' ଦେହ ଶୀତେଇ ଯାଏ । ଗୋଟେ କଥା ବୁଝିପାରୁ ନଥାଏ – ଏ ପଥର ମଙ୍ଗଳା ରାତିରେ କିପରି ଜିଅନ୍ତା ଦେବୀ ପାଲଟେ ? ଭଙ୍ଗା ମାଟିଘୋଡ଼ା ମାଡ଼ି ହୋଇ ଜିଇଁ ଛିଡ଼ାହୁଏ ! ଠକ୍ ଠକ୍ କରି ଗାଁ ଦାଣ୍ଡରେ ଦେବୀଙ୍କୁ ପିଠିରେ ବସେଇ ଚାଲିଯାଏ ! ନିଜ ଆଖିରେ ଦେଖିଛି କିଏ ? ଶୁଣାକଥାରେ ବିଶ୍ୱାସ, ଅବିଶ୍ୱାସର ପହେଳି ଭିତରୁ ମନ୍ଦର ବାହାରି ଆସେ । ସେୟାଡ଼େ ଖରାପଡ଼ି ଯାଉଥାଏ । ତା' ହାତଶୁଖାକୁ ଅପେକ୍ଷା କରିଥିବ କଞ୍ଚା ହାଣ୍ଡି । ନୂଆ ପୋଖରୀରେ ବୁଡ଼ମାରି ଫେରେ ।

ଦିନେ ରାତିରେ ମନ୍ଦରକୁ ଡାକି ସେ ତା' ବିଛଣାରେ ବସେଇଲା । ସେ ଧଇଁ ପେଲୁଥିଲା । କୁମ୍ଭାର ଚକି ପାଖରେ ସାରା ଜୀବନ ନଇଁ ବସି କାମ କରିବାରେ ତା' ଅଣ୍ଟା ଅଖଞ୍ଜ ହୋଇ ଆସୁଥିଲା । ନିଜ ମାଟିକାମ ମନ୍ଦର ହାତରେ କା' ଭଳି ଧରେଇ ଦେବାକୁ ସେ ଫନ୍ଦି ଖେଳିଲା – 'ମୋର ଛୁଆପିଲା ନ ହେବାରୁ ମୋ ବଡ଼ଭଉଣୀଠୁ ତୋତେ ପୁଅ କରି ଆଣିଲି । ତୋ' ପାଇଁ ମୋର କର୍ତ୍ତବ୍ୟର ବେଳ ଆସିଗଲା । ଭାବିଛି, ତୋ ବାହାଘର କରିଦେବି । ଖୋର୍ଦ୍ଧାର ଲେଆଳ ଗାଁରୁ ପ୍ରସ୍ତାବ ଆସିଛି । ଆଗଲା ଆଶ୍ୱିନ ମାସରେ ତୋ' ବାହାଘର ।'

ନିଜ ବାହାଘର କଥା ଶୁଣି ମନ୍ଦର ଶିର୍‌ଶିରେଇ ଗଲା । ଦେହରେ ଧୀମା ଆଞ୍ଚର ନିଆଁ ଚରିଗଲା । ତା' ତଣ୍ଟି ଶୁଖିଶୁଖି ଗଲା । ଗୋଟେ ନୂଆ ଝିଅର ଦେହର ବାସନା । ତା' ହାତଛୁଆଁ । ସେମାନଙ୍କ କୁଆଁ କୁଆଁ ଡାକୁଥିବା ଛୁଆ- ଏସବୁ କଥା ଭାବି ମନ୍ଦର ମାଟିକଳସୀ ଭଳି ଭାଟିରେ ଗରମ ହେଲା ବେଳକୁ ସେ ବୈରାଗ୍ୟ ଓକାଳି ଚାଲିଲା । – 'ଦେଖ ବାବୁ । ଏ ଦୁନିଆ କୁମ୍ଭାରଚକ । ବୁଲୁଛି ବୋଲି ତିଆରି ଚାଲିଛି । ମାଟିହାଣ୍ଡି ମଣିଷ । ଗଢ଼ା ହୁଏ । ଭାଙ୍ଗେ ପୁଣି ତିଆରି ଚାଲେ । ଭଙ୍ଗାହାଣ୍ଡି ପରି କାଲିକି ମୋ ଅବସ୍ଥା ।' ଏହାପରେ ତୋ' ସଂସାର ବଢ଼ିବ । କେବଳ ଚକିରେ ଗଢ଼ି ଭାଟିରେ ପୋଡ଼ି ଗାଁ ଗହଳିରେ ବିକିଲେ ଯାଇଁ ସଂସାର ଚାଲିବ ।

ସଂସାର କଥା ଶୁଣି ମନ୍ଦର ଛାନିଆ ହୋଇଗଲା । ଏଥରକ ଜୋର୍ ଜୋର୍‌ରେ ଚକି ଘୂରାଏ । ପାଣି ସର୍‌ସର୍ ହାତରେ ମାଟିକୁ ଆକାର ଦିଏ, ଶୁଖାଏ । ଭାଟିରେ ପୋଡ଼େ । ଭାର କରି ନୂଆଗାଁରୁ ପାଞ୍ଚକୋଶ ଦଶକୋଶ ଫେରିରେ ବାହାରିପଡ଼େ । କାହିଁ ମେଣ୍ଢାଶାଳ, କୁଆବେଣ୍ଡା, ଜଟଣୀ ପର୍ଯ୍ୟନ୍ତ ଭାର ବୋହି ଚାଲେ । ଦିନ ସାରା ଭାରେ ହାଣ୍ଡି ତିନିଟଙ୍କା ବିକିଥାଏ । ବୁଢ଼ାକୁ ଦୁଇଟଙ୍କା ଧରାଏ । ଟଙ୍କାଏ ତା' ଆଗଲା ସଂସାର ପାଇଁ ସଞ୍ଚେ ।

ସାଇକେଲିଆ ବରଯାତ୍ରୀ ଧରି ପାଲିଙ୍କିରେ ବସି ମନ୍ଦର ଯେଉଁଦିନ ବାହା ହେବାକୁ ଲେଆଳ ଗାଁ ଚାଲିଲା, ସେହିଦିନ ଫେରିଲା ବେଳକୁ ଏକା ଫେରିଲା । ତା'କୁ କୁହାଗଲା - ତା' ସ୍ତ୍ରୀ ଚଞ୍ଚଳାକୁ ଏବେ ବାରବର୍ଷ ବୟସ । ଘରଯୋଗ୍ୟା ହେଲେ ଶାଶୂଘର ଫେରିବ ।

ଚଞ୍ଚଳା ଘରଯୋଗ୍ୟା ହେବାର ଦିନ ଯେତେ ଡେରି ହୋଇଥାଏ, ମନ୍ଦର ସେତେସେତେ ଉଚ୍ଛାଟିଆ ହେଉଥାଏ । କୁମ୍ଭାର ଚକି, ଭାଟି, ଗାଁକୁ ଗାଁ ଫେରିକାମ ଭିତରେ ଗୋଟେ ଯୁଗଭଳି କଟିଗଲା ଅଢ଼େଇ ବର୍ଷ । ଶେଷରେ ଲେଆଳରୁ ସବାରୀ ଚଢ଼ି ନୂଆଗାଁରେ ପହଞ୍ଚିଲା ଚଞ୍ଚଳା । ତା'ରି ହାତଗଢ଼ା ଦୀପ ଆଲୁଅରେ ଦେଖିଲା - ବାଙ୍ଗର ଟାଙ୍ଗର, କୁନ୍ଦିଲା କାନ୍ଦିଲା କଳା ମାଟିକଳସୀ ଭଳି ଚଞ୍ଚଳା । ଦେହର ରଙ୍ଗଠୁ ମୁହଁର ତେଜରେ ପହଁରୁ ଥିଲା ଦି'ଟା ମାଛ ଆଖି । - 'ତୋତେ ମାଟିହାଣ୍ଡି ଗଢ଼ିଆସେ ?' ଚଉଠି ରାତିରେ ମନ୍ଦର ଏ ପ୍ରଥମ କଥା ପଦକରେ ଚଞ୍ଚଳା ମନେମନେ ବହେ ହସିଲା । ସେ ଖୋର୍ଦ୍ଧାର ଗଡ଼ଜାତ ଏରିୟାର ଝିଅ । ଜଙ୍ଗଲ ପାଖ ଏ ନୂଆଗାଁର କୁମ୍ଭାରଟି ସତରେ ଥିଲା ଜଙ୍ଗଲୀ । ପ୍ରଥମ ରାତିରେ ତ କିଛି ମିଠା କଥା ନାହିଁ, ସେଇ ହାଣ୍ଡିଆଟିକା କଥା ! ଯାହା ହେଲେ ବି ଏ ଲୋକ ସରଳିଆ । କାମିକା । ଚଞ୍ଚଳା ବି କମ୍ କୁମ୍ଭାରୁଣୀ ନ ଥିଲା । ବାପା ଦାଦା ସ୍ତ୍ରୀ ଲୋକଙ୍କୁ ହାଣ୍ଡିଗଢ଼ା କାମରେ ରଖି ନ ଥିଲେ । ତା' ମା' ସହିତ ମିଶି ସେ ଦୀପଗଢ଼ା ଜାଣିଥିଲା ।

ଦୀପଗଢ଼ା କଥା ଜାଣି ମନ୍ଦରର ଛାତି କୁଣ୍ଢେ ମୋଟ ହୋଇଗଲା । ବଜାରରେ ମାଟିଦୀପର ସବୁବେଳେ କାଟ୍ତି ଥିଲା । ହଜାର ହଜାର ମନ୍ଦିର, ତା' ଭିତରେ ଲୋକଙ୍କ ନାନା କ୍ରିୟାକର୍ମ । ଦୀପାବଳୀ କି ବାହାଘରରେ ଖୋଜା ହେଉଥାଏ ମାଟିଦୀପ । ମନ୍ଦର ଚଞ୍ଚଳାର ଦି' ହାତକୁ ନିଜ ହାତ ଭିତରକୁ ନେଲା । ତା'ର ଆଙ୍ଗୁଠିଗୁଡ଼ିକ ସାନ ଥିଲା । ହେଲେ କଞ୍ଚା ମାଟି ଭଳି ନରମ ଥିଲା । ମାଟି ଗଢ଼ି ବଞ୍ଚିଥିବା ଲୋକର ଦଶଟା ଆଙ୍ଗୁଳିଠୁ ବଡ଼ କିଛି ନାହିଁ, ନିଜ ଦଶ ଆଙ୍ଗୁଠିରେ ଚଞ୍ଚଳାର ଦଶ ଆଙ୍ଗୁଠିକୁ ରଖି ମୁଠା କଲା । ମନ୍ଦର ନ ଥିଲେ କେବଳ ଦୀପ ଗଢ଼ି ଚଞ୍ଚଳା ସମ୍ଭାଳି ନେବ ସଂସାର । ରାତି ବଢ଼ିଲା । ସେମାନଙ୍କ କୋଡ଼ିଏ ଗୋଟି ଆଙ୍ଗୁଳି ଝାଳ ସର ସର ହେଲା । ଧୀରେ ଧୀରେ ଦୁହିଁଙ୍କ ଆଙ୍ଗୁଠି କାଦୁଅ ବୋଳରେ ବୁଡ଼ିଗଲା । ଏମିତିରେ ବାସର ରାତି ପାହିଲା ।

ସେପର୍ଯ୍ୟନ୍ତ ନାନା ରୋଗ ବଇରାଗରେ ଘାଣ୍ଟି ହୋଇ ବଞ୍ଚିଥିଲା, ହେଲେ ମନ୍ଦରର ପ୍ରଥମ ଝିଅଟିଏ ହେଲାପରେ ସେ ହା' ହୁତାଶ ହୋଇ ମରିବା ଆଡ଼େ ଗଡ଼ିଚାଲିଲା । ସେ ବାଉଳିଚାଉଳି ହେଉଥାଏ - ନାତିଟିଏ ହୋଇଥିଲେ ଏ କୁଳକୁ ବିହନ ହୋଇଥାନ୍ତା । ଯଦି ତା' ବଂଶ ରହିବନି ତେବେ ମନ୍ଦରକୁ ପୁଅକରି ଆଣୁଥିଲା କାହିଁକି ? ପୋଷ୍ୟପୁତ୍ରର ଦଲିଲ ଧରି ମନ୍ଦର ବିକଳ ହୋଇ ବୁଝାଇ ମରଣ ଶେଯ ପାଖରେ ଛିଡ଼ା ହେଲା । ଟିପ ଦେବ କ'ଣ ସେ ଛି'ଛି' କରି ଫେରାଇ ଦେଲା । ପୁଅ ପୁଅ ହୋଇ ତା' ଆତ୍ମା ଛଟପଟ ହୋଇ ମାଟିହାଣ୍ଡି ଭଳି ଚୂନା ହୋଇଗଲା ।

ଗୋଟେ ଘରୁ ଅନ୍ୟଘରକୁ ପୁଅ ହୋଇଥିବା ଲୋକ ନାଁରେ ଯଦି କାଗଜପତ୍ର ନାହିଁ, ସେ ଏ କୁଳର କି ସେ କୁଳର ? ତା'କୁ ନେଇ ସେହି ଖଞ୍ଜାରେ ଫୁସରଫାସର ଚାଲିଲା । ବୁଢ଼ାର କୁଟୁମ୍ବରେ ରାତିଅଧିଆ ମନ୍ତ୍ରଣା । ଭାଇଭଉଣୀମାନେ ତା'କୁ ସେଠୁ ହଟେଇବାର ଷଡ଼ଯନ୍ତ୍ରର ଗନ୍ଧ ତା' ଚାରିପାଖରେ ଭାସିବୁଲିଲା । ତା' ଭିତରେ ଲାଗ୍‌ଲାଗ୍ ତା'ର ଦି' ପୁଅ ହେଲା । ବଡ଼ପୁଅ ଯେତେବେଳେ ଠୁକ୍ ଠୁକ୍ ଚାଲିରେ ମାଟି ଗୋଳେଇ ହେଲା ବେଳକୁ ଆସିଲା ସାନପୁଅ, ସଂସାର ବଢ଼ିଲା । ତା' ସଂସାରକୁ ଉଚ୍ଛନ୍ନ କରିବାକୁ ଠାଉରିଆମାନେ ଦିନେ ତା' ଘରେ ଚୋର ପଶେଇଦେଲେ । ଘରେ ଯାହା ଥିଲା ବାସନକୁସନ, ସୁନା ରୂପା ସବୁ ନେଇଗଲେ ।

ମନ୍ଦର ଦିନାକେତେ ଧନହୀନ ହୋଇ ଭାବୁକ ହେଲା । ହେଲେ କୁମ୍ଭାର ଚକି ପାଖରେ ମାଟିଗଢ଼ା, ପୋଡ଼ା, ବିକା କାମରେ ନାକ ଲଗେଇ ରହିଲା । ଦେଖୁଥାଏ-ଚଞ୍ଚଳା ଓ ତା' ପିଲାମାନେ ଗୋଟିଏ ଖଞ୍ଜାରେ ଭାଇ ଭଗାରି ଦାଉରେ କାନ୍ଦୁଣୁମାନ୍ଦୁଣୁ । ଥିଲା ଥିଲା ସେ କୁଟୁମ୍ବର ଗୋଟେ ଦାଦା ନେଖାର ହୁମୁକାଟିଆ ପୁଅ ଆସି କଣ୍ଟା ବାଡ଼ରେ ଲୁଗା ପକେଇଲା - 'ଶୁଣୁଛି, ଏ ଜାଗାକୁ ପାଟିସନ୍ କରିବ ? ତୁମ ନାଁରେ କାଗଜପତ୍ର ଅଛି ? ଯେତେ ଶୀଘ୍ର ପାର ଏ ଜାଗା ଛାଡ଼ ।'

ମନ୍ଦର ଦିନେ ପୁଅ ଝିଅକୁ ଦି ହାତରେ ଧଇଲା । ଚଞ୍ଚଳା ସାନପୁଅକୁ କାଖେଇଲା । ସେ ରହୁଥିବା ଘର, କୁମ୍ଭାରଚକି, ଭାଟି ଆଉ ନୂଆଗାଁ ଛାଡ଼ିଲା । ସେହି ବେଘର ଫୁର୍‌ଫୁର୍ ଅଭାବୀ ଦଳଟି ମେଣ୍ଢାଶାଳ ଛକ ପାଖ ଛଟାବର ଗାଁରେ ପହଞ୍ଚିଲେ । ସର୍କାରୀ ଜାଗାରେ ଘରଟେ ବନାଇବାକୁ ଖୁଣ୍ଟ ପୋତିଲେ । କୁମ୍ଭାରପୁଅ ଯେଉଁଠି ରହିବ ମାଟିଗଢ଼ି ପେଟପୋଷିବ । ତା' ସଚରାଚରେ ମାଟି ହିଁ ମାଟି ଦେଖାଯାଉଥିଲା ହେଲେ ସେଠି ତା'କୁ ମିଳିଲାନି ଟେଳାଏ ହାଣ୍ଡିଗଢ଼ା ମାଟି । ମନ୍ଦର ସେ ଜାଗା ଛାଡ଼ିଲା । ଚିହ୍ନା ପରିଚୟକୁ ଧରାଧରି କରି ଗୋଟେ ପିଡବ୍ଲୁଡି ଅଫିସରେ ଅସ୍ଥାୟୀ ଟହଲିଆ ହେବାକୁ ଚାଲିଲା । ଭଙ୍ଗା ଗ୍ୟାରେଜ୍ ଘରେ ପରିବାରକୁ ଥାକିଦେଲା । ବାବୁଙ୍କ ପାଇଁ ଚା ପାଣି, ପାନ ସିଗାରେଟ, ଫାଇଲ ଧରା କାମରେ ମାସକ ମଜୁରି ଅପେକ୍ଷାରେ ଧାରକରଜରେ ବୁଡ଼ି ରହିଲା । ପିଏମ୍‌ଜି ଛକରେ ଦିନେ

ନୂଆଗାଁର ତା' ମଇତ୍ର ସହ ଦେଖାହେଲା । ମଇତ୍ରର ବାପା ତା'କୁ କର୍ଣ୍ଣମନ୍ତ୍ର ଦେଇଥିବା କୁଟୁମ୍ବଙ୍କ ଗୁରୁ ଥିଲା । ତା' ପୁଅ ସହ ସେ ମଇତ୍ର ବସିଥିଲା । ମଇତ୍ର କହିଲା – 'ଗାଁ ଛାଡ଼ି ବାର ଗାଁ ବୁଲୁଛୁ । ଅଫିସରେ ଅଇଁଠା ଗ୍ଲାସ ଉଠାଉଛୁ । ତୁ ମାଟିହାଣ୍ଡି ଗଢ଼ିବା କଥା । ଏ କ'ଣ କରୁଛୁ ? ଚାଲ୍ ମୁଁ ଅଧଗୁଣ୍ଠେ ଜମି ମାଗଣାରେ ତୋ' ନାଁରେ ଲେଖିଦେବି । ନୂଆଁଗାଁରେ ହାଣ୍ଡି ଆଟିକା କରି ଭଲରେ ଚଳିବୁ ।

ନିଜ ଗାଁରେ ମନ୍ଦର ଘର କଲା । ହେଲେ ଏକ ଘରକିଆ ହୋଇଗଲା । ସମସ୍ତେ ଫୁସୁରୁଫାସର ହେଲେ – 'ଏ ଗାଁ ଛାଡ଼ି ଥିଲା, ଫେରିଲା କାହିଁକି ?' କେହି ତା'କୁ ପାଖରେ ବସେଇ ଦେଲେ ନାହିଁ । ଯେଉଁ କେତେଟା ହାଣ୍ଡିଆଟିକା ଗଢ଼ିଲା, କେହି ସେମାନଙ୍କ ଉହାରେ ତାକୁ ପୋଡ଼ିବାକୁ ଦେଲେନି । ତା' ନଇଁ ପଡୁଥିବା ବହପକୁ ମନ୍ଦର ଶକ୍ତ କଲା । ନିଜର ଚେନାଏ ଅଗଣାରେ ଅଣ୍ଟାଭିଡ଼ି ତିଆରି କଲା ଗୋଟେ ଛୋଟ ଭାଟି । ଚଞ୍ଚଳା ସେ ମାଟି ଭାଟିକୁ ଗୋବର ପାଣିରେ ଲିପାପୋଛା କରି, ଝୋଟି ପକେଇ, ଫୁଲଫଳ ଦେଇ ପୂଜା କଲା, ଜାଳକାଠ ଦେଇ ଭାଟିକୁ ଗରମ କଲା । ଯେଉଁ ଦିନ ନୂଆଗାଁ ଆକାଶରେ ତା' ଭାଟିରୁ ଧୂଆଁ ଖେଳେଇ ମେଳେଇ ଗଲା, ଏବେ ସେ ନୂଆ ଚାରା ପକେଇଲେ କଅଁଳି ଉଠିବ – ମନ୍ଦର ମନେ ମନେ ହସିଲା ।

ହାଣ୍ଡି ଆଟିକା ଗଢ଼ା, ଅନ୍ୟ ଜମିରେ ଧାନକାଟି ଘରକୁ ଅମଳ ଆଣିବା – କେଉଁଥିରେ ଘରଖର୍ଚ୍ଚ ଭରୁ ନଥିବା ବେଳେ ଲଳିତ କଳା ଏକାଡେମୀ ସଂସ୍ଥାରୁ ତାକୁ ଡାକରା ଆସିଲା । ସେଠି ମୃତ୍ତିକା ଶିଳ୍ପ ଉପରେ ଗୋଟିଏ କ୍ୟାମ୍ପ ପଡ଼ିଥିଲା । ପୋଡ଼ାମାଟିର ଆକାର ପ୍ରକାର, ମାଟି କାମର ନୂଆ ତରିକା ଦେଖି ମନ୍ଦର ତାଜୁବ ହୋଇଗଲା । କେଉଁଠି କୁମ୍ଭାର ଚକିରେ ତିଆରି ଚାଲିଥିଲା । କେଉଁଠି ମୃର୍ତ୍ତିକା ଶିଳ୍ପ ଉପରେ ଭାଷଣ ଚାଲିଥିଲା । କେଉଁଠି ମାଟିକାମର ପ୍ରଦର୍ଶନୀ ଲାଗିଥିଲା । ଦେବାଦେବୀ, ମଣିଷ, ପଶୁପକ୍ଷୀ, ମାଳ ଦୀପର ରୁଖା, ହାତୀଘୋଡ଼ା, ଫୁଲଦାନିଠୁ ମାଟିପୋଡ଼ା ଗେରୁଆ ରଙ୍ଗର ହରେକ ରକମ ଘର ସଜାର ମାଟିକାମ !

– ଏ ସବୁ ଟେରାକୋଟା । ତା' ପଛରେ ଛିଡ଼ା ହୋଇଥିଲେ କାଳନ୍ଦୀ ମଉସା । ସେ ବୁଝାଇ ଦେଲେ । ସେ ମୟୂରଭଞ୍ଜରୁ କ୍ୟାମ୍ପକୁ ଆସିଥିଲେ । ଟେରାକୋଟାର ଜଣେ ଗୁରୁ । ସେହି କାଳନ୍ଦୀ ମଉସା ତାକୁ ବୁଝେଇ ଦେଲେ – 'ଏ ଟେରାକୋଟା ବହୁତ ପୁରୁଣା । ମହଞ୍ଜୋଦାର ହରପ୍ପା ସଭ୍ୟତାରୁ ଏ ମିଳୁଛି । ସେଠି ମାଟି ଖୋଳା ହୋଇ ମାଟିପାତ୍ର, ଖପରା ସବୁ ବାହାରିଛି । ଯେତେବେଳେ ଦୁନିଆକୁ ନିଆଁ ଆସିଛି, ଖାଦ୍ୟ ସିଝେଇ ଖାଇବା ସମୟ ଆସିଛି, ବୁଲା ଫକୀର ମଣିଷ ଗାଁ ବସେଇଛି । ସେ ସାଙ୍ଗକୁ ଆଣିଛି ମାଟିପାତ୍ର, ମାଟି ଗହଣା, ମାଟି ଖେଳଣା । ଯେତେବେଳେ ଲୁହା, ଆଲୁମିନିୟମ, ଷ୍ଟିଲ୍‌ର ସମୟ ଆସିଛି, ତା'ପରେ ବି ମାଟି ଜିନିଷର ମୂଲ୍ୟ ବଢ଼ିଛି । ଟେରାକୋଟାର ଆଦର ବଢ଼ିଛି । ଏସବୁ ଟେରାକୋଟା ସହରୀ ମାର୍କେଟ ଖାଉଛି ।

କ୍ୟାମ୍ପରୁ ଫେରି ମନ୍ଦର ଯେପରି ଅଲଗା ମନ୍ଦର ହୋଇ ଫେରିଲା । ଆଣିଥିବା ଟେରାକୋଟା ମଣିଷ କଣ୍ଢେଇ ସବୁ ପିଲାମାନଙ୍କ ହାତରେ ଦେଲା । ଚଞ୍ଚଳା ହାତରେ ଧରେଇ ଦେଲା ଅନ୍ତଲ ପେଟୁଆ ମାଟିଗଣେଶ । କହିଲା – 'ଏ ସବୁ ଟେରାକୋଟା । ଆମେ ସମସ୍ତେ ଏହାକୁ ଗଢ଼ିବା ।'

ମନ୍ଦରର ଶୟନେ ସ୍ୱପନେ ଟେରାକୋଟା ଛାଇଗଲା । କେବଳ ହାଣ୍ଡି ଆଟିକା ନୁହେଁ, ମଗଜ ଖଟେଇ ଆଙ୍ଗୁଳିର କୌଶଳରେ ଜଗତର ସବୁ ଜିନିଷକୁ ମାଟି କଣ୍ଢେଇରେ ସେ ଗଢ଼ିଦେଇ ପାରିବ । ମନ୍ଦର ଭିତରେ ନୂଆ ନିଶା । ନୂଆ ପାଗଳାମି । କୁମ୍ଭାର ଚକି କାମ କମ୍ ରହିଲା । ମାଟି ସହିତ ଖେଳିଖେଳି ଶିଳ୍ପୀ ଭଳି ତା' ଭିତରୁ ଟେରାକୋଟାର କାମ ବାହାର କରି ଚାଲିଲା । ମାଟିହାଣ୍ଡି କଳସୀ କି ଦୀପ ନେବାକୁ ଆସିଥିବା ଗରାଖ ଫେରିଲେ । ନୂଆ ଗାଁ ଲୋକେ ତା' କାମକୁ ଦେଖି ଥଟ୍ଟା ହେଲେ – ଏ ଟେରାକୋଟା ନା ଚିତାକଟା ।

ଏସବୁ ଶୁଣିବାକୁ ମନ୍ଦରର କାନ ନ ଥିଲା । ସେ ତା'ର ମଗଜ ଓ ଦୁଇହାତ ଲଗେଇ ତା' କାମ ଉପରେ ନଇଁ ପଡ଼ିଥିଲା । ପ୍ରତିମା ମୁହଁକୁ ସରୁ ବାଉଁଶ ପାତିଆରେ ଖେଞ୍ଚି ଆକାର ଦେଇ ଚାଲିଥିଲା । ଭାବୁଥିଲା ସେ ଯେପରି ଅନ୍ୟମାନଙ୍କ କାମ ପରି ନିଜ କାମକୁ ସରସ କରି ପାରୁନି । କାମଟା ଆହୁରି ଶିଖିବାକୁ ସେ ମେଳାକୁ ମେଳା ଯାଉଥିଲା । କ୍ୟାମ୍ପରେ କାମସବୁ ଦେଖୁଥିଲା । ହାତୀ, ଗଣେଶ ଟେରାକୋଟା କାମର ଡିଜାଇନ୍‌ର ଆଇଡିଆ ନେବାକୁ ଘଟଗାଁ ହଳଧରପୁର ଗାଁକୁ ଧାଇଁଲା । ମନ ଲଗେଇ ସେହି କାମରେ ଘାଣ୍ଟି ହେଲା । ତା' ଟେରାକୋଟା ନେଇ ମେଳାକୁ ମେଳା ଚାଲିଲା । ଥରେ ମେଳାରେ ଟେରାକୋଟାର ଜଣେ ଗୁରୁ ତା' କାନ୍ଧରେ ହାତ ପକେଇ କହିଲେ- ଯା ହେଉ ବିନା ତାଲିମରେ ଗୋଟେ ମାଟିହାଣ୍ଡି ଗଢ଼ା କୁମ୍ଭାର ଟେରାକୋଟାର ଫିନିସିଂ କାମ କରି ପାରୁଛି ।

ମନ୍ଦର ଏକାଡେମୀର ଡକରା ପାଇ ଚାଲିଲା ତା' ଟେରାକୋଟା ଧରି ଦିଲ୍ଲୀ ମେଳା, ବିହାର ମେଳା, ଗୁଜୁରାଟ ମେଳା, ଭାରତର ମେଳାକୁ ମେଳା । ତା' କାମର ଚାହିଦା ବଢ଼ିଲା । ଘର ଦୁଆରେ ଗରାଖଙ୍କ ଗାଡ଼ି ଲାଗିଲା । ବଡ଼ ବଡ଼ ହୋଟେଲବାଲା, ମଲ୍ ବାଲା, ଅଫିସ ବାଲା । ଅର୍ଡର ଅନୁସାରେ କାହାର ବଡ଼ ବଡ଼ ହାତୀ ଦର୍କାର । କାହାର ଯୋଡ଼େ ବଡ଼ ଘୋଡ଼ା, କିଏ ବଡ଼ ଦୀପ ଦଣ୍ଡରେ ଶହେ ଦୀପ କାମ ଖୋଜୁଥିଲା ତ କିଏ ଗଣେଶ, ନର୍ତ୍ତକୀ, ବଡ଼ ଫୁଲଦାନି । ଟେରାକୋଟାରେ ନିଜ ଜାଗାକୁ ନୂଆ ଚାହାଣି ଦେବାକୁ ଯେତେବେଳେ ବଡ଼ ବଡ଼ ଅର୍ଡର ଆସୁଥିଲା, ତା'ର ସାରା ପରିବାର ଟେରାକୋଟା ପାଇଁ ମାଟି ହୋଇ ଚାଲିଲେ । ପୁଅମାନେ ମାଟି ଚକଟି ପାଗ କରୁଥିଲେ । ମନ୍ଦର କଞ୍ଚା ଟେରାକୋଟା ଉପରେ କୁଟିକମରେ ଲାଗିଥିଲା । ଚଞ୍ଚଳା ଭାଟିରେ କାଠ ଦେଇ ନିଆଁ ଧରାଉଥିଲା । ପୋଡ଼ା ହୋଇ ଥଣ୍ଡା ହେଲାପରେ ତା' ଉପରେ ରଙ୍ଗ ବୋଳି ଆହୁରି ଚକମକ୍ କରି ଦେଉଥିଲା ଚଞ୍ଚଳା ।

ସେତେବେଳେ ଝିଅର ବାହାଘର ସାରିଦେଲା । ଦାନରେ ପାଇଥିବା ଜାଗାକୁ ଲଗେଇ ଆଉ ପାଞ୍ଚ ଗୁଣ୍ଠ ଜାଗା କିଣି ସେଥିରେ ପୁଅମାନଙ୍କ ପାଇଁ ଲମ୍ବା ଟାଇଲ୍ ଛାଉଣୀ ଘର ଛିଡ଼ା କରାଇ ଦେଲା । ଦି'ପୁଅ ଅଧାରୁ ପାଠଛାଡ଼ି ମାଟିକାମରେ ଲାଗିଥିଲେ । ସାନପୁଅ ଟେରାକୋଟା ଧରି ମେଳାକୁ ମେଳା ବୁଲିଲା । ଏ ଶିଳ୍ପଟା ଉପରେ ତାଲିମ୍ ନେବାକୁ ଚାଲିଲା । ଦୁଇ ପୁଅକୁ ବାହାଘର କରେଇ ଦେଇ ମନ୍ଦର ଭୀଷ୍ମର ଶରଶଯ୍ୟା ଗଢ଼ିଲା । କୁମ୍ଭାର ଚକିରୁ ବାହାରିବ ନାହିଁ ସେ ଶିଳ୍ପ । ମୂର୍ତ୍ତି କାରିଗର ଭଳି ଚିକିଟା ମାଟିରେ ଗୋଟେ ଷ୍ଟେଜ ତିଆରି କଲା । ତା' ଉପରେ ବାଉଁଶ କାଠି ସବୁ ପୋତି ସେଥିରେ କାଦୁଅ ବୋଳି ଦେଲା । ଆଉ ଗୋଟେ ଜାଗାରେ ଗଦାଏ ମାଟି । ମଣିଷ ଆକୃତିର ଲମ୍ବେଇ ଦେଲା ବାଉଁଶ ପାତିଆ ଖେଞ୍ଚଣାରେ କୁନ୍ଦି କୁନ୍ଦି ଧୋତି, କମିଜ କୁଞ୍ଚ, ମୁକୁଟ, ଅଳଙ୍କାର ସବୁ ଫୁଟାଇଲା । କାଦୁଅ ବୋଳରେ ତା'ର ଆବୁରା ଜାବୁରା ଜାଗାକୁ ପାଲିସ୍ କଲା । ସେଥିରେ ମାଟିର ଅଳଙ୍କାର, ଛାତିରେ ମାଟିର ଛାତିପଟି, ମାଟିର ଆଖି କରି ସେହି ତୀର ଉପରେ ଶୁଆଇ ଦେଲା । ଶୁଖିବା ଯାଏଁ ଛାଡ଼ିଦେଲା । ଭାଟିରୁ ବାହାରି ଆସିଲା ପରେ ଚଞ୍ଚଳା ସେଥିରେ ତୂଳିରେ ଗେରୁଆ ରଙ୍ଗ ବୋଳି ଦେଲା ।

ନିଜର ଶିଳ୍ପଟାକୁ ଅଣ୍ଟା ବଙ୍କେଇ ମନ୍ଦର ଚାହିଁଲା । ମହାଭାରତର ଯେ କୌଣସି ଘଟଣାର ଚରିତ୍ରକୁ ସେ ଟୋରାକୋଟା କରି ଦେଇପାରେ । ନିଜର ଗୁରୁପଣିଆରେ ମନ୍ଦର ବିଭୋର ହେଲା । ହେଲେ ଗୁରୁ ନ ଥାଇ ଗୁରୁର ଶିଳ୍ପଟା ମନ୍ଦର ପାଇଁ ଭାରି ପଡ଼ିଲା । ମୃତ୍ତିକା ପ୍ରଦର୍ଶନୀରେ ତା'ର ଭୀଷ୍ମର ଶରଶଯ୍ୟା କାମଟା ଦେଖଣାହାରି ଛାତିରେ ଛୁରି ମାରୁଥିଲା । ଓଡ଼ିଶାର ବହୁ ଅଞ୍ଚଳରୁ ତହୁଁ ବଡ଼ ତହୁଁ ବଡ଼ ଗୁରୁ ଚେଲାଙ୍କ କାମ ରହିଥିଲା । ଦେଖଣାହାରୀ ବି କହୁଥିଲେ - ମନ୍ଦରର କାମ ଏ ବର୍ଷ ମୃତ୍ତିକା ଶିଳ୍ପ ପୁରସ୍କାର ପାଇବ । ହେଲେ ଅନନ୍ତ ଶୟନରେ ବିଷ୍ଣୁଙ୍କ ପେଟ ଭିତରୁ ବାହାରିଥିବା ନାଡ଼ ଉପରେ ବସିଥିବା ବ୍ରହ୍ମାବାଲା ଟେରାକୋଟା ପୁରସ୍କାର ପାଇଲା ।

ପୁରସ୍କାରର ନିୟମ ଥିଲା - ଥରେ ଜଣେ ଗୁରୁ ଟେରାକୋଟାରେ ପୁରସ୍କାର ପାଇଲେ ଆଉ ତାଙ୍କୁ ପୁରସ୍କାର ମିଳିବନି । ସେପଟେ ଗୁରୁ ଚେଲା ସହିତ ସଲାସୁତୁରା କରି ଚେଲା ନାଁରେ ପୁରସ୍କାର ହାତଉ ଥିବେ । ଚେଲା କୁଶଳୀ ଶିଳ୍ପୀର ରାଜ୍ୟ ସାର୍ଟିଫିକେଟ ଧରି ଫେରିବ । ଟଙ୍କାଟା କିନ୍ତୁ ଗୁରୁ ପକେଟକୁ ଯିବ । ମନ୍ଦର ବୁଝି ପାରୁଥିଲା ପୁରସ୍କାର ବଜାର ପୁରୁଣା ମାନ୍ଧାତା ଅମଳ କାଦୁଅ ସର୍ ସର୍ ଥିଲା । ସେଠି ଚୋରା କଥା ଚୋରା ହାତର ରାଜୁତି ଚାଲିଥିଲା । ମେଳାରୁ ଫେରିଲା ବେଳେ ଭୀଷ୍ମର ଶରଶଯ୍ୟା କାମର ପରିଶ୍ରମର ମୂଲ୍ୟ ନାହିଁ ବୋଲି ସାନପୁଅ କହିଲା । ହେଲେ ଶିଳ୍ପଟାକୁ ତା' ଘରୁ ଗୋଟେ ଘରୋଇ ମ୍ୟୁଜିୟମବାଲା ମୋଟା ଅଙ୍କ ଦେଇ ନେଇ ଗଲାପରେ ସାନପୁଅ ଖୁସି ହେଲା । ଟେରାକୋଟାର କାରବାର ଥିଲା ଏମିତି । କେବେ ମେଞ୍ଚେତ କେବେ କେଞ୍ଚେ !

ମାଟିକାମ ପାଇଁ ତା' ଚାରିପାଖରେ ଆଉ ମାଟି ମିଳିଲା ନାହିଁ । ନୂଆ ଗାଁ ପାଖରେ ରାସ୍ତାଘାଟ ଖୋଲିଗଲା । ସେଠି ବଡ଼ ଡାକ୍ତରଖାନାଟେ ଖୋଲିଲା । ଦୋକାନ ବଜାର ବଢ଼ିଗଲା । ବିଲ୍ଡରମାନେ ଜାଗା ଘେରେଇ ନେଲେ । ମନ୍ଦର ଟେରାକୋଟା କାମରୁ ହଟିବା ଅବସ୍ଥାରେ ନଥିଲା । ଏଥରକ ମାଟି କିଣିଲା । ନରାଜରୁ ଟ୍ରକରେ ହାଣ୍ଡିଗଡ଼ା ମାଟି ଆଣି ତା' ଅଗଣାରେ ଗଦା କଲା । ସେତେବେଳେ ସୁଇଜରଲାଣ୍ଡ ଯିବାକୁ ଏକାଡେମୀ ତରଫରୁ ମନ୍ଦରକୁ ଡାକରା ଆସିଲା । ତା' ବଦଳରେ ସାନପୁଅକୁ ପଠାଇବା ପାଇଁ ଦରଖାସ୍ତ କଲା । ବିଭିନ୍ନ ମେଳାରେ ବିଦେଶୀ ଟେରାକୋଟା ଗରାଖଙ୍କ ନାଡ଼ି ଚିପିଥିଲା । ହାତୀଘୋଡ଼ା କଇଁଚ ମାଟିକଣ୍ଢେଇ କିଣିବାରେ ସେମାନଙ୍କର ଆଗ୍ରହ ନଥିଲା । ସେମାନଙ୍କର ଦର୍କାର ଭାରତ ଦେବାଦେବୀ ପଶୁମିଶା ପ୍ରତିମାର ଟେରାକୋଟା । ସୁଇଜରଲାଣ୍ଡ ପାଇଁ ଦି' ପୁଅଙ୍କ ସହ ମିଶି ଗଢ଼ିଲା ହାତୀମୁଣ୍ଡିଆ ଗଣେଶ । ମଇଁଷୀମୁହାଁ ମହିଷାସୁର । ସାପ ହାରବାଲା ଶିବ, ହାତଟେକା, ହସୁରା ଲାଫିଙ୍ଗ ବୁଦ୍ଧର ଟେରାକୋଟା । ସାନପୁଅ ସୁଇଜରଲାଣ୍ଡ ଯିବା ଫେରିବା ଭିତରେ ମନ୍ଦର ଯେପରି ନିଜଠାରେ ନିଜେ ନଥିଲା । ସାନପୁଅ ଭିତରେ ତା' କାୟାପ୍ରବେଶ କରିଥିଲା ।

ଟେରାକୋଟା ଉପରେ ଅନେକ ନୂଆ କାମର ଆଇଡିଆ ତା' ମୁଣ୍ଡରେ ଖେଳୁଥିଲା । ନୂଆ ଗାଁରେ ଗୋଟେ ମୃତ୍ତିକା ଶିଳ୍ପ ସମବାୟ ସଂସ୍ଥା ତିଆରି ପାଇଁ ଅଣ୍ଟା ଭିଡ଼ିଲା । ହେଲେ ଏ ଶିଳ୍ପଟା ଭିତରେ ପଶିବାକୁ ଗାଁ ପିଲା ଅମଙ୍ଗ ଥିଲେ । ଯେତେବେଳେ ସହର ଗାଁକୁ ପେଟରେ ପୂରେଇ ବସିଥିଲା, ପେଟପାଟଣାରେ କିଏ କେଉଁଠି ପାନଦୋକାନ, ଫାଷ୍ଟ୍ ଫୁଡ୍ ଠେଲା କି ଅସ୍ଥାୟୀ ଚପରାସୀ, ପିଅନ କାମରେ ଧାଉଁଥିଲା । ଗାଁରେ ଯେତେ କୁମ୍ଭାର ଚକ ଘୂରୁଥିଲା ସେ ସବୁ ଘର ଓଳି ତଳେ ପଡ଼ି ଖରାବର୍ଷା ଖାଉଥିଲା । ତା' ଛଡ଼ା କାହା ଭାଟିରେ ଆଉ ଧୂଆଁ ଉଠୁ ନଥିଲା । ନିଜ ଘରେ ମଧ ଦେଖୁଥାଏ - ବଡ଼ପୁଅ ତା' ପୁଅକୁ ଏ ଧନ୍ଦାରେ ନ ପୂରାଇ ଓଡ଼ିଶା ବାହାରେ ଗୋଟେ କମ୍ପାନୀରେ ଲଗେଇ ଦେଲା ତ ସାନପୁଅ ତା' ପୁଅଝିଅକୁ ପାଠ ପଢ଼ାଉଥିଲା । ସେମାନେ ଚାକିରି କରିବେ - ଏହି ସ୍ୱପ୍ନରେ ଥିଲେ ।

ତା' ପରେ ? ତା' ଦି ପୁଅ ପରେ ଏ ଭାଟି କ'ଣ ବନ୍ଦ ହୋଇଯିବ ! ମନ୍ଦର ଯେବେ ଛାନିଆରେ ଗୋଟେ ଲମ୍ବା ବାଧକରେ ପଡ଼ିଲା, ସେତିକିବେଳେ ପୁରୀରୁ ଜଣେ ଗରାଖ ଆସି ପହଞ୍ଚିଲା । ତା'ର ପ୍ରତିମାସରେ ଦୁଇଲକ୍ଷ ମାଟି ଚା' କପ୍ ଦର୍କାର ଥିଲା । ଭବିଷ୍ୟତରେ ଆହୁରି ପରିମାଣ ବଢ଼ିପାରେ ବୋଲି ଅର୍ଡର ଦେବାକୁ ଲୋଭ ଦେଖାଇଲା । ମନ୍ଦର ଦେଖିଲା ବଡ଼ ପ୍ରସ୍ତାବ । ବଡ଼ପୁଅ ମନା କରିଦେଲା - ଆମର ଏତେ ଲୋକବଳ ନାହିଁ । କଲିକତାରେ ଏ ସବୁ କାମ ହେଉଛି । ସେଠିକା ଗଙ୍ଗାମାଟି ଚିକିଟା । ସେଠି ଘରେ ଘରେ ଇଲେକ୍ଟ୍ରି ଚକି ଚାଲିଛି । ସାରା ପରିବାର ଏ କାମରେ ଲାଗିଛନ୍ତି । ଡେଲି ହଜାର ହଜାର ମାଟି କପ୍‌ରେ ଚା' ପିଆଯାଏ । ଭାଙ୍ଗେ, ତିଆରି ଚାଲେ । କଲିକତାରେ ମାଟି କପ୍‌ର ଇଣ୍ଡଷ୍ଟ୍ରି । ସେଇଠି ଅର୍ଡର ଦେଇ ଆଣ ।'

ଲକ୍ଷ ଲକ୍ଷ ଚା' କପର ଅର୍ଡର ସିନା ହାତଛଡ଼ା କଲା, ହେଲେ ମନ୍ଦରର କାମର ଡାକ ନାଁ ଶୁଣି ଶହ ଶହ ବିରିୟାନି ଆଟିକାର ଅର୍ଡର ଆସି ପହଞ୍ଚିଲା । ସହରର ଲୋକଙ୍କ ଗୋଡ଼ପାଖରେ ଗରମ ଖାନା ପହଞ୍ଚାଇ ଦେବାକୁ କମ୍ପାନୀସବୁ ଖୋଲିଥିଲା । ମାଟିହାଣ୍ଡି ମାଂସର ହୋଟେଲ ଗରାଖକୁ ଟାଣୁଥିଲା । ମାଟି ଆଟିକାରେ ବିରିୟାନି ପାଇଁ ପାର୍ଶଲ ଗରାଖଙ୍କ ଲାଳ ବୋହୁଥିଲା । ବଡ଼ପୁଅ ବିରିୟାନି ଆଟିକା ଅର୍ଡରସବୁ ଧରିଲା । ହାଣ୍ଡି କଳସୀ ଗଡ଼ା ଛାଡ଼ି ସେ ବିରିୟାନି ଆଟିକା କମ୍ପାନୀକୁ ଯୋଗେଇ ପାରୁନଥିଲା । ବେଳେ ବେଳେ ସାନପୁଅ ସେ କାମରେ ବଡ଼ଭାଇକୁ ସାହାଯ୍ୟ କରୁଥିଲା । ନଚେତ ମେଳା ପାଇଁ ଟେରାକୋଟାର ପ୍ରତିମା ଗଢୁଥିଲା ।

ମେଳାରେ ସାନପୁଅ ବି ଦେଖୁଥିଲା - ସେ କି କାମ ଆଣିଛି ? ତା'ଠୁ ନୂଆ ନୂଆ କାମଧରି କାରିଗରମାନେ ଆସିଥିଲେ । ଶିଳ୍ପ କଳା ପାଠପଢ଼ି ଦଳେ ଶିକ୍ଷିତ ପିଲା ବି ଏ ଟେରାକୋଟା କାମ ଭିତରେ ପଶିଥିଲେ । ବଜାରକୁ ଆସି ସାରିଥିଲା ଟେରାକୋଟାର ପାଣି ଫିଲ୍‌ଟର । ଟେରାକୋଟା ଫ୍ରିଜ୍ । ସମବାୟ ବାଲାଙ୍କ ଦଶ ହାତର ଘରସଜା ମାଟିକାମ ଗଦା ହୋଇରହିଥିଲା । ସେମାନେ ସବୁ ଭଲ ବିକ୍ରୀବଟା କରୁଥିଲେ । ଗୋଟେ ଲୋକର ପୁରୁଣାକାଳିଆ କାମ ଧରି ସାନପୁଅ ଗରାଖକୁ ଅପେକ୍ଷା କରୁଥିଲା । ଶାଗମୁଗ ଦାମରେ ଜିନିଷ ବିକି ଘରକୁ ଫେରୁଥିଲା । କେବଳ ମନ୍ଦର ନାଁରେ ବେଳେବେଳେ ବଡ଼ ଟେରାକୋଟାର ଅର୍ଡର ଆସୁଥିଲା । ତା' ସମୁଦ୍ରକୁ ଶଙ୍ଖେ ଥିଲା ।

ଦୁଇପୁଅଙ୍କ କାମରେ ହାତ ଲଗାଇବାକୁ ମନ୍ଦରର ହାତଆଙ୍ଗୁଠି ସବୁ ବୋଲ ମାନୁନଥିଲା । ବୟସର ଭାରରେ ମାଟିଆଡ଼କୁ ନଇଁ ପଡୁଥିଲା । ଯାହା ମିଳିଥାନ୍ତା ବାଳକାଳେ ସେ ଖାତିର ବୁଢ଼ାକାଳେ ତାକୁ ମିଳି ଚାଲିଲା । ବିଭିନ୍ନ ସଂସ୍ଥା ତାକୁ ଟେରାକୋଟା ଗୁରୁ ଭାବେ ମାନପତ୍ର ଉତ୍ତରୀୟ ଦେବାକୁ ଘରୁ ଗାଡ଼ିରେ ସଭାକୁ ବୋହି ନେଇଥିଲେ । - 'ମନ୍ଦରର ଯେମିତି ପ୍ରତିଭା ଏ ଶିଳ୍ପଟା ପାଇଁ ସେ ପଦ୍ମଶ୍ରୀ ପାଇବାକୁ ହକ୍‌ଦାର' - ଲୋକେ ତାକୁ ମୁହେଁ ମୁହେଁ ଶୁଣାଇ ହତାଶ କରାଉଥିଲେ । ସେତେବେଳେ ଭାଟିରୁ ଧୂଆଁ ନୁହେଁ, ନିଜ ଘରୁ ଗୋଟେ ଉଷୁମୁଳିଆ ଗନ୍ଧ ତା' ନାକରେ ବାଜିଲା । କାମ ଓ କଞ୍ଚାପଇସାକୁ ନେଇ ତା' ଦି ପୁଅ ଭିତରେ କଥା କଟାକଟିର ଦିନ ଆରମ୍ଭ ହୋଇ ସାରିଥିଲା । ବିରିୟାନି ଆଟିକା କାମ ଆସିଲା ପରେ ବଡ଼ପୁଅ ଆଉ ଟେରାକୋଟା କାମରେ ହାତ ଲଗାଉ ନ ଥିଲା । ମେଳା ନ ଥିବା ସମୟରେ ସାନପୁଅ ବିରିୟାନି ଆଟିକା କରିବାକୁ ଚାହିଁଲା ବେଳକୁ ବଡ଼ପୁଅ ତାକୁ ସେ କାମରେ ପୂରେଇ ଦେଉ ନଥିଲା । ଏ ସବୁ ବ୍ୟାପାର ଦେଖି ମନ୍ଦର ଦୁଃଖ ଭିତରେ ହସେ- ବଡ଼ପୁଅ ଯେଉଁ ମାଟିପ୍ରତିମା ଗଢ଼ାକୁ ଟେରାକୋଟା କହି ନାକ ଟେକୁଛି । ବିରିୟାନି ଆଟିକା ବି ତ ଟେରାକୋଟା ! ଟେରାକୋଟା ଆଉ କ'ଣ କି ? ପୁରୁଣା ମାଟିକାମକୁ ଦୁନିଆ ନୂଆ ରୂପରେ ବ୍ୟବହାର କଲେ ତ ପାଲଟେ ଟେରାକୋଟା ।

ସହର ପାଇଁ ତା' କୁମ୍ଭାରଶାଳ ପର୍ଯ୍ୟନ୍ତ ପଶିଆସିଲା ଯେଉଁ ବିରିୟାନି ଆଟିକା, ସେହି କଞ୍ଚାପଇସା ପାଇଁ ଗୋଟେ ଘରେ ଦୁଇଟା ଭାଟି କରିବାକୁ ଦି ପୁଅଙ୍କ ଭିତରେ ଆରମ୍ଭ ହୋଇ ସାରିଥିଲା ତର୍କାତର୍କି । ବୁଝୁଥିଲା ଏହି ବିରିୟାନି ଆଟିକା ଏତେଦିନ ଧରି ଏତେ ମେହେନତରେ ଗଢ଼ିଥିବା ଟେରାକୋଟା ପ୍ରତିମାମାନଙ୍କୁ ଘରେ ହିଁ ମାରିଦେବ । ମରିବା ଆଗରୁ ସେ କ'ଣ ଏଠି ଟେରାକୋଟାର ମରଣ ଦେଖିକରି ମରିବ ? ମନ୍ଦରର ଅଣସ୍ତରି ବର୍ଷ ବୟସର ଛାତି ଥରି ଉଠିଲା । ଚଞ୍ଚଳା ତାକୁ ବୁଝାଶୁଝା କରି ସମ୍ଭାଳି ନେଲା । ମନ୍ଦର କୋହଦିଆ କଥା କହିଲା - କୁମ୍ଭାର ଘରର ମାନ ହେଉଛି ଭାଟି । ଆମେ ଦି' ଜଣ ଏ ଗାଁ ମାଟି ହରେଇ, ଅନ୍ୟ ଗାଁରେ ମାଟି ନ ପାଇ ଏ ଗାଁରେ ଦାନ

ଜାଗାରେ ଭାଟି କରି ଘରବାଡ଼ି ଜମିଜମା କଲେ ।' ଦି' ପୁଅ, ଝିଅ, ନାତି ନାତୁଣୀ ଯିଏ ଯେଉଁଠି ମେତେ ବଡ଼, ସବୁ ଏ ଭାଟିପାଇଁ ତ । ମୁଁ ବଞ୍ଚିଥିବା ଯାଏ ମୋ ଅଗଣାରେ, ଆଉ ଗୋଟେ ଭାଟି ଯିଏ କରିବ ମୋ ଛାତି ଉପରେ କରିବ ।'

ଚଞ୍ଚଳା ଜାଣେ ତା' ମଣିଷଟି କାମିକା, ଶାନ୍ତ । ହେଲେ ଟିକେ କ୍ଷଣକୋପୀ । ମାଟିହାଣ୍ଡି ଉପର ଘୋଡ଼ଣି ପଲମ ପରି ଏ ଲୋକ ସହ ବିତାଇ ଦେଲାଣି ଷାଠିଏ ବର୍ଷ । ସାରା ଜୀବନ ମାଟିମୁହାଁ ଲୋକ ଚଞ୍ଚଳା ପାଇଁ କେତେ ସମୟ ଦିଏ ? ବରଂ ଚଞ୍ଚଳା ଦୁଇ ପୁଅ ଦୁଇ ବୋହୂ, ଝିଅଘର, ନାତି ନାତୁଣୀ ଭିତରେ ନଟୁପରି ଘୂରୁଥାଏ । ସେ କାହାର ମାଆ, ଜେଜେମା', ଆଈ । ସମସ୍ତଙ୍କୁ ଭଲପାଇବା ଛାତିରୁ ବାଣ୍ଟି ସାରୁପରିବା ଭଳି ପରିବାରରେ ଚଳେ ଚଞ୍ଚଳା । ସମସ୍ତେ ଶୁଣନ୍ତି ତା' କଥା ।

ସେଇଥିପାଇଁ ଅନେକ ଦିନ ପରେ ମନ୍ଦର ତାକୁ ରାତିରେ ନିଜ ବିଛଣାରେ ବସେଇ ଥିଲା । ବିରିୟାନି ଆଟିକା ମାଡ଼ରେ ବୁଡ଼ିଯାଉଥିବା ମାଟିର ପ୍ରତିମାମାନଙ୍କୁ ବଞ୍ଚେଇବା ପାଇଁ ମନ୍ଦର ପାଖରେ ସେହି ଗୋଟିଏ ନିଷ୍ପତ୍ତି ଛଡ଼ା ଅନ୍ୟ କିଛି ସେ ଭାବିପାରୁ ନଥିଲା । ସେ ନିଷ୍ପତ୍ତି ନେବା ପୂର୍ବରୁ ସାରା ଜୀବନ ଯା' ପାଇଁ ତା'ର ଏତେ ବଡ଼ ନାଁ, ଏତେ ସମ୍ମାନ ସବୁକୁ ସେ ହରାଇବାକୁ ଚାହୁଁ ନ ଥିଲା । ସେହି

ଟିକକ ସ୍ୱାର୍ଥ ପାଇଁ ପକ୍ଷପାତିତାରେ ତା' ମୁହଁ ଦାଉଦାଉ ହୋଇ ଜଳି ଉଠିଲା । ଲୋକକଥାର ଭଙ୍ଗା ଟେରାକୋଟା ଘୋଡ଼ା ରାତି ଅଧରେ ମୋଡ଼ିମାଡ଼ି ହୋଇ ଗାଁ ଦାଣ୍ଡରେ ଚାଲିଯାଉଥିବାର ଶବ୍ଦ ଯେପରି ତା' କାନରେ ବାଜୁଥିଲା । ନିମିଷକରେ ନିଜ ହାତରେ ମନ୍ଦର ଭାଗ କରି ଦେଲା ନିଜ ଘର । ଚଞ୍ଚଳାକୁ ଶୁଣାଇଲା – 'ତୋ' ଦି' ପୁଅକୁ କହିଦେବୁ । ବଡ଼ ଯଦି ବିରିୟାନି ଆଟିକା କରୁଛି କରୁ । ସାନ ଯଦି ଟେରାକୋଟା କରୁଛି କରୁ । ଏବେ ନିଜ କାମ ନିଜର । ଯେଝା ପଇସା ଯେଝାର ।

❑❑❑

**ଗାଳ୍ପିକ ଭୀମପୃଷ୍ଟି ବାଣୀବିହାରରେ ସ୍ନାତକୋତ୍ତର ଓଡ଼ିଆ-ଭାଷା ସାହିତ୍ୟ ବିଭାଗର ୧୯୮୧-୮୩ ବ୍ୟାଚ ଛାତ୍ର । ଧର୍ମଶାଳା ମହାବିଦ୍ୟାଳୟରୁ ବିଭାଗୀୟ ମୁଖ୍ୟ ଭାବେ ଅବସର ଗ୍ରହଣ ପରେ ଏବେ ସାହିତ୍ୟରେ ସଂପୂର୍ଣ୍ଣ ମନୋନିବେଶ କରିଛନ୍ତି । ତାଙ୍କର ପ୍ରକାଶିତ ପୁସ୍ତକ ମଧ୍ୟରେ ରହିଛି, 'ପ୍ରଥମବହି', 'ହୋ ମଣିଷମାନେ', 'ଅଧେ ମଣିଷ', 'ପେଟ ଓ ପେଟତଳ', 'ଲଛମନିଆ', 'ମାନନୀୟ ଶ୍ରୀଯୁକ୍ତ', 'ଗପର ହାତଗୋଡ଼', 'ଶ୍ରେଷ୍ଠ ଗପ', '୪୦ବର୍ଷ ୪୦ଗପ' ଇତ୍ୟାଦି ଗଳ୍ପ ସଂକଳନ ଏବଂ 'ମୁହାଣ', 'ଓଁ', 'ସମୁଦ୍ରମଣିଷ', 'ପ୍ରିୟନାରୀ', 'କବିତାର ଉପନ୍ୟାସ', 'ଜମ୍ବୁଲୋକ', 'କୁଆଡ଼େ ଚାଲିଛ ରୁହ', 'ପଂଚଭୂତ' ଇତ୍ୟାଦି ଉପନ୍ୟାସ ପ୍ରକାଶିତ । ସେ ଓଡ଼ିଶା ସାହିତ୍ୟ ଏକାଡେମୀ, କାଦମ୍ବିନୀ ଗଳ୍ପ ଓ ଉପନ୍ୟାସ ସମ୍ମାନ, ଅଖିଳ କଥା ସମ୍ମାନ, ଉତ୍କଳ ସାହିତ୍ୟ ସମାଜ ଉପନ୍ୟାସ ସମ୍ମାନ, କହ୍ନେଇ କଥା ସମ୍ମାନ, ଭୁବନେଶ୍ୱର ବେହେରା ଗଳ୍ପ ସମ୍ମାନ, ଓଡ଼ିଆ ଯୁବଲେଖକ ସମ୍ମାନ ଇତ୍ୟାଦି ଅର୍ଦ୍ଧ ଶତାଧୀକ ଅନୁଷ୍ଠାନରୁ ପୁରସ୍କୃତ ଓ ସମ୍ବର୍ଦ୍ଧିତ । ସମ୍ପର୍କ: ୯୪୩୭୫ ୩୧୩୯୭ ।**



# ସାତତାଳ ପାଣି

**ଚିରଶ୍ରୀ ଇନ୍ଦ୍ରସିଂ**

ସୁନ୍ଦରୀମାନେ ସମ୍ଭବତଃ ତାଙ୍କ ଜନ୍ମରୁ ହିଁ ଜାଣିଥାଆନ୍ତି, ସେମାନେ ସୁନ୍ଦରୀ ବୋଲି । ନା, ଜନ୍ମ ସମୟରୁ କାହିଁକି, ମୋର ତ ବେଳେବେଳେ ସନ୍ଦେହ ହୁଏ ଯେ ମାତୃଗର୍ଭରୁ ହିଁ ତାଙ୍କୁ ଏଇ ଜ୍ଞାନ ପ୍ରାପ୍ତ ହୋଇ ସାରିଥାଏ ଯେ, ତାଙ୍କର ଜନ୍ମ ସହ ଆଉ ଏକ ସୁନ୍ଦରୀର ଧରାବତରଣ ଘଟିବାକୁ ଯାଉଛି । ନାଇଁ, କେବଳ କହିବା ପାଇଁ ମୁଁ କଥାଟା କହୁନି । କେତେଟା ଏମିତି ଉଦାହରଣ ଅଛି ମୋ ପାଖରେ, ଯାହାକୁ ଦେଖି ଦେଖି ଏକ ଆପ୍ତବାକ୍ୟ କରି ମୋ ମନରେ ଏଇ କଥାଟା ଖୋଦେଇ ହୋଇଯାଇଛି ଯେ "ସବୁ ସୁନ୍ଦରୀ ପିଣ୍ଡରେ ପ୍ରାଣ ଥିବା ଯାଏଁ ନିଜ ନିଜର ସୁନ୍ଦରପଣକୁ ନେଇ ଭାରି ସଚେତନ ।"

ମୋ ଆଈର ଜଣେ ମିତଣୀ ଥିଲା । ତା' ନାଁ ନକ୍ଷତ୍ରା । ଆମେ ତାକୁ ନଖୀ ଆଈ ବୋଲି ଡାକୁଥିଲୁ । ସାହିର ଶେଷମୁଣ୍ଡରେ ତାଙ୍କର ଟାଇଲି ଛପର ଘର । ଅଭାବୀ ଘରକରଣା । ବୋହୂଯାକ କଳିହୁଡ଼ୀ । ପୁଅମାନଙ୍କର ଭଲ ରୋଜଗାର ନାହିଁ । ନିଜର ଶ୍ୱାସବେମାରୀ । ପୂର୍ଣ୍ଣିମା ଅମାବାସ୍ୟାରେ ଦେହ ବାତେଇ ଯାଏ । ମୋଟାମୋଟି ଦୁଃଖରେ ଥାଏ ସିଏ । ସାରାଟା ଗାଁ ହାହାକାର କରି ଉଠିଥିଲା କିନ୍ତୁ ବୁଢ଼ୀ ଚାଲିଯିବା ଦିନ । କିଏ କହିଥିଲା ଚଢ଼େଇ ଚିରୁଗୁଣିଙ୍କର ପେଟ ଚିହ୍ନୁଥିଲା ବୁଢ଼ୀ ତ କିଏ ବାହୁନି ଉଠିଥିଲା, ଆହା କେତେ କରିଛି ବୁଢ଼ୀ ମୁଁ ବାଧିକା ପଡ଼ିଲାବେଳେ । କଥା ଶୁଣିଲେ ମନ ଭରିଯାଉଥିଲା । ସାମ୍ନାରେ ଥିବା ଲୋକର ମୁହଁ ଦେଖି ସେ ବୁଝି ପାରୁଥିଲା ମଣିଷଟା ସୁଖରେ ଅଛି କି ଦୁଃଖରେ । ସବୁକଥା ତାକୁ କହିବା ଦରକାର ପଡୁନଥିଲା । ବେଶି ଭାଗ ଲୋକ କହିଥିଲେ, ଲକ୍ଷ୍ମୀ ଛାଡ଼ିଗଲା ଗାଁରୁ ଏଥର ।

ମଲାଶେଯରେ ମୁଁ ଦେଖିଛି ନଖୀ ଆଈକୁ । ଲହୁଣୀ ଓଠ, ଲହଲହକା ଭୂଲତା । ଗାଲର ଉଉଁରି ଭିତରେ ଗୁଣ୍ଡୁଗୁଣ୍ଡୁ ତିଳ ଚିହ୍ନ । ଆଈ କହୁଥିଲା, ମୋ ମିତଣୀ ଯେଡ଼ିକି ସୁନ୍ଦର, ତା'ଠୁ ଆହୁରି ସୁନ୍ଦର ତା'ର ମନ ।

ସେମିତି ଆଉ ଜଣେ ଥିଲେ ଆମର ପ୍ରମିଳା ଦିଦି । ପ୍ରମିଳା ଦିଦିଙ୍କର ସ୍ୱାମୀ ନିରଞ୍ଜନ କଣ୍ଟ୍ରାକ୍ଟର । ଚାରିଟା ଜିଲ୍ଲାର ଲୋକ ତାଙ୍କୁ ଜାଣନ୍ତି – ବଡ଼ ବେପାର, ବହୁତ ଧନ, କଥା କୁହାଳିଆ, ବଡ଼ବଡ଼ିଆଙ୍କ ସାଙ୍ଗରେ ବସାଉଠା, ହାତଖୋଲା ଖର୍ଚ୍ଚ, ଡରଭୟ କି ଖାତିର ନାହିଁ କେଉଁ କଥାକୁ । ଚାରିଟା କି ପାଞ୍ଚଟା ଜିଲ୍ଲାର ଲୋକେ ବି ଜାଣନ୍ତି ତାଙ୍କୁ ତାଙ୍କର ଅନ୍ୟ ଏକ ଗୁଣ ପାଇଁ । ଘରର ଚାକରାଣୀ, ପ୍ରମିଳା ଦିଦିଙ୍କର ଛାତ୍ରୀ, ଦାଦାପୁଅ ଭାଇର ଶାଳୀ, କାମ ଜାଗାର ରେଜାକୁଲି ସ୍ତ୍ରୀ ଲୋକ, ମାମୁଁଝିଅ ଭଉଣୀ, ନିଜର ସଂପର୍କୀୟା ଭାଣିଜୀ – କେତେ କାହାକୁ ନେଇ ତାଙ୍କର ଅସରନ୍ତି ବଦନାମର କାହାଣୀମାଳା ପବନରେ ଘୂରିବୁଲେ । ଭିତରେ ଭିତରେ ପୁଣି ଆଉ ଗୋଟାଏ ରକମର କଥା ବି ଶୁଣାଯାଏ ଯେ ସୁନ୍ଦରିଆ ସାନ ସାନ ପୁଅ ପିଲା ବି ତାଙ୍କ ଦାଢ଼ରୁ ବର୍ତ୍ତିପାରନ୍ତି ନାହିଁ । ପ୍ରମିଳା ଦିଦିଙ୍କ ମୁହଁକୁ ଆମେ ନିଠେଇ ନିଠେଇ ଚାହୁଁ – ଅଷ୍ଟ ଅଳଙ୍କାର ମଣ୍ଡଣୀ ପ୍ରମିଳା ଦିଦିଙ୍କ ଉପରେ ଏସବୁ କଥାର ପ୍ରଭାବ ପଡ଼େ ନା ନାହିଁ ଆମେ ବୁଝି ପାରୁନା । ତାଙ୍କ ଶାଢ଼ିର ଭାଙ୍ଗ ଭାଙ୍ଗେ ନାହିଁ, ମୁହଁରୁ ହସ ସରେ ନାହିଁ, ଯେଉଁଆଡ଼େ ଯାଆନ୍ତି, ଦାମି ଅତରର ବାସ୍ନାରେ ମହକି ଉଠେ ସିଆଡ଼ । ଆମେ ଭାବୁ ବୋଧହୁଏ ତାଙ୍କର ସୁନ୍ଦରପଣ ତାଙ୍କୁ ଦେଇଛି ଆସ୍ଥା ଓ ନିରାପତ୍ତା ମାନସିକ ଭାବେ । ସେ ଅସୁନ୍ଦର ହୋଇଥିଲେ ଏ ପରିସ୍ଥିତିରେ କ'ଣ ହୋଇଥାଆନ୍ତା ଜଣାନାହିଁ, କିନ୍ତୁ ତାଙ୍କ ସୁନ୍ଦର ମୁହଁ ଓ ଅତି ସୁନ୍ଦର ହସ ବେଶ୍ ଲୁଚେଇ ଦେଇପାରୁଛି ତାଙ୍କର ଅପମାନ ଓ ଦୁଃଖ ।

କହୁଛି ତ ଘଣ୍ଟେଶ୍ୱରୀର କଥାଟା ବି କହିଦିଏ । ସେ ସମ୍ବଲପୁର ଜିଲ୍ଲାର ଝିଅ । ତା' ପଛରେ କିନ୍ତୁ ସମସ୍ତେ ତାକୁ ଆଉ ଗୋଟେ ନାମରେ ଡାକୁଥିଲେ । ଘଣ୍ଟେଶ୍ୱରୀ ବଦଳରେ ସମସ୍ତେ ତାକୁ ଜାଣିଥିଲେ 'ବତିଘର' ବୋଲି । ତା'ର ସୌନ୍ଦର୍ଯ୍ୟ ବିଷୟରେ ମୁଁ ତ ଭଲ ଭାବରେ ବର୍ଣ୍ଣନା କରିପାରିବି ନାହିଁ, ଖାଲି ଏତିକି କହିପାରିବି ଯେ ତା'ର ପୋଷାକପତ୍ର, ହାବଭାବ, କଥାବାର୍ତ୍ତା – ସବୁଥିରେ ଲାଗିଥିଲା କେମିତି ଗୋଟାଏ ରକମର ତରତର ତଡ଼ିତ୍ ପ୍ରଭା । ବତିଘର ପରି ସେ ବହୁ ଦୂରକୁ ଆଲୁଅ ପକଉଥିଲା, ଯେଉଁଥିରେ ସତର୍କ ସୂଚନା ବଦଳରେ ଥିଲା ଏକ ଆଗ୍ନେୟ ନିମନ୍ତ୍ରଣ । ବଡ଼ ଜାହାଜଠାରୁ ଧରି ସାନ ସାନ ହୁଲିଡଙ୍ଗା ଯାଏଁ, କେତେ କିଏ ସେ ନିମନ୍ତ୍ରଣର ଉତ୍ତର ଦେବାକୁ ଆସି ଅନ୍ଧାଧୁନିଆ ପିଟି ହୋଇଗଲେ । ନିଜର ଭାରସାମ୍ୟ ହରେଇ ଅଥଳ ଜଳରେ କିଏ ବୁଡ଼ିଗଲା ତ, କିଏ ଯାଇ ଅପନ୍ତରା ମାଟିରେ ପଡ଼ିଲା ମୁହଁମାଡ଼ି ନିଜର ଜୀବନ ବଞ୍ଚଉ ବଞ୍ଚଉ – ଆମେ କେବଳ ତଟସ୍ଥ ହୋଇ ଦେଖିଲୁ ।

ନାରୀମହଲରେ ଘଣ୍ଟେଶ୍ୱରୀ ଅପ୍‌ସରୀ ପରି ଶୋଭାପାଏ । ଲାଗେ ତା'ର ଦେହ ହାତ ଯେମିତି ହାଡ଼ମାଂସରେ ତିଆରି ନ ହୋଇ, ତିଆରି ହୋଇଛି ଆଉ କେଉଁ ଅଜଣା ଉପାଦାନରେ । ତା'ର ଯେମିତି ଡେଣା ହଳେ ସଜିଲ ଅଛି, ଏଇଠି ଅଛି, ଏଇ ଉଡ଼ିଯିବ । ଲାଗେ ଯେମିତି ତା' ପାଇଁ କିଛି କଷ୍ଟକର ନୁହେଁ, କିଛି ବି ଅକରଣୀୟ ନାହିଁ ତା' ପାଇଁ । ପୁଣି ବି ଲାଗେ ଯେ ସେ ଯେମିତି ଖାତିର କରେନା କାହାକୁ । ଆମେ ସବୁ ମନେ ମନେ କେମିତି ଡରି ଡରି ରହିଥାଉ ତାକୁ । ବୁଝିପାରୁ ଯେ ସୁନ୍ଦରପଣ ଛଳନାର ଜୀବନକୁ ତେଜାଏ, ମତାଏ, ମତୁଆଲା କରିଦିଏ ।

କେବଳ ଝିଲିର ମାଆର କଥା କହିବି ବୋଲି, ଏତେ କଥା କହିଲି । କିନ୍ତୁ ଦେଖୁଛି ଦେଉଳକୁ ବଳେଇ ଯାଉଛି ମୁଖଶାଳା । ମୋ ଚାହିଁବା ନ ଚାହିଁବାରେ କିଛି ଯାଏ ଆସେ ନା । ଦେଉଳଟିକୁ କୌଣସି ମତେ ଠିଆ କରେଇ, ଯାହିତାହି କରି ହେଉ ପଛେ କଳସଟି ତା' ଉପରେ ବସେଇ ନ ପାରିଲେ ଆପଣମାନେ ଯେ ସିଧା ମାଟି ଉପରୁ ଉଠେଇ ନେଇ ମତେ ସମୁଦ୍ରରେ ଫୋପାଡ଼ି ଦେବେ, ଏକଥା ବି ମତେ ଜଣାଅଛି । ଅତଏବ ଏବେ ଝିଲି ମାଆର କାହାଣୀ ।

ଆମେ ଦେଖିଲା ବେଳକୁ ଝିଲିର ବୟସ ଦଶ । ଶ୍ୟାମଳ, ପାତଳ, ଦୁର୍ବଳ, ଚଞ୍ଚଳ ପିଲାଟା । ମାଆ ଆଉ ଦୁଇଟି ଭାଇ ସହିତ ରହିଥିଲା ଆମ ପଡ଼ିଶାରେ, ପାଖାପାଖି ଦୁଇବର୍ଷ । ସେତେବେଳେ ମୋ ପୁଅକୁ ତିନିବର୍ଷ । ମୁଁ ଅଫିସ ଚାଲିଯିବା ସମୟତକ ସେ ଦିବ୍ୟ ସ୍ୱାଛନ୍ଦ୍ୟରେ ରହିପାରେ ତା'ର ଜେଜେମାଆ ପାଖରେ । କେବଳ ସମସ୍ୟା ହୁଏ ସକାଳେ । ରିଉମାଟିଜିମ୍ ଯୋଗୁଁ ମୋ ଶାଶୁ ସକାଳେ ଡେରିରେ ଗାଧାନ୍ତି । ତା'ପରେ ତାଙ୍କର ଠାକୁର ପୂଜା ଅତି କମ୍‌ରେ ଦୁଇ ଘଣ୍ଟାର ବ୍ୟାପାର । କଥା ଛିଡ଼ିଲା – ଝିଲି ତା'ର ଦୁଇଭାଇଙ୍କୁ ନେଇ ସେତକ ସମୟ ଆସିବ ଆମ ଘରକୁ । ସେମାନେ ଏଠି ସକାଳର ଜଳଖିଆ ଖାଇବେ । ଖେଳାଖେଳି କରିବେ ପୁଅ ସହ । ଉଭୟ ପକ୍ଷ ଖୁସି । ଆମେ ଖୁସି ଯେ, ଆମ ପୁଅ ରହିବ ସାଙ୍ଗ ମେଳରେ । ପୁଣି ଛୋଟପିଲାଙ୍କୁ ସମ୍ଭାଳିବାର ଅଭିଜ୍ଞତା ଥିବା ବଡ଼ଭଉଣୀଟିଏ ଜଗି ରହିଥିବ ତାକୁ । ସେମାନେ ଖୁସି ଯେ, ବଡ଼ ପିଣ୍ଡାରେ, ବଗିଚା ଭିତରେ ଖେଳିପାରିବେ, ପଖାଳ ନୁହେଁ ଜଳଖିଆ ଖାଇବାକୁ ମିଳିବ ସକାଳେ । ଏଇ ଅଞ୍ଚଳରେ ଭଡ଼ାଘର ନେଇ ରହିବାରେ ସେମାନେ ସୁଦୂରାଗତ ବିଦେଶୀ ପରିବାର । ସେମାନଙ୍କୁ ଆମ ପରିବାରର ପରିଚୟ ନିରାପତ୍ତା ଆଉ ସୁରକ୍ଷା ଦେବ ।

ଦୁଇ ତିନି ଘଣ୍ଟା ରହିବା ପରିବର୍ତ୍ତେ ସେମାନେ ଧୀରେ ଧୀରେ ତିନି ଚାରି ଘଣ୍ଟା ଲେଖାଏଁ ରହିଲେ । ମୋ ଶାଶୁଙ୍କୁ ତା’ ଭାଇ ଦୁଇଟିଙ୍କୁ ଜଗିବାର ଦାୟିତ୍ୱ ଦେଇ କେବେକେବେ ଝିଲି ବି ଯାଇ ତାଙ୍କ ଘରର ରୋଷେଇବାସ ବା ବାସନମଜା ପରି କାମ ତୁଟେଇଲା । ମୋ ଶାଶୁ ଖୁସି ରହୁଥିଲେ ପିଲାମାନଙ୍କ ମେଳରେ ।

ସମୁଦାୟ ବ୍ୟବସ୍ଥାଟି ବୁଝିଥିଲେ ମୋର ଶାଶୁ । ଝିଲି ଆମ ଘରକୁ ଆସିବାର ପ୍ରାୟ ଆଠଦିନ ପରେ ମୁଁ ପ୍ରଥମେ ଦେଖିଥିଲି ଝିଲିର ମାଆକୁ । ଏଇ ପ୍ରଥମ ମୁଁ ଦେଖିଲି ଜଣେ ସୁଦର୍ଶନାକୁ ଯିଏ ସଂପୂର୍ଣ୍ଣ ବିସ୍ମରି ଯାଇଥିଲା ତା’ ନିଜର ସୁନ୍ଦରତାକୁ । ଦାରିଦ୍ର୍ୟ, ବୈଧବ୍ୟ, ପରିବାରର ଦାୟିତ୍ୱ, ଶାରୀରିକ ପରିଶ୍ରମ ଆଉ ନିରାପତ୍ତାହୀନତା ତା’ର ସୌନ୍ଦର୍ଯ୍ୟକୁ କ୍ଷୟ କରି ପାରିନଥିଲା ସତ, କିନ୍ତୁ ସ୍ତ୍ରୀ ଲୋକଟି ଯେମିତି ନିଜକୁ ଭୁଲିଯାଇଥିଲା ପୂରାକୁ ପୂରା । ମୋର କେମିତି ଗୋଟାଏ ମାୟା ଆସିଗଲା ତା’ ପ୍ରତି ପ୍ରଥମ ଦେଖାରୁ ।

ନିଜ ଆଡୁ କହିଲି, ତମର କ’ଣ ଦରକାର ପଡ଼ିଲେ କହିବ ଆମକୁ । ଆମେ ନିଶ୍ଚୟ ସାହାଯ୍ୟ କରିବୁ ।

ଝିଲିର ବାପା ଡ୍ରାଇଭର ଥିଲା । ସେମାନେ ନିଜ ଜମିରୁ ଯେତିକି ଚାଉଳ, ମୁଗ ପାଉଥିଲେ ସେଥିରେ ବର୍ଷକର ଆଠମାସ ଚଳି ଯାଉଥିଲା । ଗୁହାଳରେ ବନ୍ଧା ଥିଲା ଦୁହାଁଳ ଗାଈ । ପଞ୍ଚାୟତ ଭୋଟ ବେଳେ ଗାଁ ଗଣ୍ଡଗୋଳରେ ବୋମା ଫୁଟିଲା । ଛତରଛାଆଳ ହେଇଗଲା ଆଉ ତିନିଜଣ ଭେଣ୍ଡିଆଙ୍କ ସାଙ୍ଗରେ ଝିଲିର ବାପ । ଏ ପକ୍ଷର ଗୁଳି ଓ ବୋମାମାଡ଼ରେ ବି ସେ ପକ୍ଷର ଲୋକ ମଲେ । ନୟାଗଡ଼ ଜିଲ୍ଲାର ସୀମାନ୍ତରେ ଥିବା ଗାଁ । ନକଲି ମାଓବାଦୀମାନେ ଏଇ ଗୋଳିଆ ପାଣି ଭିତରେ ପଶି ଆଉ ପରସ୍ତେ ନରକ ଲୀଳା ଚଳେଇ ଚାଲିଗଲେ । ପୋଲିସ ପଶିଲା ଗାଁରେ ଶାନ୍ତିରକ୍ଷା ପାଇଁ । ଗାଁ ମୁଣ୍ଡରେ ଦଳାଚକଟାରେ ଥିତିବିତି ଦରପୋଡ଼ା ବାଇଗଣ କିଆରୀକୁ ଜଗି କେତେଟା ପୁରୁଷ ପାଳଭୂତ ଠିଆ ହେଇ ରହିଥିଲେ ସିନା, ସତସତିକା ପୁରୁଷ ପିଲାଟିଏ କେଉଁଠି ଗୋଟିଏ ବୋଲି ନ ଥିଲା ଗାଁରେ । ପାହାଡ଼ ଡେଇଁ ସମସ୍ତେ ଯାଇ ଦୂର ଜଙ୍ଗଲ ଭିତରେ । ଇନ୍‌ଭେଷ୍ଟିଗେସନ ନାଁରେ ମହିଳାମାନଙ୍କୁ ଆଉ ଘେରାଏ କଲବଲ କଲା ପୋଲିସ ।

ଏଭଳି ପରିସ୍ଥିତିରେ ପିଲାଙ୍କୁ ଧରି ଗାଁ ଛାଡ଼ି ଆସିବାକୁ ବାଧ୍ୟ ହୋଇଥିଲା ଝିଲିର ମାଆ । ପଛରେ ରହିଗଲା ତା’ର ଧାନଜମି, ଡାହାଣୀ ଲୋଭେଇଲା ପରି ତୋଟାପଲେଇ ଆମ୍ବଗଛ, ଦୁହାଁଳ କାଳିଗାଈ । ଶାଶୁ କହୁଥିଲେ, ପ୍ରଥମେ ସେ ଆସି ଆଶ୍ରୟ ନେଇଥିଲା ତା’ର ଜଣେ ପିଇସୀଙ୍କର ଗାଁରେ । ସେଇ ଗାଁର ସବୁଠାରୁ ବଡ଼ ଧନୀ ପରିବାରରେ ରୋଷେଇ କାମରେ ସାହାଯ୍ୟ କରିବାକୁ କାମ ମିଳିଥିଲା । ସେଠି ସାତ ଆଠମାସ ଥିଲେ ସେମାନେ ଭଲରେ । କିନ୍ତୁ ଛଅପୁଅ, ଛଅବୋହୂ, ତେରଜଣ ନାତିନାତୁଣୀ ରହିଥିବା ପରିବାରଟିର ବାଆସ୍ତରୀ ବର୍ଷୀୟ ମୂରବୀ ଖରାପ ଦୃଷ୍ଟି ପକେଇଲେ ଝିଲିର ମାଆ ଚିତ୍ରଲେଖା ଓରଫ ଚଇତି ଉପରେ । ଭିତରୁ କୋଳପ ଦେଇ ପରିବାରର ସଭା ବସିଲା । ବୁଢ଼ା ବାପକୁ ତ ଘରୁ ବାହାର କରିଦେଇ ପାରିବେ ନାହିଁ, ଚଇତିକୁ ହିଁ ତା’ ପିଲା ତିନୋଟିକୁ ଧରି ଗାଁ ଛାଡ଼ିବାକୁ ପଡ଼ିଲା । ଘରର ସାନବୋହୂଟି ଦୟାଳୁ । ସିଏ ତା’ର ମାଉସୀଘର ଗାଁରେ ଫୋନ୍ କରି ସେମାନଙ୍କର ରହିବା ବ୍ୟବସ୍ଥା କରେଇ ଦେଇଥିଲା । ହାତରୁ ଭଡ଼ା ଦେଇ ଡାଲା ଅଟୋଟିଏ ଯୋଗାଡ଼ କରିଦେଇଥିଲା ସେମାନେ ଏଠି ଆସି ପହଞ୍ଚିପାରିବେ ବୋଲି ସୁବିଧାରେ ।

ଗପସପ ବେଳେ ନିଜର ଦୁଃଖ କାହାଣୀ କହିଥିଲା ଝିଲି ମୋ ଶାଶୁଙ୍କୁ । ଝିଲିର ମାଆ ଅନିୟମିତ ଭାବେ ଏଠି ସେଠି କାମ କରୁଥିଲା । ଅଭ୍ୟାସ ନଥିବାରୁ ସେ ଶୀଘ୍ର ଶୀଘ୍ର କାମ କରିପାରୁ ନଥିଲା ବିଲବାଡ଼ିରେ । ତେଣୁ ଲୋକେ ତାକୁ କାମ ଦେବାକୁ କୁଣ୍ଠା କରୁଥିଲେ । କାମ ଦେଲେ ବି କମ ମଜୁରୀ ଦେବାର ସର୍ତ୍ତ ରଖୁଥିଲେ । ଭାରି ହଇରାଣ ହୋଇ ଯାଉଥିଲା ଚଇତି । ଯାହାହେଉ ଶେଷରେ ତାକୁ ଗୋଟେ ଭଲ ଜାଗାରେ ଭଲ ଦରମାରେ କାମ ମିଳିଗଲା । ଗୁଡ଼ିଆ ଘରର ଝିଅ । ବାପଘର ଗାଁରେ ସେମାନଙ୍କ ଘରେ କୁଳବେଉସା ଅନୁଯାୟୀ ଜଳଖିଆ ବେପାର ଚାଲିଥିଲା । କ୍ଷୀରରୁ ଛେନା ଛିଡ଼େଇ ମିଠା ଜିନିଷ ବନେଇବା, ଲୁଣି ଖାଦ୍ୟ ଛଣାଛଣି କରିବା, ପିଠାପଣା ଓ ମୁଆଁ ଇତ୍ୟାଦି ତିଆରିବା – ଏସବୁ କାମ ତାକୁ ଭଲ ଭାବରେ ଜଣାଥିଲା । ସେମିତିକା କାମରେ ଅଧିକା ଘଣ୍ଟାର ଖଟଣି ଏତେଟା ବାଧୁ ନଥିଲା ତାକୁ ।

ବୋଉ କହୁଛି ଯେ ପୁଅମାନେ ତା’ର ପାଠ ପଢ଼ିବେ । ବୁଝିଲ ବୁଢ଼ୀମାଆ, ମୁଁ ବି ପଢୁଥିଲି ମ । ଭଲ ପଢୁଥିଲି । ଶୁଣୁନ, ମୋର ସବୁ ଗୀତ ଆଉ ଇଂଲିଶ ଅକ୍ଷର ଏବେ ବି ମୁଁ କହିଯିବି ଗଡ଼ଗଡ଼ । କ’ଣ କରିବ ବୋଉ, ଆମେ ତ ଏଠି ସେଠି ବୁଲିଲୁ, ମୋ ପାଠପଢ଼ା ସରିଲା । ବାପା ଥିଲେ ମତେ ନିଶ୍ଚୟ ପଢ଼େଇ ଥାଆନ୍ତା । ଝିଲି କହୁଥିଲା ଦୁଃଖରେ ।

ଝିଲିପାଇଁ ମୁଁ କେତେଟା ଖାତା, ବହି, ପେନ୍‌ସିଲ୍ କଲମ କିଣି ଆଣିଥିଲି । ଏବେ ସେ ଆମ ଘରେ ଓଡ଼ିଆ ଖବରକାଗଜ ପଢୁଥିଲା ସବୁଦିନ । କେବେକେବେ ଖାତାରେ ଟିପୁଥିଲା ମୁଖ୍ୟ ଖବର ସବୁ । ସେ ଘୋଷିବ ବୋଲି ମୋ ଶାଶୁ ତା' ଖାତାରେ ପଣିକିଆ ଲେଖି ଦେଇଥିଲେ । ମିଶାଣ, ଫେଡ଼ାଣ, ହରଣ, ଗୁଣନ ଶିଖେଇ ଦେଇଥିଲେ ତାକୁ । ମୁଁ ଲକ୍ଷ୍ୟ କରୁଥିଲି, ଝିଲି ଏବେ ଭାରି ପରିଷ୍କାର ପରିଚ୍ଛନ୍ନ ରହୁଛି । ମୁଣ୍ଡର ବାଳ ଆଉ ଅଲରାବଲରା କରୁନି । ପରିବାରର ରୋଜଗାର ଟିକେ ସ୍ଥିର ଓ ସୁବିଧାଜନକ ହେବା ସହିତ ତା'ର ପିଲାଳିଆ ମୁହଁଟି ଆଶାରେ ଓ ଖୁସିରେ ଝଲମଲ କରୁଛି । ଝିଲି କଥା ବହୁତ କହିଲିଣି । କିନ୍ତୁ କାହାଣୀ ତ ଚିତ୍ରଲେଖାର । ଏଥର ବରଂ ସେଇ ଚିତ୍ରଲେଖାର କଥା କହେ ।

ଦିନେ ଚିତ୍ରଲେଖା ବିଷୟରେ ଗୋଟେ ଚମକଦାର କଥା ଶୁଣିଲି । ଏଥର ଶାଶୁ ନୁହେଁ ଶାଶୁଙ୍କର ପୁଅ ଶୁଣେଇ ଥିଲେ ମତେ ଖବରଟା । ନଚେତ୍ ମୁଁ ତ ବହୁତ ସମୟ ଘରେ ନଥାଏ । ଦିନ ଦିନ ଧରି ମତେ ଟୁର୍‌ରେ ପ୍ରତି ମାସରେ ବାହାରକୁ ବି ଯିବାକୁ ପଡ଼େ । ସାଧାରଣ ଓ ସ୍ୱାଭାବିକ କଥାଟିଏ । ଚଇତି ଓ ସେ କାମ କରୁଥିବା ଦୋକାନର ମାଲିକଙ୍କ ଭିତରେ କୁଆଡ଼େ ଗଢ଼ି ଉଠିଛି ଗୋଟେ ମିଠା ସଂପର୍କ ! ମତେ କିଛି ବିଚିତ୍ର ଲାଗିଲାନି କଥାଟା । ଏକୁଟିଆ ସ୍ତ୍ରୀ ଲୋକ ଯୁଆଡ଼େ ଯିବ କାମ କରିବାକୁ, ଏମିତିକା କଥା ସବୁ ତା'ର ପିଛା ଛାଡ଼ିବନି ।

ଦୋକାନର ମାଲିକ ନୀଳମଣି ଏଇ ଛୋଟିଆ ଅଧା ମଫସଲୀ ସହରରେ ଜଣେ ପରିଚିତ ଲୋକ । ବୟସ ପଚାଶ ଡେଇଁଲାଣି । ଗୋଟିଏ ଝିଅ ବାହା ହୋଇ ସାରିଛି । ପୁଅ ଦୁହେଁ ଦୋକାନରେ ବସିଲେଣି । ବ୍ଲକ ଅଫିସ ପାଖରେ ନୀଳମଣିଙ୍କର ଦୋକାନ ବହୁ ବର୍ଷରୁ ଅଛି । ପ୍ରଚୁର ବିକ୍ରୀବଟା ହୁଏ । ସବୁ ଜିନିଷର ଦାମ୍ ଅଧିକା, କିନ୍ତୁ ପାଉଡର ଦିଆ ଛେନା କି ପୋଡ଼ାତେଲର କାରବାର ନଥାଏ । ନୀଳମଣି ଲୋକଟି କର୍ମଠ । ରାତି ନ ପାହୁଣୁ ଆରମ୍ଭ ହୋଇ ରାତି ବାରଟା ଯାଏଁ କାମ ଚାଲିଥାଏ ତାଙ୍କ ଦୋକାନରେ । କାମିକା ଯେତିକି ଚୁପଚାପ୍ ସେତିକି । ମୁହଁଟା କିନ୍ତୁ ହସକୁରା କଥା ଗପିଲା ଭଳି । ମାନେ ଘୁଙ୍ଗା କି ଗେମେଟା ମୁହାଁ ନୁହେଁ ।

ଆଉ ଆମର ଝିଲିର ମାଆ – କଥାବାର୍ତ୍ତାରେ ଅଛି ତା'ର ଗୋଟେ ସହଜ ଆପଣାପଣ, ପୁଣି କେମିତି ଗୋଟେ ଅସହଜ ଦୂରତା । ସେ ମିଶିଯାଏ, ଗୋଳି ହୋଇଯାଏନା । ଯୋଉଠି ଥାଏ ଅଲଗା ହୋଇ ଦିଶୁଥାଏ । ନିଜ ପାଇଁ ବିକଳିଆ ହୋଇ ଅରାଏ ଜାଗା ସେ ମାଡ଼ି ବସେନା, ବରଂ ସହଜ ଗତିରେ ଦୃଶ୍ୟପଟରୁ ଧୀରେ ଅପସରି ଯାଇ, ନିଜ ପାଇଁ ସେ ଗୋଟେ ସ୍ୱତନ୍ତ୍ର ଆସ୍ଥାନ ଖୋଜିନିଏ । ମୋ ପୁଅ ପ୍ଲେ ସ୍କୁଲ ଗଲାଣି । ସକାଳ ଓଳି ତା'ର ଜଞ୍ଜାଳ ଆଉ ନାହିଁ । କିନ୍ତୁ ଝିଲି ଓ ତା' ଭାଇମାନେ ପୂର୍ବପରି ଆସନ୍ତି ସବୁଦିନ । ସେମାନଙ୍କର ସବୁ ମିଳାମିଶା ମୋ ଶାଶୁଙ୍କ ସାଙ୍ଗରେ । ଏତିକି ବେଳେ ଦିନେ ସଂଧ୍ୟା ସମୟରେ ଝିଲି ଆସି ପଚାରେ, ବୋଉ ଟିକିଏ ତମ ସାଙ୍ଗରେ କ'ଣ କଥାବାର୍ତ୍ତା ହବ କହୁଛି । ଏବେ ଆସିବ ନା, କାଲି ସକାଳେ ଆସିବ ?

ମୋର କାହିଁକି ହଠାତ୍ ନୀଳମଣି ପ୍ରସଙ୍ଗ ମନେ ପଡ଼ିଗଲା । ଦୁଇବର୍ଷ ଭିତରେ ମୋ ସହ କେବେ ବିଶେଷ କିଛି କଥାବାର୍ତ୍ତା କରିନି ଚଇତି । ଆଜି କି କଥା... କ'ଣ ପାଇଁ ? ନୀଳମଣି କଥା ଉଠେଇବା ପାଇଁ କିଛି ଅଧିକାର ନାହିଁ ମୋର । ତେଣୁ ସେ କଥା ଥାଉ । ସିଏ କ'ଣ କହୁଛି ଆଗେ କହୁ ।

ଆମେ ଏଠିକି ଆସିବା ଦିନରୁ ଝିଲି ଜାଣ ସବୁବେଳେ ତମରି ଘରେ ରହିଛି ଦିଦି । ତମେ ବହିପତ୍ର ଦେଲ ବୋଲି ପଢ଼ାପଢ଼ି ଟିକେ କରିପାରୁଛି । ମୁଁ ତ ଏମିତି ମାଆ ଯେ ପିଲାଟାର ପଢ଼ାପଢ଼ି କଥା ପୂରା ଭୁଲି ଯାଇଥିଲି । ଚତୁର୍ଥ ଶ୍ରେଣୀରୁ ପାଠ ଛାଡ଼ିଥିଲା । ଏବେ ଭାବୁଛି ସ୍କୁଲରେ ପୁଣି ଥରେ ନାଁ ଲେଖେଇ ଦେବି ତା'ର । କହିଲ, କୋଉ ଶ୍ରେଣୀରେ ତା'ର ନାଁ ଲେଖେଇ ଦେଲେ ଭଲ ହେବ ?

ମୁଁ ଝିଲି ମାଆର କଥା ଶୁଣୁଥିଲି ସତ, କିନ୍ତୁ ଶୁଣିବାଠାରୁ ବେଶି ଦେଖୁଥିଲି ତାକୁ । ପ୍ରାୟ ଦୁଇବର୍ଷ ହେଲାଣି ସେ ରହିଲାଣି ଆମ ପଡ଼ିଶାରେ, ପାଚେରିର ଆରପଟେ ବୋଲି କୁହାଯାଇପାରେ । ରୋଷେଇ କରୁଥିବା, ଲୁଗା ଶୁଖଉଥିବା, ନଳା ଖରକୁ ଥିବା, ସଉଦା ବ୍ୟାଗ ହାତରେ ଧରି ଚାଲିଚାଲି ଫେରୁଥିବା, ଏମିତି କେତେକେତେ କାମ ଭିତରେ ସେ ଥାଏ – ମୁଁ ଦୋତାଲା ବାରଣ୍ଡାରୁ ବା ଛାତ ଉପରୁ ଠିଆହୋଇ ଦେଖିଛି ଅନେକ ବାର । ଆମ ଘରେ ବି କେତେଥର କାମ କରିଛି ସେ । ଅଥଚ ସେ କେତେବେଳେ ଏତେ ବଦଳି ଯାଇଚି, ଲକ୍ଷ୍ୟ କରିନି ମୁଁ କେମିତି ! ଆଶ୍ଚର୍ଯ୍ୟ !

ମୋ ସାମ୍ନାରେ ଯେମିତି ଜଣେ ଭିନ୍ନ ଚଇତି ଠିଆ ହୋଇଛି । ପ୍ରଥମ ଥର ଯେମିତି ଦେଖିଥିଲି, ତା'ଠାରୁ ଦୁର୍ବଳ ଦିଶୁଛି, ଦିଶୁଛି କେମିତି ଥକିଲା ଥକିଲା । କିନ୍ତୁ ତା' ଆଖିକୋଣରେ ଯୋଉ ଟିକିଏ ଖୁସି ଝଲସୁଛି, ସେଇଟା କ'ଣ ? ସେ ଯେମିତି ନିଦରୁ ଉଠି ପଡ଼ିଛି ଲମ୍ବା ସମୟ ପରେ । ଯେମିତି ତା'ର ମନେ ପଡ଼ିଯାଇଛି ଯେ ସେ କେତେ ସୁନ୍ଦରୀ । ଯେ ସେ ଜଣେ ନାରୀ, ତା'ର ଜୀବନ ଅଛି... ମୁଁ କହିଲି – ତମେ ତା'ହେଲେ ଝିଲି ଏଥର ଆମଠାରୁ ଦୂରକୁ ଚାଲିଯିବ ବୋଲି କହିବାକୁ ଆସିଛ । ମାନେ ଝିଲିକୁ ନେଇଯାଉଛ ! କିଛି ଉତ୍ତର ନ ଦେଇ ସେ ତଳକୁ ମୁହଁ ପୋତିଲା ।

'ଆଉ ତ ଦ୍ୱିତୀୟ ବାଟ କିଛି ନାହିଁ ଦିଦି ।' ମୁଁ ଆଉ କ'ଣ କହନ୍ତି । ଚୁପ୍ ରହିଲି । ବୁଢ଼ୀମା ଭାରି ଭଲ ପାଉଥିଲେ ପିଲାଙ୍କୁ । ନିଜର ଲୋକ ବି ଏତେ ସାହାଯ୍ୟ କରିବେନି । ନିଜ ଘରର ପିଲା ପରି ପାଳିଥିଲେ ଝିଲିକୁ । ସେ ମତେ କହୁ ନଥିଲା । ନିଜକୁ ନିଜେ କହୁଥିଲା ଧୀର ସ୍ୱରରେ ।

ଦୁଇଦିନ ପରେ ନିଜ ପିଲାଙ୍କୁ ଧରି ରାତି ଥାଉଁ ଥାଉଁ ଦେଶାନ୍ତରୀ ହୋଇଯାଏ ଚିତ୍ରଲେଖା । କୁଆଡ଼େ ସେମାନେ ଗଲେ ବୋଲି କାହା ପାଖରେ କିଛି ଖବର ନଥାଏ । ଛୋଟିଆ ମଫସଲୀ ସହରଟି କିଛି ଦିନଯାଏଁ ଗପ ଓ ଗୁଜବରେ ସରଗରମ ହୋଇଉଠେ । ପୁଣି ବି ଧୀରେ ଧୀରେ କମି ଆସେ ଉତ୍ତାପ । ଲୋକମାନେ ଭୁଲିଯିବାକୁ ବସନ୍ତି ସେଇ ପରିବାରଟିକୁ । ଆମେ ବି ଚେଷ୍ଟାକଲୁ ଭୁଲିଯିବା ପାଇଁ । ଶାଶୁ ରାଣ ଦେଲା ପରି ନାଁ ଧରୁ ନଥାନ୍ତି ସେମାନଙ୍କର ।

ପରେ ଦିନେ ସପରିବାର ଆମେ ଯିବାକୁ ବାହାରିଲୁ ବାଙ୍କୀ । ମୋର ଜଣେ ସହକର୍ମୀଙ୍କର ଝିଅ ବାହାଘର । ଭୋଜିଭାତ ରାତିରେ । ବେଶ୍ ଭଲଭାବରେ ପ୍ରଥମ ମୌସୁମୀର ବର୍ଷା କେତେ ଅସରା ହେଇସାରିଛି ଗତ ମାସ ସାରା । ଏବେ ବର୍ଷା ବିରତି । ଲଘୁଚାପ ବର୍ଷା ଆରମ୍ଭ ହେବ ଚାରିଦିନ ପରେ । ମହାନଦୀ ନାଚୁଥିବ ଏବେ ଫୁଲି ଫୁଲି, କାହିଁକି ନା ଉପର ମୁଣ୍ଡରେ ବର୍ଷା ଚାଲିଛି । କିନ୍ତୁ ଆମର ଏଠି ପାଗ ପୂରା ଶୁଖିଲା ଅଛି । ଆମେ ଯୋଜନା କଲୁ, ଗାଡ଼ିନେଇ ପ୍ରଥମେ ସିଧା କଣ୍ଟିଲୋ ଚାଲିଯିବା । ଭଣଜା ଭାଣିଜୀ ଦୁଇଜଣ ସାଙ୍ଗରେ ଅଛନ୍ତି । ପିଲାମାନେ ପାହାଡ଼ ଚଢ଼ିବେ, ନଈ ଦେଖିବେ । ସେଠି ବୁଲାବୁଲି ସାରି ବାଙ୍କୀ ଫେରିବୁ । ସଂଧ୍ୟା ବେଳଟା ବାଙ୍କୀରେ ରହି ରାତି ଆଠଟା ଭିତରେ ଲେଉଟ ଯାତ୍ରା । ଭୋଜି ନ ସରିଥିଲେ ଚିନ୍ତା ନାହିଁ । ବାଟରେ କେଉଁଠି ଗୋଟେ ଭଲ ହୋଟେଲରେ ଖାଇନେବୁ ।

ଦିନ ଚାରିଟା ବେଳ । ଦିନସାରା ମେଘ ଥମ ଥମ ଆକାଶ ଛାଇ କରି ରଖିଥିଲା । ଏଇ ମାତ୍ର ଅପରାହ୍ନର ଖରା ପାହାଡ଼ ଶୀର୍ଷରେ, ବାଲିର ଶେଯରେ, ନଈପାଣିର ଢେଉରେ ଛୁଆଁଇ ଦେଇଛି ତା'ର ନାଲି ସୁନେଲି ଆଲୁଅର ତୂଳୀ । ଆମେ ସବୁ କଣ୍ଟିଲୋରେ ବୁଲୁଥାଉ । ସ୍କୁଲ ଛୁଟି ହେଲା । ଦଳ ଦଳ ପୁଅଝିଅ ସ୍କୁଲ ୟୁନିଫର୍ମ ପିନ୍ଧି ଗପସପରେ ରାସ୍ତା ଦୁଲୁକେଇ ଚାଲିଛନ୍ତି ଘରମୁହାଁ । ସ୍କୁଲ ଫେରନ୍ତା ଶିଶୁ ଓ କିଶୋରଙ୍କର କଳରୋଳ ସବୁବେଳେ ମତେ ଭାରି ଭଲ ଲାଗେ । ଏମାନେ ମହାନଦୀର କୋଳରେ ଆଷାଢ଼ର ନୂଆ ପାଣି – ନିର୍ମଳ ଜୀବନ୍ମୟ, ଛଳଛଳ । ମୁଁ ସେଇମାନଙ୍କୁ ଦେଖୁଥିଲି ପାହାଡ଼ ଉପରୁ ଦୃଷ୍ଟି ଫେରେଇ । ହଠାତ୍ ଗୋଟିଏ ସାନ ଦଳରୁ ଝିଅଟିଏ ଫିଟିପଡ଼ିଲା ଧାଡ଼ିରୁ । ଅଟକି ଯାଇ ଲେଉଟି ଚାହିଁଲା ଆମ ଆଡ଼େ ଆଉ ପର ମୁହୂର୍ତ୍ତରେ ଦଉଡ଼ି ଆସିଲା ଆମ ପାଖକୁ । ଏକମୁହାଁ ଅଣନିଶ୍ୱାସୀ ଦଉଡ଼ ।

ଆମେ ଚିହ୍ନିଲୁ – ଝିଲି । ଝିଲି ତା'ର ବଢ଼ନ୍ତା ବୟସରେ ଲମ୍ବା ହେଇଯାଇଛି କେତେ । ମୁଣ୍ଡର ବାଳ କଟା ହୋଇଛି ଛୋଟ ଛୋଟ କରି । ପିଠିରେ ବହିଖାତା ଭର୍ତ୍ତି ବ୍ୟାଗ । ଝିଲି କଠିନ ଲାଗୁଛି । ଏକା ସାଙ୍ଗରେ କାମିକା ଆଉ କମନୀୟ ବି ଲାଗୁଛି । 'ତମେ ସବୁ ଇଆଡ଼େ କୁଆଡ଼େ ଆସିଥିଲ ଯେ ! ହଉ, ହଉ ଆଗେ ଆମ ଘରକୁ ଆସ । ଏଇ ପାଖରେ ଆମେ ରହୁଛୁ । ହେଇଟି ପରା ସେଇ ଯୋଉ କଦଳୀ ଗଛ ଦିଶୁନି, ସେଇଠି । କେତେଦିନ ହେଲାଣି ମୁଁ ତମକୁ ଦେଖି ନଥିଲି ବୁଢ଼ୀମାଆ ।' ଝିଲି ଖୁସିରେ କାନ୍ଦି ପକଉଛି । ପାଟିରେ ଖନି ମାରି ଯାଉଛି ତା'ର କଥା । ଦୁଇ ହାତରେ ସେ କୁଣ୍ଢେଇ ଧରିଛି ତା'ର ବୁଢ଼ୀମାଆକୁ । 'ଆଉ ଏଠି କାହିଁକି ଠିଆ ହେଲ । ଚାଲୁନ ଆମ ଘରକୁ । ଅତି ସାନ ପିଲାଟିଏ ପରି ସେ କାନି ଧରି ଟାଣୁଛି ମୋ ଶାଶୁଙ୍କର ।'

ରହ ରହ ତୁ ସେମିତି ବ୍ୟସ୍ତ କାହିଁକି ହେଉଛୁ । ଆରାମରେ ଠିଆ ହୁଅ ଆଗେ । କୋଉ କ୍ଲାସରେ ଏବେ ପଢୁଛୁ କହିଲୁ ? ଶାଶୁ ତାଙ୍କ ଘରକୁ ଯିବାକୁ ଚାହିଁବେ କି ନାହିଁ ନ ଜାଣିପାରି ମୁଁ ଝିଲିକୁ ଅଟକେଇଲି କଥା ମଝିରେ । କାହିଁକି ସେ ଝିଅ ମୋ କଥା ଶୁଣନ୍ତା ! ଅପରିଚିତ ଆଗ୍ରହରେ ଆମ ଆଡ଼କୁ ଅନେଇ ଥମ୍ ମାରି ଠିଆ ହୋଇଥିବା ସାଙ୍ଗ ଝିଅ ଦୁହିଁଙ୍କୁ ପଠେଇଲା ସେ, ଯାଆ ଜଲ୍‌ଦି ଦଉଡ଼ି ଯାଆ ।

ମୋ ବୋଉକୁ କହିବୁ ଆସିବ । କହିବୁ ବୁଢ଼ୀମାଆ, ମାଆ, ଟିକିପୁଅ ସମସ୍ତେ ଆସିଛନ୍ତି । ଆଉ ବୁଢ଼ୀମାଆ ତମେ ଠିଆହେଲ କାହିଁକି ଚାଲୁନ । ଆରେ ଆରେ କୁନିପୁଅ ଏତେ ବଡ଼ ହୋଇଗଲାଣି । ମତେ ଚିହ୍ନିପାରୁନୁ, ମୁଁ ଝିଲିଅପା ପରା । ସତରେ ମତେ ଭୁଲିଯାଇଛୁ ତୁ ? ହଁ, ତୁ କ'ଣ ଏକୁଟିଆ ! ତମେ ସମସ୍ତେ ତ ଆମକୁ ଭୁଲିଯାଇଛ !

ପୁଅ ଝିଲିକୁ ଚିହ୍ନିବାର ପ୍ରଶ୍ନ ଉଠୁନଥିଲା । ସେ ବ୍ୟସ୍ତ ଓ ବିରକ୍ତ ହେଇଯାଉଥାଏ । ଦଳର ଅନ୍ୟମାନେ ଦୂରରେ । ଚଇତିକୁ ଡାହାଣୀ, ପିଶାଚୁଣୀ, ଛତରଖାଇ ବୋଲି ଆମ ଜାଗାରେ ଏବେ ବି ଲୋକେ କହନ୍ତି । ଶାଶୁ ବି ନୀଳମଣି ପ୍ରସଙ୍ଗରେ ତାକୁ ହିଁ ଦୋଷ ଦିଅନ୍ତି । ଭୁଲ୍ ଲୋକକୁ ଏତେ ସାହାଯ୍ୟ କରିଥିଲେ ବୋଲି ପସ୍ତେଇ ହେଇଛନ୍ତି କେତେ ବିଚାରୀ । ସେ କିଛି କହୁ ନଥାନ୍ତି । ମୁଁ ଏବେ କରେ କ'ଣ ?

ଝିଲିର ମାଆ ଆସି ପହଞ୍ଚିଗଲା ଦଉଡ଼ି ଦଉଡ଼ି । ହାତରେ ବଟା ବିରି ଲଟପଟ । ମୁଣ୍ଡର ଜୁଡ଼ା ଇତଃସ୍ତତଃ । କପାଳରେ ନାଲି ଟିକିଲି, ପାଟିରେ ପାନ । ନାକରେ ବେକରେ ଗୁଡ଼ାଏ ପଥରବସା ଗିଲିଟି ଗହଣା ଲଗେଇଛି । ହାତରେ ବାହିଏ ଲେଖାଏଁ ଚୁଡ଼ି । ଦେଖିଲେ ଲାଗୁଛି ଯେମିତି ସଂସାରର କେଉଁ କଥାକୁ ତା'ର ଡର ଭୟ କି ଖାତିରି ନାହିଁ । ତା'ର ଆଖିରେ, ମୁହଁରେ, ଓଠରେ, ପାଦ ଆଙ୍ଗୁଳିରେ ଖେଳିବୁଲୁଛି କେମିତି ଏକ ତଡ଼ିତ ପ୍ରଭା । ମୋର ହଠାତ୍ କାହିଁକି ମନେ ପଡ଼ିଗଲା ଘଣ୍ଟେଶ୍ୱରୀ । ଘଣ୍ଟେଶ୍ୱରୀକୁ ନେଇ ଯେତେ ସବୁ ଡଙ୍ଗା ବୁଡ଼ିଯିବାର କାହାଣୀ । କିନ୍ତୁ ଘଣ୍ଟେଶ୍ୱରୀ ତ ଅନ୍ତତଃ ସେତେବେଳେ ତାରୁଣ୍ୟରେ ଥିଲା... ।

ମୋ ଶାଶୁ କହିଲେ, ଏତେ ଡାକୁଛନ୍ତି ସେମାନେ । ଚାଲ ସମସ୍ତେ ଯାଇ ବୁଲି ଆସିବା । ଏଇ ପାଖରେ ତ ଘର । ମୋର ବି ପ୍ରଚଣ୍ଡ ଇଚ୍ଛା ହେଉଥିଲା, ଥରେ ପାଖକୁ ଯାଇ ଚିତ୍ରଲେଖାର ଘରକରଣା ଦେଖିବାକୁ । ନିଜ ଆଖିରେ ଦେଖି ଆସିବା ପାଇଁ ଯେ ନୀଳମଣି ଏମାନଙ୍କ ସହିତ ରହୁଛି, ନା ଆଉ ପୁଣି କାହାକୁ ଧରିଲାଣି ଚଇତି !

ନୀଳମଣି ବସିଥିଲା ତା'ର ଦୋକାନରେ । ଘରକୁ ଲାଗି ଦୋକାନ । ଏଠି ବି ଜଳଖିଆ ବେପାର କରୁଛନ୍ତି ସେମାନେ । ଦେଖିଲେ ଲାଗୁଛି ଅବସ୍ଥା ସ୍ୱଚ୍ଛଳ । ନୀଳମଣିର ଟିକିଏ ସ୍ୱାସ୍ଥ୍ୟ ଖରାପ ହୋଇଯାଇଛି । ଦୋକାନଟିକୁ ଠିଆ କରେଇବାକୁ ପ୍ରବଳ ପରିଶ୍ରମ କରିବାକୁ ପଡ଼ିଛି ନିଶ୍ଚୟ । କିନ୍ତୁ ସେ ଆଉ ଟିକିଏ ହସକୁରା ଦିଶୁଛି, ଖୁସି ଖୁସି । ଆମକୁ ଦେଖି ଦୋକାନ ଛାଡ଼ି ସେ ଦଉଡ଼ି ଆସିଲା । ହାତଯୋଡ଼ି ନମସ୍କାର କଲା ଶାଶୁଙ୍କୁ ଓ ମତେ । ଲାଜଲାଜ ହୋଇ ଆମକୁ ବାଟ ଛାଡ଼ିଦେଲା ଘର ଭିତରକୁ ।

ଆମ ସେପଟେ ନୀଳମଣି ଗୋଟେ କାହାଣୀର ଖଳନାୟକ ହୋଇ ରହିଛି ଏବେ ବି । କେହି କେହି ତାକୁ ନାୟକ ବୋଲି ବି ଭାବନ୍ତି । ଶଳାର କାଠଫାଳିଆ ମାଡ଼ରେ ତା'ର ମୁଣ୍ଡ ଫାଟି ଯାଇଥିଲା ବୋଲି ଶୁଣିଥିଲୁ । ଶୁଣିଥିଲୁ ବି ପୁଅମାନେ ଚଟକଣି ମାରିଥିଲେ ବାପା ମୁହଁରେ । ସ୍ତ୍ରୀ କହିଥିଲା – ନୀଳମଣି ବାହାରିଯାଏ ଯଦି ଘରୁ ସେ ରାଣ୍ଡ ମାଇକିନା ସାଙ୍ଗରେ, ଜାଣିବି ମୋ ସ୍ୱାମୀ ଉପରେ ଗାଡ଼ି ଚଢ଼ିଗଲା ବୋଲି । ନୀଳମଣି କାହାକୁ କିଛି କହି ନଥିଲା । ନିଜର ସବୁ ସ୍ଥାବର, ଅସ୍ଥାବର ସମ୍ପତ୍ତି, ହାତରେ ଥିବା ଜମାପୁଞ୍ଜି ସବୁ କିଛି ସ୍ତ୍ରୀ ନାମରେ ଲେଖିଦେଇ, ଦାଣ୍ଡର ଭିକାରୀ ସାଜି କପର୍ଦ୍ଦକଶୂନ୍ୟ ନୀଳମଣି ବାହାରି ଆସିଥିଲା ଘରୁ । ପନ୍ଦର ବର୍ଷ ବୟସରୁ ଆରମ୍ଭ କରି, ଚାଳିଶି ବର୍ଷ ଧରି ଯାହାକିଛି ନିଜେ କଠିନ ପରିଶ୍ରମ କରି ରୋଜଗାର କରିଥିଲା ସବୁ କିଛିକୁ ଛି କରିଦେଇଥିଲା ଚଇତି ପାଇଁ । ଚଇତି ଓ ତା'ର ପିଲା ତିନୋଟିଙ୍କର ଦାୟିତ୍ୱ ନେଇଥିଲା ସେ, ଖୁସି ଖୁସି ।

ଛୋଟ ଘର । ପିଲାମାନଙ୍କର ଲୁଗାପଟା, ବହିଖାତା, ରଂଗଡବା, ବ୍ୟାଟବଲ୍, ବନ୍‌ଶି କଣ୍ଟା, ହେୟାର ବ୍ୟାଣ୍ଡ, ହାତତିଆରି କଣ୍ଢେଇ, ଯନ୍ତ୍ରବାକ୍ସ ବିଭିନ୍ନ ଜାଗାରେ । ଦୁଇଟିଯାକ ବଖରା ଯେମିତି ପିଲା ତିନୋଟିଙ୍କ ପାଇଁ । କାନ୍ଥରେ ଗୋଟେ ଭାରତ ମାନଚିତ୍ର । ବାକିତକ ଜାଗା ପିଲାଙ୍କ ହାତଅଙ୍କା ଚିତ୍ର ଥିବା କାଗଜ, ଅଠାରେ ଛପାମରା । ଛୋଟ ଟେବୁଲଟିଏ ଉପରେ ସମସ୍ତଙ୍କର ଲୁଗାପଟା ଚଉତା ହୋଇ ଥାକମରା ହୋଇଛି । ଚଇତିର ଟ୍ରଙ୍କ, ସୁଟକେଶଗୁଡ଼ିକ ଉପରେ ପୁରୁଣା ଲୁଗା ଘୋଡ଼ା ହୋଇଛି ଗୋଟିଏ କଣରେ ।

ଆମ ସମସ୍ତଙ୍କ ପାଇଁ ଗରମ ଗରମ ବରା, ସିଙ୍ଗଡ଼ା ସହିତ ବାମ୍ଫଉଠା ଚାହା କପ୍ ଧରି ଯେତେବେଳେ ଚଇତି ବା ଚିତ୍ରଲେଖା ଆମ ପାଖରେ ଠିଆହେଲା, ମୁଁ ଭଲ କରି ଚାହିଁଲି ତା' ମୁହଁକୁ । ଉଜ୍ଜଳ ଆଖି ଡୋଳା ପଛରେ ଯେମିତି ଗୋଟାଏ କଳାଛାଇ ପହଁରି ବୁଲୁଛି । ମନେପଡ଼ିଲା, ତାକୁ ଯେବେ ପ୍ରଥମଥର ଦେଖିଥିଲି, ଲାଗୁଥିଲା ଯେମିତି ସେ ପାଶୋରି ଦେଇଛି ନିଜକୁ । ଆଜି ଲାଗୁଛି ସେ ଖାଲି ନିଦରୁ

ଉଠିପଡ଼ିନି, ଚେଇଁ ଉଠି ଚାହିଁଛି ଜୀବନକୁ ଆଶ୍ଚର୍ଯ୍ୟ ହୋଇ । କିନ୍ତୁ ତା' ବୋଲି ତା' ଭିତରର ଶୋକ ଶେଷ ହୋଇ ଯାଇନାହିଁ । ଦିପି ଦିପି ହୋଇ ଦୁଃଖର ଦୀପଟିଏ ଜଳୁଛି କୋଉଠି, ତା'ର ଆଲୁଅ ପଡୁଛି ଆସି ଚଇତିର ମୁହଁରେ । ଅଷ୍ଟ ଅଳଙ୍କାର ମଣ୍ଡଣି ପ୍ରମିଳା ଦିଦିଙ୍କ ପରି ଦୁଃଖକୁ ସେ ସହିଯାଉଛି, ଜୀବନକୁ ଭଲପାଏ ବୋଲି । ହୁଏତ ତା'ର ସୁନ୍ଦରପଣ ହିଁ ତାକୁ ଦେଇଛି ଦୁଃଖ ଅପମାନ ସହିଯିବାର ଶକ୍ତି ଓ ସାମର୍ଥ୍ୟ । କିନ୍ତୁ ଆଉ କାହା ଘରେ ନିଆଁ ଲଗେଇ ଦେଇ ନିଜ ଘରେ ପୟା ଅମାବାସ୍ୟା ପାଳିବାକୁ ସେ ଚାହିଁ ନଥିଲା ସତେକି !

ଫେରିବାବେଳେ ଶାଶୁ ପିଲାମାନଙ୍କ ହାତରେ କିଛି ଟଙ୍କା ଦେଲେ । ଝିଲିକୁ କହିଲେ, 'ମନଦେଇ ପଢ଼ିବୁ । ଯେମିତି ହେଲେ ଚାକିରି କରିବୁ । ଆଉ ଶୁଣ୍, ମାଆବାପାଙ୍କର ଯତ୍ନ ନେବୁ । ତାଙ୍କ କଥା ମାନୁଥିବୁ ।' ଏତିକି କଥାରେ କୋହ ଉଠେଇ କାନ୍ଦି ଉଠିଲା ଚଇତି । ଏମିତି ଲାଗୁଥିଲା, ଯେମିତି ଟିକିଏ ମନ ଖୋଲିଦେଇ କାନ୍ଦିବ ବୋଲି ସେ ଅନେକ ଦିନରୁ ଅପେକ୍ଷା କରି ରହିଥିଲା । ଆଉ ଆଶ୍ଚର୍ଯ୍ୟ କଥା... ତା' ସହିତ କାନ୍ଦି ପକେଇଲେ ପ୍ରଥମେ ନୀଳମଣି ଓ ପରେ ପରେ ତାଙ୍କର ପିଲାମାନେ । ଦେଖିଲି ମୋ ଶାଶୁ ବି ଲୁହ ପୋଛୁଛନ୍ତି ଆଖିରୁ ।

ମୁଁ ଦେଖୁଥାଏ, ନୀଳମଣିର ଦୁଇଟିଯାକ ପୁଅ ଠିଆ ହୋଇଥାଆନ୍ତି ବାପ ଦେହକୁ ଯାକି ହୋଇ । ଆମର ବାଙ୍କୀ ଆସିବାକୁ ଡେରି ହେଉଛି । ଆକାଶରେ ଜହ୍ନ ଉଠିଲାଣି । କଣ୍ଟିଲୋରୁ ବାଙ୍କୀ କିଛି କମ୍ ରାସ୍ତା ନୁହେଁ । ମତେ ବଳେଇ ଦେବାକୁ ଆସି ଗାଡ଼ି ପାଖରେ ମୋ ହାତକୁ ମୁଠେଇ ଧରିଲା ଚଇତି । ମତେ ଧୀରେ ଧୀରେ କହିଲା, ଶୁଣିଛି ପୁଅ ଦି'ଜଣ ବାହା ହୋଇଗଲେଣି ଯାଙ୍କର । ପୁଅବୋହୂ ଭାରି ଅବହେଳା କରୁଛନ୍ତି ମାଆକୁ । ଯଦି ସିଏ ଏଠିକି ଚାଲିଆସନ୍ତେ, ତାଙ୍କର ସବୁ ସେବାଯତ୍ନ ମୁଁ କରନ୍ତି । ମୋ ପିଲାଏ ବି କରନ୍ତେ । କିନ୍ତୁ ସିଏ କ'ଣ ଆସିବାକୁ ରାଜି ହେବେ, କେଜାଣି !

ଟିକିଏ ବୋଲି ଛଳନା ନ ଥିଲା ଚିତ୍ରଲେଖାର କଥାରେ । ମୋର ସମୁଦାୟ ସତ୍ତା ଶିହରି ଉଠିଲା । ଗୋଡ଼ ପୋତି ହୋଇପଡ଼ିଲା ବାଲିଆ ମାଟିରେ । ମହାନଦୀ ଆଡୁ ବହି ଆସୁଛି ଦଲକା ଦଲକା ଥଣ୍ଡା ପବନ । ନୂଆପାଣିର ବାସ୍ନାରେ ମତୁଆଲା ହେଉଛି ଆଷାଢ଼ ସଂଜର ଅନ୍ଧାର । ନକ୍ଷତ୍ରା, ମାନେ ମୋ ଆଇର ମିତଣୀ ନଖୀ ଆଇ ସେଇ ଛାପିଛାପିକା ଅନ୍ଧାର ଭିତରେ ସତେ କି ମୁହୂର୍ତ୍ତକ ପାଇଁ ମୁହଁ ଦେଖେଇ କୁଆଡେ ଉଭେଇଗଲା !

❑❑❑

**ଚିରଶ୍ରୀ ଇନ୍ଦ୍ରସିଂ ବାଣୀବିହାରରେ ରାଜନୀତି ବିଜ୍ଞାନ ବିଭାଗର ୧୯୮୭-୮୯ ବ୍ୟାଚ୍ ଛାତ୍ରୀ । ବର୍ତ୍ତମାନ ସେ କଟକ ଜିଲ୍ଲା ଅଡଶପୁରସ୍ଥିତ ଉଦୟନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାଧ୍ୟାପିକା । ତାଙ୍କର 'ଉତିଆଣି ସଞ୍ଜ', 'ବେଙ୍ଗବତୀ କଥା', 'ଛବି', 'ଅଙ୍କାବଙ୍କା ନଈ', 'ସର୍ଫିଂ', 'କିମ୍ପିର ଦେଶ' ଇତ୍ୟାଦି ଗଳ୍ପ ସଂକଳନ ସହ ଦୁଇଟି କବିତା ସଂକଳନ ଓ ଦୁଇଟି ଉପନ୍ୟାସ ପ୍ରକାଶିତ । ଉଭୟ କବିତା ଓ ଗଳ୍ପ ଲିଖନରେ ପାରଦର୍ଶିତା ହାସଲ କରିଥିବା ଚିରଶ୍ରୀ, ସୁଚରିତା ଶ୍ରେଷ୍ଠ ଗାଳ୍ପିକା ପୁରସ୍କାର, ଭୁବନେଶ୍ୱର ପୁସ୍ତକ ମେଳା ପୁରସ୍କାର, କାଦମ୍ବିନୀ ଶ୍ରେଷ୍ଠ ଗାଳ୍ପିକା ପୁରସ୍କାର, କହ୍ନେଇ କଥା ସମ୍ମାନ ସମେତ ବହୁ ସମ୍ମାନଜନକ ପୁରସ୍କାରରେ ପୁରସ୍କୃତ । ସମ୍ପର୍କ : ୮୦୧୮୪୨୦୫୧୭ ।**

# ବିବର୍ତ୍ତନ

**ନରେନ୍ଦ୍ର ସାହୁ**



ସୁଜନ ଆଖି ମିଟିମିଟି କଲା । ଆଖି ଭିତରେ ଡୋଳା ଦୁଇଟିକୁ ସ୍ଥିର ରଖି ଦୁଇ ହାତର ପାପୁଲିକୁ ଚଟାଣ ଉପରେ ରଖିଲା । ତରଙ୍ଗାୟିତ ଛନ୍ଦରେ ମୁହଁମାଡ଼ି ଚଟାଣ ଉପରେ ଶୋଇ ରହିଲା । ସାମ୍‌ନାରେ ଅଛି ଏକ ଦର୍ପଣ । ଦର୍ପଣଟି ଏପରି ସ୍ଥାନରେ ରଖାଯାଇଛି ଯେମିତି କି ତା'ର ସମଗ୍ର ଶରୀର ପ୍ରତିଫଳିତ ହେବ ।

ବାଃ... ଅତି ସୁନ୍ଦର । ନିଜକୁ ତାରିଫ୍ କରୁକରୁ ସୁଜନ ଉତ୍‌ଫୁଲ୍ଲିତ ହେଲା । ଥରେ  ନୁହେଁ... ବାରମ୍ବାର । ଏଥର ଜିଭ ବାହାରକୁ କାଢ଼ିଲା ସୁଜନ । ଚଟାଣ ଉପରେ ପେଟେଇ ପଡ଼ି ଜିଭକୁ ଭିତର ବାହାର କରିବାକୁ ଲାଗିଲା । ଚାରିଆଡ଼କୁ ଆଖି ତରାଟି ଚାହୁଁଥାଏ । ମଝିରେ ମଝିରେ ଚଟାଣକୁ ବି ଚାଟି ପକାଉଥାଏ ।

ପିଲାମାନେ ସ୍କୁଲ ଯାଇଛନ୍ତି । ସୁନନ୍ଦା ରୋଷେଇ ଘରେ । ସୁଜନର ଏଇ ଆଚରଣଟି ମାସେ ହେବ ବାହାରିଛି । ମାସେ ହେବ ମାନେ, ଚାକିରିରୁ ସସ୍‌ପେଣ୍ଡ ହେବା ପରେ ପରେ । ଜେଲଖାନାରୁ ବେଲ୍‌ରେ ଆସିବା ପରେ ଘରେ ବସି ସୁଜନ ଘୁମେଇଲା କିଛିଦିନ । ବସିବାକୁ ଆଉ ଭଲ ଲାଗିଲାନି । ଶେଷରେ ଶୋଇଲା । ଶୋଇବା ପରେ ପେଟେଇଲା । ବାସ୍, ଆରମ୍ଭ ହୋଇଗଲା ଏ ଆଚରଣ ।

ରୋଷେଇ ଘରୁ ବାହାରି ଆସିଲା ସୁନନ୍ଦା । ସକାଳୁ ଦୁଇଥର ପାଟିକରି ସାରିଲାଣି ସୁଜନକୁ । ସୁନନ୍ଦାର ଗାଳିରେ ବିଶେଷ କିଛି ପ୍ରତିକ୍ରିୟା ହୁଏନି ସୁଜନର । ତେଣୁ ସେ ନିର୍ବିକାର ଭାବରେ ଶୋଇ ରହିଛି । ଚଟାଣ ଉପରୁ ଟିକେ ଉହୁଙ୍କି ଚାହୁଁଛି । ପୁଣି ଲଟେଇ ଯାଉଛି ତଳେ । ସୁନନ୍ଦାର ଘରୋଇ କାମରେ ତା'ର କିଛି ଯାଏ ଆସେ ନାହିଁ । ପୁଅ ଟିଣ୍ଟୁ ଓ ଝିଅ ରାନୀଙ୍କ ଅବସ୍ଥିତି ସଂପର୍କରେ ସେ ଚିନ୍ତାଶୂନ୍ୟ ।

ସେ ବା କ'ଣ କରିବ । ତାକୁ ତ ଏମିତି ହେବାକୁ ଭଲ ଲାଗୁଚି ।      ଚବିଶି ଘଣ୍ଟାରୁ ତିନି/ଚାରି ଘଣ୍ଟା ଏପରି ନ ହେଲେ ମନଟା ଗୁଡ଼େଇ ତୁଡ଼େଇ ହଉଚି । ଦେହ ହାତ କୁଣ୍ଡେଇ ରାମ୍ପି ହେଉଚି । ଦୁଇ ଚାରି ଘଣ୍ଟା ଚଟାଣରେ ଗଡ଼ିଗଲେ ବେଶ୍ ଶାନ୍ତି । ତା'ପରେ ସୁଜନ ସୁଧାର ମଣିଷ ପରିକା ଖାଉଚି, ଶୋଉଚି, ବସୁଚି, ହସୁଚି । ସୁନନ୍ଦା ସହ ଗପୁଛି । ସାଇ ପଡ଼ିଶାଙ୍କ ସହ ସୁଖ ଦୁଃଖ ହେଉଚି ।

ବାରଟା ବାଜିବା ପରେ ସୁନନ୍ଦା ଆଉ ସମ୍ଭାଳି ପାରିଲାନି । ପାଖକୁ ଆସି ଚିହିଁକି ଉଠିଲା- ଆଜି ଗାଧୋଇବ ନାହିଁ କି ..? ବାରଟା ବାଜିଲାଣି ପରା । ଚଟାଣରେ ଶୋଇ ଶୋଇ କେତେ ଆଉ ପ୍ରାୟଶ୍ଚିତ କରିବ । ଘୋର ପାପ କର୍ମ କରିଛ, ସେଥିରୁ ନିସ୍ତାର କାହିଁ ତମକୁ । ତମେ ତ ପାପ କଲ, ସେଥିରେ ପୁଣି ଆମ ମାଆ ଛୁଆଙ୍କୁ ବି ଭାଗୀଦାର କରାଇଛ । ଧିକ୍ ତମକୁ । ଧିକ୍ ତମ ମଣିଷ ପଣିଆକୁ । ଶିକ୍ଷାବିତ୍ ଜ୍ଞାନେଶ୍ୱର ପରିଡ଼ାଙ୍କ ପୁଅ ସୁଜନ ପରିଡ଼ା ଶେଷକୁ ଏଇଆ କଲା । ବାପର ନାଁ ତୁମେ ଏମିତି ରଖିଲ ... ଛି .... ଛି .... । ସୁନନ୍ଦା ମୁହଁ ବିକୃତ କଲା ଓ ଦୁମ୍ ଦୁମ୍ ହେଇ ଦାଣ୍ଡ ଆଡ଼େ ଚାଲିଗଲା ।

ସ୍ତ୍ରୀ ମୁହଁରୁ ଏତକ ଶୁଣିବା ପରେ ସୁଜନ ଝାଡ଼ିଝୁଡ଼ି ହେଇ ଉଠି ପଡ଼ିଲା । ଦର୍ପଣରେ ଆଉ ଥରେ ମୁହଁ ଦେଖିଲା । ଚାରି ହାତି ଗାମୁଛାରେ ମୁହଁ ପୋଛିଲା । ଆଙ୍ଗୁଳିକୁ ପାନିଆଁ କରି ମୁଣ୍ଡବାଳ ସଜାଡ଼ିଲା । ଦୁଇଟା ଲମ୍ବା ହାଇ ମାରିଲା । ଥରେ ରୋଷେଇ ଘରକୁ ଉହୁଙ୍କି ଚାହିଁଲା । ବାସ୍ନା ଆସୁଚି । ଆଜି କି ତର୍କାରୀ ହେଇଚି କି... ? ଏ କଥା ଭାବିବା କ୍ଷଣି ତାଙ୍କୁ ଭୋକ ଲାଗିଲା । ଟଙ୍କିଆ ସାମ୍ପୋ ପାଉଚଟେ ଥାକରୁ ଆଣି ଗାଧୁଆ ଘରେ ପଶିଲା ।

ସୁଜନ ଗାଧୋଇ ସାରିବା ବେଳକୁ ସୁନନ୍ଦା ଭାତ ବାଢ଼ି ସାରିଥାଏ । ତର୍କାରୀ ବାସ୍ନାରେ ମହକି ଯାଉଥାଏ ଆଖପାଖ । ସୁନନ୍ଦା ହାତରେ ଭଲ ରୋଷେଇ ହୁଏ । ଏଇ କଥାଟା ଜ୍ଞାନେଶ୍ୱରବାବୁ ଜାଣିବା ପରେ ଭାରି ଆଗ୍ରହୀ ଥିଲେ ସୁନନ୍ଦାକୁ ବୋହୂ କରିବାକୁ । ସୁଜନର ବି ଭାରି ପସନ୍ଦ ହୋଇଥିଲା ସୁନନ୍ଦା । କାହିଁକି ବା ନ ହେବ ! ପାଠ, ଶାଠ, ରୂପ ଗୁଣ......କୌଣସିଥିରେ ସୁନନ୍ଦାକୁ ବାହୁନିବାର ନଥିଲା ।

ଖାଉଖାଉ ସୁଜନ ବଡ଼ ପାଟିରେ କହୁଥାଏ ... ବାଃ ... ଅସରପା ତର୍କାରୀଟା ଭାରି ବଢ଼ିଆ ଲାଗୁଚି । ଝିଣ୍ଟିକା ମୁଣ୍ଡ ବି ଚମତ୍କାର । ସୁନନ୍ଦା ... ୟୁ ଆର୍ ରିଅଲି ଜିନିଅସ୍ । ସୁନନ୍ଦା ମୁଣ୍ଡରେ ହାତ ଦେଇ ବସିପଡ଼ିଲା । " ଅସରପା ତର୍କାରୀ କଣ ? ପୋଟଳ ତର୍କାରୀ । ଲମ୍ବା ଲମ୍ବା କାଟିଚି ପରା । ପୋଟଳ ମଞ୍ଜି ତମକୁ ଦିଶୁଚି ଝିଣ୍ଟିକା ମୁଣ୍ଡ । ହେ.. ଭଗବାନ ! ଏ ଲୋକଟାର ମୁଣ୍ଡ ପୁରା ବିଗିଡ଼ିଯାଇଚି । ତମ ଆଖିକୁ କିଛି ଦିଶୁନି କି ...?" "ହେଲା .... ହେଲା ... ତମେ ଯାହା ବୁଝିଛ, ତାହା ହିଁ ଠିକ୍ । ତମେ ଅସରପାକୁ ପୋଟଳ କରିଦେଲେ ମୁଁ ମାନିଯିବି ନା କ'ଣ ...? ସୁଜନ ଆତ୍ମବିଶ୍ୱାସର ସହ କହିଲା ।

ସୁନନ୍ଦା ନିଶ୍ଚିତ ହେବାକୁ ଆଉ ବେଶି ଡେରି ନଥିଲା ଯେ ସୁଜନ ପାଗଳ ହୋଇ ଯାଇଚି କିମ୍ବା ପାଗଳାମୀ ଆଡ଼କୁ ଗତି କରୁଛି । ସଂଧ୍ୟାରେ ପୁଅ/ଝିଅଙ୍କୁ ଆଦର ସହକାରେ ଡାକି ସୁଜନ କହୁଥାଏ- ପିଲାମାନେ, ତୁମକୁ ଯଦି ଭୋକ ହେଉଛି କିଛି ଝିଣ୍ଟିକା ଖାଇଦିଅ, ନାଇଁ ତ ଝଡ଼ିପୋକ ... ଆଜିକାଲି ବୁଢ଼ିଆଣୀ ବି ଧରା ଦେଉନାହାଁନ୍ତି ସହଜରେ ।" ଏ କଥା ସରଳ ଭାବରେ କହିଲା ଓ ବଜାର ଆଡ଼େ ଚାଲିଗଲା । ଚିଣ୍ଟୁ ଆଉ ରାନୀ ହାଁ କରି ବାପାଙ୍କୁ ଚାହିଁ ରହିଲେ । ବାପା ଏମିତି କଣ କହୁଛନ୍ତି ...?

ରାତିରେ ଖାଇ ସାରିବା ପରେ ସୁଜନ ବଡ଼ପାଟିରେ ସମସ୍ତଙ୍କୁ କହିଲା- ଯିଏ ଯାହାର କାନ୍ଥରେ ଚଢ଼ିଯାଇ ଶୋଇପଡ଼ । ସୁନନ୍ଦା ପାଟି କଲା- କ'ଣ ଗପୁଛ ୟାଡ୍ରୁ ସ୍ୟାଡ୍ରୁ ! ମୁଣ୍ଡ ଯଦି ଠିକ୍ ନାଇଁ ତମେ ଚୁପ୍ ଚାପ୍ ଶୋଇପଡ଼ । ଆମକୁ କ'ଣ କହୁଛ କାନ୍ଥରେ ଚଢ଼ିବାକୁ । ଆମେ କ'ଣ ଝିଟିପିଟି ହେଇଛୁ ...? "ଝିଟିପିଟି - କୋଟି ନିଧି ପାଇବା ପରି ଡିଆଁଟେ ମାରିଲା ସୁଜନ । ଝିଟିପିଟି... - ପୁଣି ସେ ଚିତ୍କାର କଲା । ଝିଟିପିଟି... - ଏଥର ନିମ୍ନ ଅନୁନାସିକ ସ୍ୱର ।

ଏଇ କେତେ ଦିନ ହେବ ସୁଜନ ଆଉ ନିଜକୁ ମଣିଷ ବୋଲି ଭାବୁନାଇଁ । ସେ ମଣିଷରୁ ପାଲଟିଯାଇଛି ଝିଟିପିଟି । ତା'ର ଗୋଟେ ଲାଙ୍ଗୁଡ଼ ଅଛି । ଚାରିଟା ଗୋଡ଼ ଅଛି । ସେଇ ଗୋଡ଼ ଚାରିଟାରେ ସେ ଅକ୍ତିଆର କରିଛି ତା' ଆଖପାଖର ପରିବେଶକୁ । ଲାଞ୍ଜଟା ଅଛି ଦିଗ ପରିବର୍ତ୍ତନ ପାଇଁ । ଧରାପଡ଼ିଲେ ସେ ଲାଙ୍ଗୁଡ଼ ଛିଣ୍ଡେଇ ପଳାଇ ଯାଇ ପାରିବ । ସ୍ଥାନ ପରିବର୍ତ୍ତନ ପାଇଁ ବି ଲାଙ୍ଗୁଡ଼ଟା ଉପଯୋଗୀ । ଦୁଇଟା ଡିମାଡିମା ଆଖି ଅଛି ଶୀକାର ଉପରେ ଦୃଷ୍ଟି ପକାଇବାକୁ । ଗୋଟେ ଲାଲୁଆ ଜିଭ ଅଛି ଶୀକାର ଟାଣି ଆଣିବାକୁ ଆଉ ଗୋଟେ ସର୍ବଗିଳା ପେଟ ଅଛି ସବୁକିଛି ଆଣି ପେଟରେ ଭର୍ତ୍ତି କରିଦେବାକୁ ।

ଏ ସବୁ ମାନସିକତା ସୁଜନ ପାଖରେ ମହଜୁଦ ଅଛି । ତେଣୁ ସେ ଝିଟିପିଟି ହେବା ସ୍ୱାଭାବିକ । ଝିଟିପିଟି ଅନୁରୂପ କାର୍ଯ୍ୟକଳାପ ସେ କରିବାକୁ ବାଧ । ସୁଜନ ବୁଝିପାରୁନି ଯେ ଅନ୍ୟମାନେ ତାକୁ ଏମିତି ଭାବୁଛନ୍ତି କାହିଁକି ...? ସମୟ ସମୟରେ ତା'ର ଏପରି ହେବା ଉଚିତ । ତା' ଭିତରର ଝିଟିପିଟି ପଣିଆଁ ଟିକକ ମଝିରେ ମଝିରେ ବାହାରକୁ ଆସିବା ଉଚିତ୍ ।

ଅବଶ୍ୟ ସୁଜନ ପ୍ରଥମରୁ କେବଳ ମଣିଷ ହିଁ ଥିଲା । ଶିକ୍ଷାବିତ୍ ଜ୍ଞାନେଶ୍ୱର ପରିଡ଼ାଙ୍କର ପୁତ୍ର ସୁଜନ ପରିଡ଼ା ପାଠପଢ଼ାରେ ମେଧାବୀ ନଥିଲା । କିନ୍ତୁ କଥାବାର୍ତ୍ତା, ଚାଲିଚଳନ ଓ ବ୍ୟବହାରରେ ବେଶ ସଂଯମୀ ଓ ସଂସ୍କାର ସଂପନ୍ନ । କେଜାଣି କାହିଁକି ଆଦୌ ପାଠ ହେଲା ନାହିଁ

ସୁଜନର । ପିତାଙ୍କର ଅକ୍ଳାନ୍ତ ପରିଶ୍ରମର ମୂଲ୍ୟ କିଛି ରହିଲା ନାହିଁ । ଯେନତେନ ପ୍ରକାରେଣ ମାଟ୍ରିକ ପାସ୍ କରିଗଲା । କଲେଜରେ ପଢ଼ିଲା ବେଳୁ ହିଁ ଜ୍ଞାନେଶ୍ୱରବାବୁ ସୁଜନ ପାଇଁ ଚିନ୍ତିତ ଥିଲେ । ଦୁଇ ଥରରେ ଆଇ.ଏ. ପାଶ କରିବା ପରେ ଜ୍ଞାନେଶ୍ୱର ବାବୁ ଧରାଧରି କରି ରାଜ୍ୟ ସରକାରଙ୍କ ଅଧୀନସ୍ଥ କିରାଣୀ ଚାକିରିଟିଏ ଯୋଗାଡ଼ କରିଦେଲେ ସୁଜନ ପାଇଁ ।

ବାସ୍....ଫିଟିଗଲା ବଞ୍ଚିବାର ମାର୍ଗ । ସୁଜନ ଚାକିରି ପାଇବାରେ ଯେତିକି ଖୁସି ନଥିଲା, ତା ଠାରୁ ବେଶି ଖୁସିଥିଲା ପାଠପଢ଼ା ବନ୍ଦ ହେବାରେ । ନୂଆ ନୂଆ ଚାକିରିରେ ଜଏନ୍ କଲା ବେଳକୁ ତାକୁ ଭାରି ଅଡୁଆ ଲାଗୁଥାଏ । ବଡ଼ ବାବୁ ଯେଉଁ କାମ ଦେଉଥାନ୍ତି, ସେତିକି କାମ କଲା ପରେ ଆଉ କିଛି କାମ ନଥାଏ । ପ୍ରଥମ ଥର ଦରମା ପାଇଲା ପରେ ଏତେଗୁଡ଼ାଏ ଟଙ୍କା ଦେଖି ସେ ଆଶ୍ଚର୍ଯ୍ୟ ହୋଇଗଲା । ଘରେ ମାଆକୁ ଅଧା ଟଙ୍କା ଦେଇ ଆଉ ଅଧକ ଖର୍ଚ୍ଚ କେମିତି କରିବ ଠଉରାଇ ପାରିଲା ନାହିଁ । ସୁଜନ ମନେ ମନେ ଭାବୁଥିଲା ଚାକିରିଠୁ ବଢ଼ିଆ ଜିନିଷ ଏ ପୃଥିବୀରେ ଆଉ କିଛି ନାହିଁ । ଖାଲି ଟଙ୍କା ଆଉ ଟଙ୍କା ।

ବର୍ଷଟିଏ ବିତିଗଲା – । ସୁଜନ ପାଇଁ କନ୍ୟାଟିଏ ଯୋଗାଡ଼ କଲେ ଜ୍ଞାନେଶ୍ୱର ବାବୁ ଓ ସୁମତି ଦେବୀ । ଘରୋଇ ଝିଅଟିଏ ଖୋଜୁଥିଲେ ସେମାନେ । ସୁନନ୍ଦା ସବୁ ଦୃଷ୍ଟିରୁ ଯୋଗ୍ୟା ଥିଲା । ବାହାଘର ହୋଇଗଲା ଫଟାଫଟ । ଚାକିରି ପୁରୁଣା ହେବାକୁ ଲାଗିଲା । ଦାୟିତ୍ୱ ବି ବଢ଼ିଲା । ଜ୍ଞାନେଶ୍ୱର ବାବୁ ଓ ସୁମତି ଦେବୀଙ୍କୁ କାଳ ଅଚାନକ ନିଜ ଗର୍ଭକୁ ଟାଣିନେଲା । ସବୁ ସିନେମା ପରିକା ଲାଗେ ସୁଜନକୁ । ଏବେ ସେ ଘରର ଏକମାତ୍ର ମୁରବୀ ।

ଜଞ୍ଜାଳ ବଢ଼ିଲା । ଅଭାବ ଧୀରେଧୀରେ ଗ୍ରାସ କଲା । ୟା' ଭିତରେ ଦୁଇ ତିନିଟି ବିଭାଗକୁ ତା'ର ଟ୍ରାନ୍ସଫର ହେଲା । ସବୁଠି ଗୋଟିଏ ଦୃଶ୍ୟ ସେ ଦେଖିବାକୁ ପାଇଲା । ଟଙ୍କା ଉଡୁଛି ... ଏ ହାତରୁ ସେ ହାତ । ସେ ହାତରୁ ଏ ହାତ । ଅଫିସ ଗଲାବେଳକୁ ପକେଟ ଖାଲି । ଫେରିଲା ବେଳକୁ ପକେଟ ଫୁଲ୍ । ଅଫିସକୁ ପଶିଲେ ସମସ୍ତଙ୍କ ମୁହଁରେ ହସ । ଅଫିସଟା ଯେମିତି ପଇସା ଖଣି । ସମସ୍ତଙ୍କର କିସମ କିସମ ମଡେଲର ଗାଡ଼ି । ନୂଆନୂଆ ଜାଗା କିଣା, ଘର ତିଆରି.....କେତେ କ'ଣ.. ।

ସୁଜନ ତାଜୁବ୍ ହେଇଯାଏ । ସେ କିନ୍ତୁ ପାରୁନି । କେମିତି କାହାଠୁ କି ଉପାୟରେ ଟଙ୍କା ଝଡ଼ାଯାଏ– ସେ କଳାଟି ତାକୁ ମାଲୁମ ନାଇଁ । ସହକର୍ମୀ ଗୌରହରିକୁ ସୁଜନ ଦିନେ ପାରିବାରିକ କଷ୍ଟ କଥା କହିଲା । ସମାଧାନର ସୂତ୍ରଟିଏ ବତାଇବାକୁ ଅନୁରୋଧ କଲା । ଗୌରହରି ମୁଚୁକି ହସଟିଏ ମାରି କହିଲା – ମୋତେ ଗୁରୁ ବୋଲି ମାନି ମୋ ପଦାଙ୍କ ଅନୁସରଣ କର । ତା'ପରେ ସମାଧାନ ତୋ ହାତରେ ।

ମାତ୍ର ସପ୍ତାହକର ଟ୍ରେନିଂ ପରେ ସୁଜନ ସାହସର ସହିତ ନିଜ କ୍ଷେତ୍ରରେ ପ୍ରୟୋଗ କଲା । ଗୋଟିଏ ଚେଷ୍ଟାରେ ଫଳପ୍ରଦ । ତା' ପରଠାରୁ ଆଉ ପଛକୁ ଫେରିନାହିଁ ସୁଜନ । ପକେଟରେ ଫୁଲ୍‌ଟଙ୍କା ଧରି ଫେରିବା ବେଳକୁ ଆତ୍ମସନ୍ତୋଷର ଚିହ୍ନ ଫୁଟି ଉଠୁଥାଏ ମୁହଁରେ । ଦିନ, ମାସ, ବର୍ଷ ଗଡ଼ି ଚାଲିଲା । ଏବେ ସୁଜନ ଆଖିକୁ ସବୁବେଳେ ଟଙ୍କା ଦିଶେ । ସମସ୍ତଙ୍କର ମୁହଁ ଯେମିତି ଗୋଟିଏ ନୋଟ ବଣ୍ଡଲ । ସର୍ବସାଧାରଣ ଅଫିସରେ ବିନା ଟଙ୍କାରେ କୋଉ କାମ ହୁଏ କି ?

ହାଃ ... ହାଃ ... ଏକାନ୍ତ ବେଳରେ ସୁଜନ ବେଳେବେଳେ ହସିଦିଏ । କେଡ଼େ ମୂର୍ଖଟାଏ ନ ଥିଲା ସତରେ ! ଏତେ ସୁନ୍ଦର ମାର୍ଗଟିକୁ ଚାକିରି ଆରମ୍ଭରୁ କାହିଁକି ଆପଣେଇଲାନି ? ଅନ୍ତତଃ ସହରରେ ସୁନ୍ଦର ଘରଟାଏ ଏତେବେଳକୁ ହୋଇ ସାରନ୍ତାଣି– ବହିଦାର ବାବୁ ଓ ଚକ୍ରଧର ବାବୁଙ୍କ ପରିକା ।

ବହିଦାର ବାବୁଙ୍କ କଥା ମନରେ ପକାଇ ସେ ଆଶ୍ଚର୍ଯ୍ୟ ହୁଏ । ବର୍ଷ ଦୁଇଟା ତଳେ ସେ ଦେଖିଚି ତାଙ୍କ ଘରର ହାଲତ । ଦୁଇଟା ଦଉଡ଼ିଆ ଖଟ । ଗୋଟେ ଭଙ୍ଗା ଦଦରା ଟେବୁଲ ଆଉ ଦୁଇଟା ଟିଣ ଫୋଲଡିଂ ଚେୟାର । ଖଟ କଡ଼କୁ ସପ୍‌ଟେ ଡେରା ହୋଇଥାଏ । ଚା' ପିଇବାକୁ ହେଲେ ତିନି ଟଙ୍କିଆ କପରେ ପିଇବାକୁ ପଡ଼େ । ଚିନି ଥିଲେ ଅମୂଲ ନାହିଁ, କ୍ଷୀର ଥିଲେ ଚା' ନାଇଁ ।

ଏବେ ସେସବୁ ଆଉ ନାହିଁ । ସହରର ମଧ୍ୟ ଭାଗରେ ସୁଦୃଶ୍ୟ ଘରଟିଏ । ଆଠ ଲକ୍ଷ ଟଙ୍କାରୁ କମ୍ ହେବ ନାଇଁ । ଦାମୀ ସୋଫା ସେଟ୍ । ଡିଜାଇନ ପଲଙ୍କ । ହାୟର୍ କମ୍ପାନିର ଏକୋଇଶି ଇଞ୍ଚିଆ ଫ୍ଲାଟ୍ ଟିଭି ଉଇଥ୍ ସରାଉଣ୍ଡ ସାଉଣ୍ଡ । ଭିସିଡି, ଡବଲ ଡୋର ଫ୍ରିଜ୍ । ଅଟୋମେଟିକ୍ ୱାସିଙ୍ଗ୍ ମେସିନ୍ ।

ହରିହର ବାବୁଙ୍କ ସ୍ତ୍ରୀଙ୍କର ବେକ ଦେଖାଯାଏନି । ଗହଣା ଛାଇ ଯାଇଛି । ସାଧାରଣ ଆକାଉଣ୍ଟାଣ୍ଟ ଜଣେ ଏତେ ଷ୍ଟାଟସ୍ କେମିତି ମେଣ୍ଟେନ୍ କରିପାରେ ... ? ସୁଜନ ତାରିଫ୍ କରୁଥିଲା ହରିହର ବାବୁଙ୍କ ମଗଜକୁ । ତଦ୍ରୂପ ଚକ୍ରଧର ବାବୁ । ଏ ଦୁଇଜଣଯାକ କମ୍ପିଟିସନରେ ଚାଲିଛନ୍ତି । ସାରା ଅଫିସଟା ଉଣା ଅଧିକେ ଏପରି ଚାଲିଛି । ସୁଜନ ବହୁତ ପଛରେ ଥିଲା ... ବହୁତ ପଛରେ ।

ଏବେ ଅଫିସ ପରିବେଶ ଅଲଗା ଅଲଗା ଲାଗେ ସୁଜନକୁ । ଠାକୁରଙ୍କୁ ଲମ୍ବା ମୁଣ୍ଡିଆ ମାରି ଘରୁ ବାହାରେ । ମାନସିକ କରେ । ଅଧିକା ରୋଜଗାର ହେଲେ ସୁନା ଆଖି ଦେବି, ଶଙ୍ଖା ଦେବି, ମନ୍ଦିର ପାଇଁ ଜାଗା ଦେବି, ସୁନା ନାଗ ଦେବି ଇତ୍ୟାଦି....ଇତ୍ୟାଦି.... । ସିଟ୍‌ରେ ବସିବା ଆଗରୁ ଇଷ୍ଟଦେବୀଙ୍କୁ ସ୍ମରଣ କରେ । ବାସ୍ନାଧୂପ ସାମ୍ନାରେ ଲଗାଏ । ଦୁଇଟି ସଜ କନିଅର ଫୁଲ ଟେବୁଲ କାଚ ଉପରେ ଥୁଏ । ତା'ପରେ ଆରମ୍ଭ ହୁଏ ଅଫିସ କାର୍ଯ୍ୟ । କେତେ ଲୋକ ଆସନ୍ତି ଆଉ ଯାଆନ୍ତି । କାହାର ଲୋନ୍ ସାଙ୍କସନ୍ ହେବ, କାହାର ପ୍ଲାନ୍ ଆପ୍ରୁଭ୍ ହେବ, କାହାର ପ୍ରପର୍ଟି ଟ୍ରାନ୍ସଫର, ଲାଇସେନସ ରିନୁଆଲ ଇତ୍ୟାଦି । ମନ ପସନ୍ଦର ପାଉଣା ନ ମିଳିଲେ ଫାଇଲ ଉଠେନି ସୁଜନ ପାଖରୁ । ନାନା ବାହାନା ଦେଖାଏ । ଏବେ ଏଇ ବାହାନାଖୋରିରେ ଦକ୍ଷତା ଆସିଯାଇଚି ତା'ର ।

ଅବଶ୍ୟ ଏଇ ଉପୁରି ଆୟ ପଛରେ ସୁଜନର କାର୍ଯ୍ୟଦକ୍ଷତାକୁ ବି ଅସ୍ୱୀକାର କରି ହେବନି । ପାଞ୍ଚଦିନର କାମକୁ ପାଞ୍ଚ ମିନିଟ୍ ଭିତରେ କରିବାର ଯୋଗ୍ୟତାକୁ ସେ ଅନେକବାର ପ୍ରମାଣିତ କରିସାରିଛି । ଏ କ୍ଷେତ୍ରରେ ସୁନାମ ମଧ୍ୟ ଆସିଯାଇଚି ସୁଜନର । ତେଣୁ ସେ ଗ୍ରାହକମାନଙ୍କର ବିଶ୍ୱାସ ଓ ଶ୍ରଦ୍ଧାଭାଜନ ମଧ୍ୟ ହୋଇ ପାରିଛି । ଗ୍ରାହକମାନେ ବି କୋଉ କାର୍ଯ୍ୟ ପାଇଁ କେତେ ପାଉଣା ଦେବାକୁ ହେବ ସେ ବିଷୟରେ ଅବଗତ ଥାଆନ୍ତି । ନୂଆ ପ୍ରକାର କିଛି କାର୍ଯ୍ୟ ଉପୁଜିଲେ ଉକ୍ତ କାର୍ଯ୍ୟରେ ନିହିତ ଥିବା ରିସ୍କ ପରିଶ୍ରମକୁ ବିଚାରକୁ ନିଆଯାଇ ଦରଦାମ୍ ଛିଣ୍ଡେ । ଏଥିରେ ସୁଜନର ନିଷ୍ପତ୍ତି ହିଁ ଫାଇନାଲ । ଅଫିସରମାନେ ମଧ୍ୟ ସୁଜନକୁ ନିର୍ଭରଯୋଗ୍ୟ ମନେ କରନ୍ତି ଓ କାର୍ଯ୍ୟରେ ହସ୍ତକ୍ଷେପ କରନ୍ତି ନାହିଁ । ଅଫିସରମାନଙ୍କର ସୁଜନ ପ୍ରତି ଅତୁଟ ବିଶ୍ୱାସ ପଛରେ କି ରହସ୍ୟ ଥାଏ, ସେ ପ୍ରସଙ୍ଗ ଏଠାରେ ଗୁପ୍ତ ରଖାଯାଉ ।

ଖୁବ୍ ଶୀଘ୍ର ସୁଜନ ସହରର ମନ ପସନ୍ଦର ଏରିଆରେ ଜାଗାଟିଏ କିଣି ସୁଦୃଶ୍ୟ ଘରଟିଏ ତିଆରି କଲା । ସୁନନ୍ଦା ପାଇଁ ଗହଣା ଆଉ ଦାମୀ ଶାଢ଼ୀ । ଝିଅ ପାଇଁ ଲାଟେଷ୍ଟ୍ ମଡେଲର ଭେରିଓ ଡ୍ରାଇଭ୍ ଗାଡ଼ି କିଣାଗଲା ନିୟମିତ ସ୍କୁଲ ଯିବା ନିମନ୍ତେ । ଘରେ ଡ୍ରଇଁରୁମ୍‌ରେ କୁନ୍ଦକୁଟା ସୋଫା ସେଟ୍ । ବେଡ୍ ରୁମ୍‌ରେ ଅନୁରୂପ ପଲଙ୍କ । ଝର୍କା ଆଉ କବାଟରେ ଦାମୀ ଡୋର ସ୍କିନ୍, ୱାସିଙ୍ଗ ମେସିନ୍, ଫ୍ରିଜ୍, ଟି.ଭି, ଆକ୍ୱାଗାର୍ଡ, ଏୟାର କୁଲର ଇତ୍ୟାଦି ଆସବାବପତ୍ରରେ ଖୁନ୍ଦି ହେଇଗଲା ଘର ।

ମଉକା ଦେଖି ସୁଜନ କିଣିଛି ଏକ ମନ ପସନ୍ଦର ଇଣ୍ଡିକା କାର । କାର୍ ପାଇଁ ଗ୍ୟାରେଜ । ଡ୍ରାଇଭରଟିଏ ରଖାଯାଇଛି । ଦରମା ତାର ମାସକୁ ଦୁଇ ହଜାର । ଛୁଟି ଦିନରେ ପିଲାମାନଙ୍କୁ ନେଇ ବୁଲିବାକୁ ଯାଏ ସୁଜନ । ଏବେ ଆଉ ଚିହ୍ନି ହେଉନାହିଁ ସୁଜନକୁ । ବେକରେ ଗୋଟେ ମୋଟା ଚେନ୍ । ହାତରେ ଦାମୀ ରିଷ୍ଟ ୱାଚ୍ । ମୁହଁକୁ ସାଜୁଥାଏ ଇଟାଲିଆନ୍ ମଡେଲ୍‌ର ଚଷମା । ଜୀବନକୁ ଜୀଇଁବାକୁ ଯାହା ଦରକାର, ସେସବୁ ସୁଜନର ପାଦ ତଳେ ଲୋଟୁଥିଲା ।

ବହିଦାର ବାବୁ, ଶଶାଙ୍କ ବାବୁ, ନବଘନ ଆଉ ଚକ୍ରଧର ବାବୁ ତା'ଠାରୁ କେତେ ସାନ ... କେତେ ତଳେ । ବହିଦାର ବାବୁ ଏକ ପିମ୍ପୁଡ଼ି, ଶଶାଙ୍କ ବାବୁ ଝିଣ୍ଟିକା, ନବଘନ ବାବୁ ଏକ ଅସରପା ପରି ଦିଶନ୍ତି । ଅଫିସରେ ବସି ପଡ଼ିଲେ ଟଙ୍କାର ସୁଅ ଛୁଟେ । କାମରୁ ଫୁରୁସତ୍ ମିଳେନା । ଟଙ୍କା ପକେଟରେ ପଶିଲେ ଫାଇଲ୍ ପବନରେ ଉଡ଼େ । ଉଡ଼େଇବାର କଳା ଭଲ ଭାବରେ ଜଣା ସୁଜନକୁ ।

ସୁଜନ ସବୁବେଳେ ସୁନନ୍ଦାକୁ କହେ - ମଣିଷ ପରି ବଞ୍ଚିବାକୁ ହେଲେ ଟଙ୍କା ହିଁ ପୋଜିସନ୍, ଷ୍ଟାଟସ୍ ଆଉ ମାନସିକ ଶାନ୍ତି ଦେବ । ଟଙ୍କାକୁ ଛାଡ଼ିଦେଲେ ଏ ଦୁନିଆରେ ନିଜର ବୋଲି କେହି ନାହାଁନ୍ତି । ସୁନନ୍ଦା କେବେ ହେଲେ ସୁଜନର କୌଣସି କଥାରେ ବାଧା ଦେଇ ନାହିଁ । ଯୁଗୋପଯୋଗୀ ହେବାର ଦୌଡ଼ରେ ସେ ମଧ୍ୟ ସାମିଲ ହୋଇଯାଇଥିଲା । ନିଜର ଷ୍ଟାଟସ୍ ଆଉ ପୋଜିସନ୍ ଦେଖାଇବାର ସବୁ ପ୍ରକାର ମାର୍ଗକୁ ସେ ଆପଣେଇ ନେଇଥିଲା ।

ସୁଜନର ଅଫିସରେ ଭାରି ଖାତିର । ଡ୍ରାଫ୍‌ଟିଂରେ ତା' ପରିକା କେହି ନାହାଁନ୍ତି । ନୋଟସିଟ୍‌ରେ ଏମିତିକା କଥା ଲେଖିଥିବ ଯେ ଅଫିସରର ଅକଲ ଗୁଡୁମ ହୋଇଯିବ । ଗ୍ରାହକମାନେ ସୁଜନ ଆଖିକୁ ଆଉ ମଣିଷ ପରିକା ଦିଶନ୍ତିନି । ଦିଶନ୍ତି ଗୋଟେ ଗୋଟେ ଉଡ଼ନ୍ତା ପୋକ, ଅସରପା, ଝିଣ୍ଟିକା, କଙ୍କି ଇତ୍ୟାଦି । ସୁଜନକୁ ଲାଗେ ସେ ଗୋଟେ ଝିଟିପିଟି । କାନ୍ଥରେ ଚାପି ହୋଇ ରହିଛି । ସାମ୍ନାରେ ଗ୍ରାହକରୂପୀ କଙ୍କି ଓ ଝିଣ୍ଟିକା ଗୋଟିଏ ଗୋଟିଏ ଆସୁଛନ୍ତି । ସେ ସେମାନଙ୍କୁ ତା' ଲାଳୁଆ ଜିଭରେ ଟାକଉ କିନା ଗିଳି ପକାଉଛି । ଗିଳି ସାରିବା ପରେ ପାଟି ଚାରି ପାଖରେ ଜିଭ ବୁଲେଇ ଦଉଚି । ତା'ର ସର୍ବଗିଳା ପେଟଟାରେ ସବୁ ପଶିଯାଉଚି । ଅନାୟାସରେ .... । ପେଟ ଶାନ୍ତି ନ ହେବା ଯାଏଁ ସେ ଖାଇ ଚାଲିଛି । ଟାକଉ ..... ଟାକଉ ....... ଟାକଉ ..... ।

ସୁଜନର ଉପରିସ୍ଥ ହାକିମ ହେଉଛନ୍ତି ଚତୁର୍ଭୁଜ ମହାପାତ୍ର । ପ୍ରମୋଟି ଓ.ଏ.ଏସ୍. । ଆଉ ପାଞ୍ଚବର୍ଷ ପରେ ରିଟାୟାର୍ କରିବେ । ଆଗପଟଟି ଚନ୍ଦା । ପେଟଟି ଢୋଲ ପରି ବାହାରକୁ ବାହାରି ପଡ଼ିଛି । ଆଖି ଯୋଡ଼ିକ ପେଚା ଆଖିପରି । ସିଟ୍‌ରେ ବସିଥିବେ ଏକଦମ୍

ଗୁମ୍‌ସୁମ୍ । କାହା ସହ ବିଶେଷ କଥା ହୁଅନ୍ତିନି । ହସିବାର କେହି କେବେ ଦେଖି ନାହାଁନ୍ତି । ଦିନକୁ ୨୦ କପ୍ ଚା’ ପିଅନ୍ତି । ମଝିରେ ମଝିରେ ବେଲ୍ ମାରି ସୁଜନକୁ ଡାକନ୍ତି । ପାଞ୍ଚଟି ଝିଅ ଓ ଏକମାତ୍ର ପୁଅ । ପୁଅଟି କୁଳ ଅଙ୍ଗାର ଓ ଅକାଳ କୁଷ୍ମାଣ୍ଡ ବୋଲି ଜନରବ ଅଛି । ଦୁଇଟି ଝିଅକୁ ବିଭା ଦେବା ପରେ ତୃତୀୟ ଝିଅଟି ପାଇଁ ବରପାତ୍ର ଖୋଜା ଚାଲିଛି ।

ସୁଜନ ବିରୁଦ୍ଧରେ କେହି କିଛି କହିଲେ ଚତୁର୍ଭୁଜ ବାବୁ ଚଉକିରେ ସିଧା ଠିଆ ହୋଇ ପଡ଼ନ୍ତି । ତାଙ୍କ ଆଖିରୁ ସେତେବେଳେ ନିଆଁ ହୁଳା ବାହାରେ । ତେଣୁ ଏଇ ଦୁଇଜଣଙ୍କର ମଧୁର ସଂପର୍କ ଉପରେ ଟିପ୍‌ପଣୀ ଦେବାକୁ କେହି ଦୁଃସାହସ କରନ୍ତି ନାହିଁ ।

ସୁଜନ ୟା’ ଭିତରେ ବହୁତ ବଦଳି ଗଲାଣି । ଏବେ ପ୍ରାୟ ସମୟରେ ସେ ଚୁପ୍‌ଚାପ ରହେ । ଯେତିକି ସମୟ କଥାବାର୍ତ୍ତା କରେ ସେଥିରେ ଶାଳୀନତାର ପ୍ରବଳ ଅଭାବ ଅନୁଭୂତ ହୁଏ । ସାଇ ପଡ଼ିଶାଙ୍କୁ ସେ ଆଉ ମଣିଷ ବୋଲି ଖାତିର କରେନା । ଅଫିସରେ ଭାରି ଆଡାମେଣ୍ଟ ଭାବ ଦେଖାଏ । ସମସ୍ତେ ତା’ର ଏସବୁ ସ୍ୱଭାବ ସହ ଧୀରେଧୀରେ ପରିଚିତ ହେଲେଣି ।

ସେଦିନ ଅଫିସରେ ବସି ଘୁମଉଥିଲା ସୁଜନ । ଅଫିସ୍ ଟିକେ ଫାଙ୍କା ଥିଲା । ପବ୍ଲିକ କମ୍ ଥିଲେ । ସୁଜନ ପାଖରେ ତିରିଶ ପଇଁତିରିଶ ବର୍ଷର ଯୁବକଟିଏ ଆସି ଠିଆ ହେଲା । ଏକଡ଼ ସେକଡ଼ ଚାହିଁଲା । ଦୁଇଟା ଖଣ୍ଡିକାଶ ମାରିଲା । ଘୁମନ୍ତ ଆଖିରେ ସୁଜନ ଯୁବକଟିକୁ ଦେଖିବା କ୍ଷଣି ଚଡ଼ା ଗଳାରେ ପଚାରିଲା - କଣ ହେଲା .....? ଆଣିଛି ସାର୍ । ଆଜି ଦୟାକରି ମୋ କାମଟା କରି ଦିଅନ୍ତୁ ନା । ବହୁତ ହଇରାଣ ହେଲିଣି ।” ଜବରଦସ୍ତ ଦୃଷ୍ଟିଟିଏ ପକାଇ ସୁଜନ କହିଲା -ଠିକ୍ ଅଛି । ଫଟୋ ଦୁଇଟା ଦିଅ । ଅମୁକ ଅମୁକ ଜାଗାରେ ଦସ୍ତଖତ କର ।”

ଯୁବକଟି ଚଟାପଟ୍ ଏସବୁ କରିବା ପରେ ସୁଜନ ବଢ଼ାଇ ଦେଲା ହାତ । ଦଶଟି ଚକଚକିଆ ଶହେ ଟଙ୍କା ନୋଟ ବଢ଼େଇ ଦେଲା ଯୁବକଟି । ସୁଜନର ପାଟି ଲାଳେଇଗଲା । ପାପୁଲି ସଲ ସଲ ହେଲା ଟଙ୍କା ଗଣିବାକୁ । ହାତ ହମ ହମ ହେଲା ଟଙ୍କାଟା ଖୁବ୍ ଶୀଘ୍ର ପକେଟରେ ପୂରାଇବାକୁ । ଟଙ୍କା ପକେଟସ୍ଥ କରିବା ପରେ ଫାଇଲ ସହ ପଶିଲା ଚତୁର୍ଭୁଜ ବାବୁଙ୍କ ଚାମ୍ବରରେ ।

ସୁଜନ ପଛେ ପଛେ ଚାରି/ପାଞ୍ଚ ଜଣ ଅଜଣା ଲୋକ ଭୁସ୍‌ଭାସ୍ ହୋଇ ପଶିଲେ ଚତୁର୍ଭୁଜ ବାବୁଙ୍କ ଚାମ୍ବରରେ । ପଶିବା ବେଳକୁ ନୋଟ ବିଡ଼ାକରୁ ଅଧା ଚତୁର୍ଭୁଜ ବାବୁଙ୍କ ହାତରେ, ବାକି ଅଧା ସୁଜନ ହାତରେ । ଯୁବକଟି ସୁଜନ ଓ ଚତୁର୍ଭୁଜ ବାବୁଙ୍କୁ ଆଙ୍ଗୁଳି ଦେଖାଇଲା । ଜଣେ ଲୋକ ପକେଟରୁ ଏକ ପରିଚୟ ପତ୍ର ବାହାର କଲା - ଭିଜିଲାନସ୍ ଅଫିସର ।

ଏତିକି ଶୁଣୁଶୁଣୁ ସୁଜନ ପେଟେଇ ପଡ଼ିଲା ସାଙ୍ଗେସାଙ୍ଗେ ଚଟାଣ ଉପରେ । ଚତୁର୍ଭୁଜ ବାବୁ ହାଁ କରି ଚାହିଁଥାନ୍ତି । ସୁଜନ ଚିତ୍କାର କରୁଥାଏ - ମୁଁ ମଣିଷ ନୁହେଁ । ମୁଁ ଗୋଟେ ଝିଟିପିଟି । ମୋର ଧର୍ମ ଖାଇବା ଆଉ ବୁଲିବା । ମୁଁ ବୁଲୁଛି ଆଉ ଖାଉଚି । ମୋର ଭୋକ ନ ମରିବା ଯାଏଁ ମୁଁ ଖାଉଥିବି ।

ଚତୁର୍ଭୁଜ ବାବୁ ପାଟି କଲେ - “ସୁଜନ... ଉଠ ଏଥର । ବାହାନା କର ନାହିଁ । କର୍ମଫଳରୁ ନିସ୍ତାର ମିଳିବ ନାହିଁ । ମୁଁ ତ ଏପରି ନଥିଲି । ଦୁର୍ନୀତି ତମେ ମୋତେ ଶିଖାଇଲ । ତମେ ମୋ ଠାରୁ ବେଶି ଦଣ୍ଡ ପାଇବା ଦରକାର ।” ସୁଜନ ଚଟାଣରୁ ମୁହଁ ନ ଉଠାଇ ଆଖି ବୁଲାଇଲା । ଦେଖିଲା, ଭିଜିଲାନସ୍ ବିଭାଗର ଅଫିସରମାନେ ମାଡ଼ି ଆସୁଛନ୍ତି ହ୍ୟାଣ୍ଡକପ୍ ଧରି, ପୋଲିସ ପରିକା । ମଝିରେ ଥିବା କାଳିଆ ଭୁଷୁଣ୍ଡା ଲୋକଟାର ମୁହଁ ଦିଶୁଚି ବାଘପରି, ତା’ ପାଖ ଲୋକର ମୁହଁ ଏକ ସିଂହ ପରି ... କୁକୁର ... ମାଙ୍କଡ଼ ... ଇତ୍ୟାଦି ।

ଚତୁର୍ଭୁଜ ବାବୁଙ୍କ ସ୍ଥାନରେ ଏକ ହେଟାବାଘ । କ୍ରୋଧରେ ଅଗ୍ନିଶର୍ମା ହୋଇ ତାକୁ ଖାଇବାକୁ ଗୋଡ଼େଇ ଆସୁଛନ୍ତି । ସୁଜନ ପାଲଟିଗଲା ଏକ ଝିଟିପିଟି । ସାଙ୍ଗେ ସାଙ୍ଗେ ଚଢ଼ିଗଲା କାନ୍ଥକୁ । ଏ କୋଣରୁ ସେ କୋଣ ଘୁରି ବୁଲିଲା । ଚକ୍କର କାଟିଲା ହେଲିକପ୍ଟର ପରି । କାନ୍ଥ ଉପରେ ଥାଇ ହସିଲା ଝିଟିପିଟି ଷ୍ଟାଇଲରେ । ଜିଭଟାକୁ ଇଆଡ଼େ ସିଆଡ଼େ ବୁଲାଉଥାଏ । ମୋତେ ଧର.. ମୋତେ ଧର ତ. ।ଶତ୍ରୁପକ୍ଷ ସୁଜନକୁ ଧରିବାକୁ ମୁଣ୍ଡ ଟେକିଲେ ଉପରକୁ । ସୁଜନ ଆହୁରି ଉପରକୁ ଉଠି ଉଠି ଗଲା । ଛାତ ପାଖରେ ପହଞ୍ଚି ତଳକୁ ଚାହିଁଲା । ଶତ୍ରୁପକ୍ଷଙ୍କ ଉଗ୍ର ମୁଣ୍ଡଟିମାନ ଲମ୍ବି ଆସୁଛି ସ୍ପ୍ରିଙ୍ଗ୍ କଣ୍ଢେଇର ବେକ ପରି । ପାଖକୁ..... ଆହୁରି ପାଖକୁ ..... ଆଉ ରକ୍ଷା ନାହିଁ ।

ସୁଜନ ଏଥର ଶେଷ ଅସ୍ତ୍ର ପ୍ରୟୋଗ କଲା । ଲାଞ୍ଜୁଡ଼ ଛିଣ୍ଡେଇ ପଳେଇ ଯିବାର ନିର୍ଭରଯୋଗ୍ୟ ଉପାୟ । କିନ୍ତୁ ପାରିଲା ନାହିଁ । ଲାଞ୍ଜୁଡ଼ ଛିଣ୍ଡେଇବାର ପୂର୍ବ ମୁହୂର୍ତ୍ତରେ ହିଁ ଖପ୍ କରି ମାଡ଼ି ବସିଲେ ସମସ୍ତେ । ସୁଜନ ସୁଁ ସୁଁ ହେଲା । ଆଖି ଛଳ ଛଳ କଲା .... । ଭିଜିଲାନ୍‌ସ କବଳରେ ପଡ଼ି ସାରିଥାଏ ସେ । ଅଫିସରେ କେହି କିଛି ବୁଝିବା ଆଗରୁ ସୁଜନ ଆଉ ଚତୁର୍ଭୁଜ ବାବୁଙ୍କୁ ଜିପ୍‌ରେ ବସାଇ ନେଇଗଲେ ଭିଜିଲାନ୍‌ସ ଦଳ ।

ଖୋଳତାଡ଼ ଆରମ୍ଭ ହେଲା । ଆଲୁ ଖୋଳୁଖୋଳୁ ବାହାରିଲେ ମହାଦେବ । ସର୍ବସାଧାରଣଙ୍କଠାରୁ ଲାଞ୍ଚ ନେବାକୁ ଖୁଣ୍ଟୁ ଖୁଣ୍ଟୁ ଜଣା ପଡ଼ିଲା ସରକାରୀ ତହବିଲରୁ ତିରିଶି ଲକ୍ଷ ଟଙ୍କା ଆତ୍ମସାତ । ସୁଜନ ସହିତ ଚତୁର୍ଭୁଜ ବାବୁ ଏଥିରେ ଆଠଣା ଭାଗୀଦାର । ସୁରମ୍ୟ କୋଠା, ଗାଡ଼ି ଓ ଗହଣା ସବୁକିଛି ଏହି କଳା ପଇସାରୁ । ଏକ ମାସର ତନାଘନା ପରେ ସୁଜନ ଓ ଚତୁର୍ଭୁଜ ବାବୁ ଚାକିରିରୁ ସସ୍‌ପେଣ୍ଡ । ସିଧା ଜେଲଖାନା । ବହୁ କଷ୍ଟରେ ଜାମିନ୍ ମିଳିଲା ।

ଘରେ ବସି ବସି ସୁଜନର ଶେଷରେ ଏଇ ଅବସ୍ଥା । କେତେବେଳେ ମଣିଷ ଆଉ କେତେବେଳେ ଝିଟିପିଟି । ସୁନନ୍ଦା ଓ ପିଲାମାନେ ବ୍ୟସ୍ତ ହୋଇ ପଡ଼ିଲେଣି ସୁଜନର ହରକତରେ । ସୁନନ୍ଦାର ବିରକ୍ତି ଭାବ ଯୋଗୁଁ ବେଳେବେଳେ ସାମାନ୍ୟ ପରିବର୍ତ୍ତନ ହୋଇଥାଏ ସୁଜନର ଆଚରଣରେ ।

ସେଦିନ ପୁଅକୁ ଗଣିତ ପଢ଼ାଇବାକୁ ବସିଗଲା ସୁଜନ - ଯଦି ଗୋଟିଏ ଝିଟିପିଟି ଦିନକୁ ଚାରିଟି ଅସରପା ଖାଏ, ତେବେ ଏକ ମାସରେ ସେ କେତୋଟି ଅସରପା ଖାଇପାରିବ ? ଚିଣ୍ଟୁ ହାଁ କରି ଚାହିଁ ରହିଲା । ସାହିତ୍ୟ ପଢ଼ାଇବା ବେଳକୁ ପୁଣି ସେଇ ପ୍ରଶ୍ନ - ଝିଟିପିଟିର ଆତ୍ମକାହାଣୀ କୋଡ଼ିଏଟି ଧାଡ଼ିରେ ଲେଖି ଦେଖାଅ । କିମ୍ବା ଇଂରାଜୀରେ ଭଏସ ଚେଞ୍ଜ କର - ଦି ଲିଜାର୍ଡ ଇଜ୍ ଇଟିଙ୍ଗ୍ କକ୍ରୋଚ... ଇତ୍ୟାଦି । ଚିଣ୍ଟୁ ଭୟରେ ଦଉଡ଼ି ଆସି ସୁନନ୍ଦା କୋଳରେ ମୁହଁ ଲୁଚାଇଦେଲା । କହିଲା ବୋଉ ବାପାଙ୍କର କଣ ହେଇଚି ? ଇଆଡୁ ସିଆଡୁ କଣ ଗପୁଛନ୍ତି ? ସୁନନ୍ଦା କହିଲା - ଗୋଟେ ଦୁଷ୍ଟ ଝିଟିପିଟିର ପ୍ରେତାତ୍ମା ତୋ ବାପାଙ୍କ ଦେହରେ ସବାର ହେଇଚି । ଭଲରେ ସେ ନଗଲେ ତାକୁ ଝାଡୁ ପାହାର ଦରକାର ।

ପରଦିନ ସକାଳୁ ଘର ଓଳାଇବା ବେଳେ ରାନୀ ଦେଖିଲା ସୁଜନ ଖଟ ଉପରେ ଭିଡ଼ିମୋଡ଼ି ହେଉଛି ଆଉ ଅବୋଧ ଭାଷାରେ କ'ଣସବୁ କହୁଛି । ସେ ଆଉ ଟିକେ ପାଖକୁ ଲାଗିଆସି ଯାହା ଦେଖିଲା ଭୟ ପାଇ ସୁନନ୍ଦାକୁ ଡାକ ପକାଇଲା । ସୁନନ୍ଦା ରୋଷେଇ ଘରୁ ଦଉଡ଼ି ଆସିଲା । ମାଆ ଝିଅଙ୍କ ଆଖିକୁ ବିଶ୍ୱାସ ନ ହେବା ପରି ଦୃଶ୍ୟଟିଏ ..... ସୁଜନର ଅଣ୍ଟା ତଳକୁ ଗୋଡ଼ ନାହିଁ । ସେଇଠି କଅଁଳି ଯାଇଚି ଗୋଟେ ଝିଟିପିଟିର ଲାଞ୍ଜ । ବେକ ଉପରକୁ ମୁଣ୍ଡଟି କମ୍ପ୍ୟୁଟର ଷ୍ଟାଇଲର ଧୀରେ ଧୀରେ ବଦଳି ଯାଉଚି ଆଉ ଗଜୁରି ଉଠୁଛି ଏକ ଝିଟିପିଟିର ମୁଣ୍ଡ । ଠିକ୍ ବ୍ୟାଟମ୍ୟାନ ଆନିମେସନ ପରିକା । ଦେହ ଆଉ ହାତ କିଛି ବଦଳି ନାଇଁ । ସେମିତି ରହିଛି, ମଣିଷ ପରି ।

ଏମାନେ କିଛି କହିବା ଆଗରୁ ଖଟ ଉପରେ ବସିପଡ଼ିଲା ସୁଜନ । ସାଧାରଣ ଝିଟିପିଟିଠାରୁ ଅନେକ ଗୁଣରେ ବଡ଼ । ଏକ ପ୍ରାପ୍ତବୟସ୍କ ମଣିଷର କାୟାପରି । ଭୋକିଲା ଝିଟିପିଟିଟା ହାଇମାରିବା ଛଳରେ ଏତେ ବଡ଼ ଆଁ କଲା । ଜିଭଟା ଲହ ଲହ ହେଉଥାଏ ।

ସୁନନ୍ଦା ସେଇ ଆଁ ଭିତରକୁ ଉହୁଙ୍କି ଚାହିଁଲା । ଆଃ କି ଦୃଶ୍ୟ । ସୁଜନର ସବୁ ଅପକର୍ମର ଭିଡିଓ ରେକର୍ଡିଂ ସବୁ ରିପ୍ଲେ ହେଉଥାଏ । କାହା ପାଖରୁ କେଉଁ ଉପାୟରେ ଟଙ୍କା ନେଉଛି, ଲୋକଙ୍କର କାମ ନ କରି କିପରି ହଇରାଣ କରୁଛି, ଚତୁର୍ଭୁଜ ବାବୁଙ୍କ ସହ ଗୁପ୍ତ ମନ୍ତ୍ରଣା ଓ ଅର୍ଥ ସେୟାରିଂ । ସରକାରୀ ତହବିଲରୁ ଲକ୍ଷ ଲକ୍ଷ ଟଙ୍କା ବାଟମାରଣାର କଳର ଭିଡିଓ କ୍ଲିପସସବୁ ସୁନନ୍ଦା ଆଖିକୁ ଦିଶୁଥାଏ । ଆଁ ଟା ବନ୍ଦ ହୋଇଗଲା ଓ ବିବର୍ତ୍ତିତ ସୁଜନ ଗୋଟେ ଦୁର୍ବୋଧ ରଡ଼ି ଛାଡ଼ିଲା । ଏ ଶବ୍ଦଟା ଏକ ଅତିକାୟ ଡ୍ରାଗନର ଚିତ୍କାର ପରି ଶୁଭୁଥାଏ ।

ସୁନନ୍ଦା କିଛି କହିବା ଆଗରୁ ବୁଭୁକ୍ଷୁ ଝିଟିପିଟିଟା ହଠାତ୍ ତା' ଆଡ଼କୁ ଝପଟି ଆସିଲା ........ ।

❑❑❑

**ନରେନ୍ଦ୍ର ସାହୁ ବାଣୀବିହାରର ୧୯୮୭-୮୯ ବ୍ୟାଚ୍ ରାଜନୀତି ବିଜ୍ଞାନ ବିଭାଗର ଛାତ୍ର । ବର୍ତ୍ତମାନ ବି.ଏସ୍.ଏନ୍.ଏଲ୍.ର ଢେଙ୍କାନାଳ ଅଫିସରେ କାର୍ଯ୍ୟରତ ଅଛନ୍ତି । ତାଙ୍କର ପ୍ରକାଶିତ କବିତା ସଂକଳନଗୁଡ଼ିକ ହେଉଛି, 'କିଛି କୁହ ନାହିଁ', 'ମନେ ଅଛି' । 'ସେ', 'କିଏ କେତେ ନିଜର', 'କଥା କେବେ ସରେ ନାହିଁ', 'ଧୂସର ଭୂମିକା', 'ଛାୟା ଲଗ୍ନ', 'ଅତିକ୍ରାନ୍ତ' ଇତ୍ୟାଦି ଆଠଟି ଗଳ୍ପ ସଂକଳନର ରଚୟିତା । ସେ ଭୁବନେଶ୍ୱର ପୁସ୍ତକ ମେଳା ପୁରସ୍କାର, କିଶୋରୀ ଚରଣ ପୁରସ୍କାର, ଏବଂ କେନ୍ଦ୍ରାପଡ଼ା ଜିଲ୍ଲା ସାହିତ୍ୟ ସମ୍ମାନ, ଉତ୍କଳ ସାହିତ୍ୟ ସମାଜ ସମ୍ମାନ ଆଦି ଅନେକ ସମ୍ମାନରେ ସମ୍ମାନିତ । ସମ୍ପର୍କ: ୯୪୩୭୧୩୧୩୪୧**

# ଭେଟ

**ଶତ୍ରୁଜିତ୍**



ସମାଜବିଜ୍ଞାନରେ ସ୍ନାତକୋତ୍ତର ଶିକ୍ଷା ପରେ ସରୋଜ ଚାକିରି ନ କରି ପିଏଚ୍‌ଡି କରିବା ପାଇଁ ନିଷ୍ପତ୍ତି ନେଲା । ଚାକିରିଟା ତା' ପାଇଁ ଏତେ ଶୀଘ୍ର ଦରକାର ନଥିଲା । ବାପାଙ୍କ ଅବସର ନେବାକୁ ଆହୁରି ପାଞ୍ଚ ବର୍ଷ ବାକି । ଭାଇମାନେ ଯିଏ ଯାହାର ଚାକିରି ପାଇ ଭଲରେ ଅଛନ୍ତି । ତେଣୁ ଆର୍ଥିକ ସହାୟତା ସରୋଜ ପାଇଁ ବାଧକ ନଥିଲା । ବାପା ଅବଶ୍ୟ ଚାହୁଁଥିଲେ ସିଏ କେଉଁଠି ଗୋଟେ କଲେଜରେ ରହିଯାଉ । କିନ୍ତୁ ଭାଇମାନେ ମନାକଲେ । ସେମାନଙ୍କ କହିବା କଥା, ସରୋଜ ଯଦି ଅଧିକ ପଢ଼ିବାକୁ ଚାହୁଁଛି ପଢୁ । କଲେଜରେ ରହିଲେ କୋଉ ଚାକିରି ସ୍ଥାୟୀ ହୋଇଯିବ ନା ମ୍ୟାନେଜ୍‌ମେଣ୍ଟ ଭଲ ଦରମା ଦେବ ? ବରଂ ଗଧ ଖଟଣି ଖଟିଖଟି ସମୟ ବରବାଦ ହେବ । ଚାକିରିରେ ଥାଇ ପିଏଚଡି କରିବା ସହଜ ହେବ ନାହିଁ । କଲେଜବାଲା ବାରମ୍ବାର ବାହାରକୁ ଯିବାକୁ ଛୁଟି ଦେବେନାହିଁ । ଏମିତି ନାନା ସମସ୍ୟା । ଶେଷକୁ ବାପା ଚୁପ ରହିଲେ । ସରୋଜକୁ ଭୁବନେଶ୍ୱର ଛାଡ଼ିବାକୁ ପଡ଼ିଲାନି ।

ମାଓବାଦୀ ସମସ୍ୟା ଉପରେ ପିଏଚଡି କରିବାର ଇଚ୍ଛା ଥିଲା ସରୋଜର । ମାଓବାଦୀ ଅଧ୍ୟୁଷିତ ଆଦିବାସୀ ଅଞ୍ଚଳରେ ଏଇ ସମସ୍ୟାଟା ପ୍ରକୃତରେ କି ପ୍ରକାର ପ୍ରଭାବ ପକାଇଛି, ତାହା ଅତି ନିକଟରୁ ଅନୁଶୀଳନ କରିବାକୁ ଚାହୁଁଥିଲା ସେ । ପ୍ରିୟ ଶିକ୍ଷକ ପ୍ରଫେସର୍ ମହାପାତ୍ରଙ୍କୁ ଏକଥା କହିବାରୁ ସେ କୁନ୍ଥୁକୁନ୍ଥୁ ହେଲେ- ଏମିତି ଗୋଟେ ବିଷୟ କାହିଁକି ବାଛୁଛ ? କାମ କରିବା କଷ୍ଟ ହେବ । ତଥ୍ୟ ମିଳିବା ସହଜ ହେବ ନାହିଁ । ମାଓବାଦୀଙ୍କ ସମ୍ପର୍କରେ ତମେ ହୁଏତ ଖବରକାଗଜ କି ପତ୍ରପତ୍ରିକାରୁ ତଥ୍ୟ ପାଇଯିବ । କିନ୍ତୁ ଏରିଆକୁ ନଗଲେ ହେବନି । ତମେ ପାରିବ ତ ?

ସରୋଜର ଉତ୍ତର ଥିଲା ପାରିବିନି କାହିଁକି ? ସେ ଏରିଆରେ ପୁଣି ଲୋକେ ରହୁଛନ୍ତି ନା ନାହିଁ ? ଆମ ଏପଟ ଲୋକ ବି ତ ସେଠି ଚାକିରି କରୁଛନ୍ତି । କେବଳ ସମସ୍ୟା ହେଲା ସେଠାକାର ଲୋକଙ୍କ ସମ୍ପର୍କରେ ସର୍ଭେ କଲାବେଳେ ମାଓବାଦୀଙ୍କ ହାବୁଡ଼ରେ ଯେ ପଡ଼ିଯିବନି, ସେ କଥାରେ ଗ୍ୟାରେଣ୍ଟି ନାହିଁ । କିନ୍ତୁ କିଛି ଗୋଟେ ଚାଲେଞ୍ଜ ନଥିଲେ, ପିଏଚଡି କାମଟା ନିରସ ଲାଗିବ ।

ତା'ର ଯୁକ୍ତି ଆଗରେ ହାର ମାନିଲେ ପ୍ରଫେସର ମହାପାତ୍ର । ତେଣିକି ତାଙ୍କ ଅଧୀନରେ ପିଏଚଡି କରିବା ପାଇଁ ସରୋଜକୁ ଅନୁମତି ଦେଲେ । ଆବଶ୍ୟକ ବିଧି ବ୍ୟବସ୍ଥା ସବୁ ସାରି ସରୋଜ ତା' କାମରେ ମନ ଦେଲା ।

ବିଭିନ୍ନ ତଥ୍ୟ ସଂଗ୍ରହ ଓ ଅନ୍ୟାନ୍ୟ କାଗଜପତ୍ର କରୁ କରୁ ଛଅ ମାସ ଚାଲିଗଲା । ପ୍ରଫେସର ମହାପାତ୍ର ସରୋଜର ନିଷ୍ଠା ଦେଖି ଖୁସି ହେଉଥିଲେ । କାମଟା ଏକ୍‌ଜାମିନରମାନଙ୍କ ପସନ୍ଦର ହେବ ଓ କିଛି ଗୋଟିଏ ନୂଆ କାମ କରିଥିବାରୁ ଗାଇଡ ଭାବେ ତାଙ୍କୁ ମଧ୍ୟ ଆତ୍ମସନ୍ତୋଷ ମିଳିବ ବୋଲି ପ୍ରଫେସର ମହାପାତ୍ର ଭାବୁଥିଲେ । ଏଣିକି ଫିଲ୍ଡ ଷ୍ଟଡିରେ ଯିବା କଥା । ସରୋଜ ସେ ନିମନ୍ତେ ପ୍ରସ୍ତୁତ ହେଲା । ରାୟଗଡ଼ା ଜିଲ୍ଲାକୁ ସେ ନିଜର ଗବେଷଣା କ୍ଷେତ୍ର ଭାବେ ଚିହ୍ନଟ କରିଥିଲା । ଗୁଣପୁରରେ ରହି ସେ ସ୍ଥାନୀୟ ଲୋକଙ୍କ ଜନଜୀବନ ଉପରେ ମାଓବାଦୀ ସମସ୍ୟାର କି ପ୍ରଭାବ ପଡ଼ିଛି ଅନୁଶୀଳନ କରିବାକୁ ପୂର୍ବରୁ ଭାବିଥିଲା । ଗୁଣପୁରରେ ତା'ର ଜଣେ ବନ୍ଧୁ ରହେ, ସରକାରୀ ଚାକିରିଆ । ସ୍ଥାନୀୟ ଅଞ୍ଚଳର ଭୌଗୋଳିକ ସ୍ଥିତି, ଲୋକଙ୍କ ସମସ୍ୟା, ମାଓବାଦୀଙ୍କ ପ୍ରଭାବ ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ସେଇ ସାଙ୍ଗଠାରୁ ତଥ୍ୟସବୁ ସେ ପୂର୍ବରୁ ସଂଗ୍ରହ କରିଥିଲା । ଏସବୁ ଖବର ସେ କାହିଁକି ଜାଣିବାକୁ ଚାହୁଁଛି ବୋଲି ସରୋଜକୁ ବନ୍ଧୁ ଜଣକ ପଚାରିବା ବେଳେ ସେ ଏମିତି କୌତୂହଳରୁ ଜାଣିବାକୁ ଚାହୁଁଥିବା କହି ବାଁରେଇ ଦେଇଥିଲା ।

କିନ୍ତୁ ଏବେ ତ ସତ କହିବାକୁ ପଡ଼ିବ । ବାଧ୍ୟ ହୋଇ ବନ୍ଧୁ ଜଣକୁ ଫୋନ୍‌ରେ ସବୁକଥା ଜଣାଇଲା ଓ ତାଙ୍କ ପାଖରେ ଅନ୍ତତଃ ଦୁଇ ମାସ ରହିହେବ କି ନା ଜାଣିବାକୁ ଚାହିଁଲା । ତା'ର ପ୍ରସ୍ତାବ ଶୁଣୁ ଶୁଣୁ ବନ୍ଧୁ ରୋକଠୋକ୍ ମନା କରିଦେଲେ । କହିଲେ, "ମୁଁ ଏଠି ସରକାରୀ ଚାକିରିଆ । ମାଓବାଦୀମାନେ ଆମ ପ୍ରତି କିଭଳି ମନୋବୃତ୍ତି ପୋଷଣ କରନ୍ତି, ସେ କଥା ତତେ ଭଲ ଭାବେ ଜଣାଥିବ । ମୋରି ପାଖରେ ରହି ମାଓବାଦୀ ସମସ୍ୟା ଉପରେ ଖବର ସଂଗ୍ରହ କଲେ ଅଡୁଆରେ ପଡ଼ିବି ମୁଁ । ଏପଟେ ମାଓବାଦୀଙ୍କ ନଜର ରହିବ, ସେପଟେ ଅଫିସରମାନେ ମଧ୍ୟ ମତେ ସନ୍ଦେହ କରିବେ । ବରଂ ତୁ କହିବୁ ଯଦି ଏ ଦୁଇ ମାସ ପାଇଁ ତୋ' ଲାଗି ଘରଭଡ଼ା ଯୋଗାଡ଼ କରିଦେଇପାରେ ।" ଏ ପ୍ରସ୍ତାବଟା ସରୋଜ ପାଇଁ ଆହୁରି ଭଲ ଥିଲା । ତେବେ ଯଦି ଭଡ଼ାଘରେ ରହିବା କଥା, ଗୁଣପୁର ସହରରେ ନରହି ପାଖରେ କୋଉ ଆଦିବାସୀ ଗାଁରେ ରହିଲେ ଭଲ ହୁଅନ୍ତା ବୋଲି ସେ କହିଲା । ବନ୍ଧୁ ଜଣକ ସହମତ ହେଲେ ଓ ପ୍ରଥମେ ତାଙ୍କ ଘରକୁ ଚାଲି ଆସିବାକୁ କହିଲେ ।

ଗୁଣପୁରରେ ପହଞ୍ଚିବା ବେଳକୁ ସରୋଜକୁ ଅପେକ୍ଷା କରିଥିଲେ ତା'ର ବନ୍ଧୁ ସରକାରୀ କର୍ମଚାରୀ । ପାଖ ଏକ ଗାଁର ଆଦିବାସୀ ଯୁବକ 'ତହସିଲଦାର' ସହିତ ବନ୍ଧୁଙ୍କର ପରିଚୟ ଥିଲା । ଆଦିବାସୀ ଅଞ୍ଚଳରେ ଲୋକେ ନିଜ ପିଲାଙ୍କ ନାମ ଏମିତି ସରକାରୀ ପଦପଦବି ଅନୁସାରେ ଦେଇଥାନ୍ତି । ସରୋଜକୁ ବନ୍ଧୁ କହିଲେ, ତହସିଲଦାର ସହିତ କଥା ହୋଇଛି । ତୁ ତା'ରି ଘରେ ରହିବୁ । କିନ୍ତୁ ମାଓବାଦୀ ସମସ୍ୟା ଉପରେ କାମ କରିବାକୁ ଆସିଛୁ ବୋଲି କହିବୁନି । ସ୍ଥାନୀୟ ଲୋକଙ୍କ ଚଳନୀ ଅନୁଧ୍ୟାନ କରି ବହି ଲେଖିବୁ ବୋଲି କହିବୁ । ଏ ଦୁଇ ମାସ ମୋ ସହିତ ବିଶେଷ କିଛି ସମ୍ପର୍କ ରଖିବା ଦରକାର ନାହିଁ । ତୁ ମୋର ସାଙ୍ଗ ବୋଲି ତହସିଲଦାରକୁ ବି କହିନି । ତୁ ଜଣେ ଲେଖକ ଓ ବହି ଲେଖିବାକୁ ଆସିଛୁ ବୋଲି ସେ ଜାଣିଛି । ତୁ ବି ସେୟା କହିବୁ । ତହସିଲଦାର ଭଲ ପିଲାଟା । କିନ୍ତୁ ତଥାପି ତତେ ସତର୍କ ରହିବାକୁ ପଡ଼ିବ । କାରଣ ଏଠି କିଏ ମାଓବାଦୀଙ୍କ ସହ ଅଛନ୍ତି ଓ କିଏ ପୁଲିସର ଖବରଦାତା, ସେ କଥା ସହଜରେ ଜଣାପଡ଼େ ନାହିଁ । ମାଓବାଦୀମାନେ ବି ଏ ଅଞ୍ଚଳକୁ ଆସୁଥିବା ସବୁ ଲୋକଙ୍କ ଗତିବିଧି ଉପରେ ନଜର ରଖିଥାନ୍ତି । ତୁ ଦୁଇମାସ କାଳ ରହିବୁ ମାନେ, ତୋ ଉପରେ ନିଶ୍ଚୟ ସେମାନେ ନଜର ରଖିବେ । ତେଣୁ ସାବଧାନ ଥିବୁ ।

ଏକାବେଳକେ ଏତେକଥା ଶୁଣି ସରୋଜକୁ ବି ଟିକିଏ ଭୟ ଲାଗିଲା । ଏଭଳି ଏକ ସବ୍‌ଜେକ୍ଟରେ ଗବେଷଣା କରିବାକୁ ନିଷ୍ପତ୍ତି ନେଇ ଭୁଲ କରିଦେଲା କି ବୋଲି ଭାବିଲା । ତେବେ ଯାହା ହେବ ଦେଖାଯିବ ବୋଲି ମନକୁ ସାନ୍ତ୍ୱନା ଦେଇ ଚୁପ ରହିଲା । ସେଦିନ ସଂଧ୍ୟାରେ ସେ ନିଜ ଜିନିଷପତ୍ର ଧରି ତହସିଲଦାର ସହିତ ତା' ଘରକୁ ଚାଲିଗଲା । ତହସିଲଦାରଟା ୨୪/୨୫ ବର୍ଷର ଟୋକା । ସରୋଜଠୁ ଦୁଇ ବର୍ଷ ବଡ଼ । ତେବେ ଭାରି ଚୁପ୍‌ଚାପ୍ ପିଲାଟା । ବିଶେଷ କିଛି ଗପୁ ନାହିଁ । ସରୋଜ ପାଇଁ ନିଜ ଘରର ଗୋଟିଏ କୋଠରି ଛାଡ଼ିଦେଲା ସେ । ଘରେ ତା'ର ପରିବାର କହିଲେ ମାଆ ଓ ୭/୮ ବର୍ଷର ପୁତୁରାଟିଏ । ଭାଇ-ଭାଉଜ ଥରେ ଝାଡ଼ାବାନ୍ତିରେ ପଡ଼ି ଔଷଧ ଅଭାବରୁ ଚାଲିଗଲେ ବୋଲି ତହସିଲଦାରଠାରୁ ଶୁଣିଲା ସରୋଜ । ପରିବାର ଚଳେ କେମିତି ? ତହସିଲଦାର ନିରବ ରହିଲା । ତା'ର ମାଆ କହିଲେ, ମଝିରେ ମଝିରେ ତହସିଲଦାରକୁ ମୂଲମୂଲା ମିଳେ । କାମ କରିବାକୁ ଦୁଇ ଚାରି ଦିନ କୁଆଡ଼େ ଚାଲିଯାଏ । ଯାହା ପଇସା ପତ୍ର ଆଣେ, ପରବର୍ତ୍ତୀ କିଛି ଦିନ କଷ୍ଟେମଷ୍ଟେ ଚଳିଯାଏ । ତଥାପି ଅଭାବ ଅନଟନ ଭିତରେ ହିଁ ଅଧିକାଂଶ ଦିନ ବିତେ ।

ସରୋଜ ତହସିଲଦାର୍‌ଙ୍କୁ ପଚାରିଲା "ତମ ଘରେ ତ ମତେ ରଖିଲ । ମୁଁ ଏ ଦୁଇ ମାସ ମାଗଣା ରହିବିନି । ଘରଭଡ଼ା ଦେବି । କେତେ ହେଲେ ଚଳିବ ?" ସେ ହସିଲା । ତମେ ପରା କ'ଣ ଲେଖାଲେଖି କରିବାକୁ ଆସିଛ । ଆମ କଥା ଟିକେ ଲେଖିଦେବ, ପଇସା କ'ଣ ଦେବ ? ତମେ ଆସିନଥିଲେ ଏ ଘର କ'ଣ ଭଡ଼ା ଲାଗିଥାଆନ୍ତା ନା କିଏ ପଇସା ଦେଇଥାନ୍ତା ? ଆଜି ଯାଏ କ'ଣ କାହାକୁ ଭଡ଼ା ଦେଇଥିଲୁ ? ସେ ଅଫିସର ଆଜ୍ଞା କହିଲେ ବୋଲି ସିନା ତମକୁ ଆଣିଲି ।"

ସରୋଜ କିନ୍ତୁ ଛାଡ଼ିଲାନି । କହିଲା, "ମାଗଣାରେ କାହିଁକି ରହିବି ? ତା'ଛଡ଼ା ମୁଁ ଯାହା ପାଇଁ ଲେଖିବାକୁ ଆସିଛି, ସେ ବାବୁ ମତେ ପଇସା ଦେବେ । ମୋ ବହି ବିକ୍ରୀ ହେଲେ ମୁଁ ପଇସା ପାଇବି । ତମେ ମାଗଣାରେ କାହିଁକି ରଖିବ ମତେ ?" ପୁଣି ସେ ତହସିଲଦାର୍‌ର ମାଆଙ୍କୁ ପଚାରିଲା "କେତେ ଦେଲେ ଚଳିବ ତମେ ହିଁ କୁହ ।" ବୁଢ଼ି ହସିଲା । ପୁଅ ମନା କରୁଛି, ମୁଁ କାହିଁକି ପଇସା ରଖିବି । ହଉ ଯଦି କହୁଛୁ କୁଡ଼ିଏ ଟଙ୍କା ଦେବୁ । ମନେ ମନେ ହସିଲା ସରୋଜ । କୋଡ଼ିଏ ଟଙ୍କାରେ ଦୁଇମାସ ରହିବ ! କେତେ ସରଳ ଏ ଲୋକଗୁଡ଼ା ।

ପୁଣି କହିଲା "ହଉ ମାଉସୀ କୋଡ଼ିଏ ଟଙ୍କା ନୁହେଁ, ମାସକୁ ଦୁଇଶହ କରି ଦି'ମାସକୁ ଚାରିଶହ ଟଙ୍କା" । "ସେଇଟା କେତେ କୁଡ଼ି ହବରେ ପୁଅ ?" ବୁଢ଼ୀର ପ୍ରଶ୍ନରେ ସରୋଜ ସହ ତହସିଲଦାର ମଧ୍ୟ ହସିଲା ।

ତହସିଲଦାର ହିଁ ଏଠି ସରୋଜ ପାଇଁ ଗାଇଡ ପାଲଟିଲା । ଲୋକଙ୍କ ଚାଲିଚଳନ, ହାନିଲାଭ ସବୁକିଛି ଜାଣିବା ଦିଗରେ ସରୋଜଙ୍କୁ ସେ ସାହାଯ୍ୟ କରୁଥିଲା । ଆଖପାଖ ଗାଁଗଣ୍ଡା ବୁଲାଇଲା । ତେବେ ନିଜର ଅସଲ କାମ ଏଇ ବୁଲିବା ବାହାନାରେ  କରିଚାଲିଥିଲା ସରୋଜ । ଆଖପାଖ ଗାଁ ସମେତ ତହସିଲଦାରର ଗାଁରେ ସରକାରୀ କାମ କାର୍ଯ୍ୟ ପ୍ରାୟ ଠିକ୍ ଚାଲିଥିଲା । ସ୍କୁଲ, ଅଙ୍ଗନବାଡ଼ି କେନ୍ଦ୍ର ଆଦି ମଧ୍ୟ ଠିକ୍‌ଠାକ୍ ଥାଏ । ପୂର୍ବରୁ ସରୋଜ ଶୁଣିଥିଲା, ଆଦିବାସୀ ଅଞ୍ଚଳରେ ସ୍କୁଲଗୁଡ଼ିକୁ ମାଷ୍ଟର ଆସୁନାହାନ୍ତି । ସାହୁକାର ଲୋକଙ୍କୁ ଲୁଟୁଛନ୍ତି । କାମ ମିଳୁନଥିବାରୁ ଲୋକେ ଅସୁବିଧାରେ ପଡୁଛନ୍ତି । କିନ୍ତୁ ଏସବୁ ଗାଁରେ ସେମିତି କିଛି ବଡ଼ ଅସୁବିଧା ଥିବା ତା'ର ନଜରକୁ ଆସିଲାନି । ଯାହାବି କିଛି ଆସୁଥିଲା, ଉପକୂଳ ଓଡ଼ିଶାର ଗାଁଗଣ୍ଡାରେ ବି ସେଭଳି ସମସ୍ୟା ଥିଲା । ତହସିଲଦାରକୁ ପଚାରିଲା ସେ । ତା'ଠୁ ଜାଣିଲା, ସବୁ ଠିକ୍ ଶୁଣିଥିଲା । ମାଷ୍ଟ୍ରେ ଆସୁନଥିଲେ । କାମ ମିଳୁନଥିଲା । ସାହୁକାର ୫ଟଙ୍କା ଲୋନ୍ ଦେଲେ, ୫୦୦ଟଙ୍କା ଆଦାୟ କରୁଥିଲା । ସେତକ ଶୁଝିବା ଲାଗି ସାହୁକାରର ଜମିରେ ବର୍ଷ ବର୍ଷ ଧରି ଗୋତି ଖଟିବାକୁ ପଡୁଥିଲା । ବ୍ଲକ୍‌ର କୋଉ ବାବୁଭାୟା କେବେ ବି ଗାଁଗଣ୍ଡା ମାଡୁନଥିଲେ । କିନ୍ତୁ ମାଓବାଦୀମାନେ ସକ୍ରିୟ ହେବାପରେ ସେମାନଙ୍କ ଡରରେ ମାଷ୍ଟ୍ରେ ସ୍କୁଲ ଆସିଲେ । ସାହୁକାର ଦବିଗଲେ । ସରକାର ବି ଗାଁ ଲୋକଙ୍କୁ ଭରସା ଦେଇ କାମ କାର୍ଯ୍ୟ କରାଇଲେ । କିନ୍ତୁ ଏସବୁ ସହର ପାଖାପାଖି ଗାଁଗଣ୍ଡାରେ ହେଉଛି । ଦୂର ଗାଁ ଏବେ ବି ଅପହଞ୍ଚ ଅଛି ।

ସରୋଜ କହିଲା, ତା'ହେଲେ ମାଓବାଦୀ ଆସିବାରୁ ତମର ସବୁ ଭଲ କାମ ହେଉଛି ? ତହସିଲଦାର ଚୁପ୍ ରହିବାକୁ ଇସାରା କଲା । କହିଲା, ବାବୁ ଦେଖ ! ତମେ ତମ କାମରେ ଆସିଛ । ସେ ମାଓବାଦୀ ଆସିଲାରୁ ଭଲ ହେଲା କି ଖରାପ ହେଲା, ସେକଥା ଖୋଜନି । ଏଠି ସବୁ ଗାଁରେ ପୁଲିସର ଲୋକ ଅଛନ୍ତି, ମାଓବାଦୀର ବି ଅଛନ୍ତି । ତେଣୁ କେବେ କାହା ସହ ଏ ବିଷୟରେ କଥା ନହେବା ଭଲ । ନହେଲେ ତମେ ଅଡୁଆରେ ପଡ଼ିବ । ସରୋଜ ତା'ର ମନ ଜାଣିବା ପାଇଁ ପଚାରିଲା 'ତମେ ତାହେଲେ କା' ଲୋକ ? ପୁଲିସର ନା ମାଓବାଦୀର ?' ଉତ୍ତର ଆସିଲା- ଆମେ କାହାର ନୋହୁଁ । ମାଓବାଦୀର ହେଲେ ପୁଲିସ ପିଟିନେଇ ଜେଲରେ ଠୁଙ୍କିଦେବ । ପୁଲିସର ହେଲେ, ମାଓବାଦୀ ଗୁଳି କରିଦେବ । ଆମେ ମଳିମୁଣ୍ଡିଆ ଲୋକ । କାମ ମିଳିଲେ ଗଲୁ । ନହେଲେ ଘରେ ତୋରାଣି ପିଇ ବସିଲୁ । ଏଠି କାହା ପକ୍ଷିଆ ହୋଇ ରହିବା ସହଜ ନୁହେଁ ।

ଦିନେ ଗୁଣପୁର ଆସିଥିଲା ସରୋଜ । ଏକ ଚା' ଦୋକାନରୁ ଚା' ପିଇବା ପରେ ବନ୍ଧୁଙ୍କୁ ଫୋନ କଲା ଦେଖାହେବା ଲାଗି । ବନ୍ଧୁ ସେହି ଚା' ଦୋକାନରେ ଅପେକ୍ଷା କରିବାକୁ କହିଲେ । ସେଇଠି ଅପେକ୍ଷା କରିବାବେଳେ ଚା' ଦୋକାନୀ ସହ ଆଳାପ ଚଳାଇଲା । ସେଇ ଭିତରେ ହଠାତ୍ ପାଟିରୁ ବାହାରିପଡ଼ିଲା "ହଇଓ ଭାଇ ! ଏ ଏରିଆଟା ପରା ପୂରା ମାଓବାଦୀ ଏରିଆ ! ସେମାନେ ଦେଖିବାକୁ କେମିତି ?" ପ୍ରଶ୍ନ ଶୁଣି ତାକୁ ହିଁ ସନ୍ଦେହଜନକ ଆଖିରେ ଚାହିଁଲା ଦୋକାନୀ ଜଣକ- ତମେ ବାବୁ ଏଠିକୁ ନୂଆ ଆସିଛ ବୋଧେ । ସରୋଜ ହଁ ଭରିଲା । କହିଲା, ମୁଁ ଲେଖାଲେଖି କରେ । ଗୋଟେ ବହି ଲେଖିବି ବୋଲି ଆସିଥିଲି । ଦୋକାନୀ ପଚାରିଲା, 'କ'ଣ ମାଓବାଦୀଙ୍କ ଉପରେ ଲେଖିବ ?' ସରୋଜ ମନାକଲା । "ବାପ୍‌ରେ ବାପ୍ । ସେମାନଙ୍କ ଉପରେ ଲେଖିବି ? ମୁଁ କେବଳ ଏ ଅଞ୍ଚଳବାସୀଙ୍କ ଉପରେ ଲେଖିବି" ।

"ତା'ହେଲେ ମାଓବାଦୀଙ୍କ କଥା ପଚାରୁଛ କାହିଁକି ?" ପୁଲିସିଆ ଢଙ୍ଗରେ ଜେରାକଲା ଚା' ଦୋକାନୀ । ସରୋଜ ଉତ୍ତର ଦେଲା- ନାଇଁମ ! ଶୁଣିଥିଲି ତ ପଚାରିଦେଲି । ଦୋକାନୀ କହିଲା, "ମାଓବାଦୀଙ୍କୁ ଦେଖିବ ?" ତାକୁ ବଡ଼ବଡ଼ ଆଖିରେ ଚାହିଁଲା ସରୋଜ । ସେମାନେ କ'ଣ ଦୋକାନରେ ଝୁଲା ହୋଇଥିବା ଶାଢ଼ି, ଶାୟା, ବ୍ଲାଉଜ୍ ! କହିଦେଲେ କିଏ ଦେଖାଇ ଦେବ ?" ଚା' ଦୋକାନୀ କହିଲା "ସେ କଥା ନୁହେଁ ଯେ, ଯଦି ଦେଖିବାକୁ ଚାହୁଁଛ କାଲି ଏତିକିବେଳକୁ ଆସ । କିନ୍ତୁ କାହାକୁ କିଛି କହିବନି ।"

ସେଦିନ ରାତିସାରା ଆଉ ସରୋଜକୁ ନିଦ ନାହିଁ । ନିଜ ବନ୍ଧୁ କିମ୍ବା ତହସିଲଦାର କାହାକୁ କିଛି ନକହି ପରଦିନ ଠିକ୍ ସମୟରେ ସେ ଚା' ଦୋକାନରେ ପହଞ୍ଚିଗଲା । ତାକୁ ଦେଖି ଚା' ଦୋକାନୀ କହିଲା, "କ'ଣ ଆସିଗଲ ! ତା'ହେଲେ ଦେଖିବାକୁ ମନ ଅଛି ।" ସରୋଜ ଚୁପ୍ ରହିଲା । ସେଇଠି ଚା' ପିଉଥିବା ଗୋଟେ ଲୋକକୁ ସେ ଚା' ଦୋକାନୀ କହିଲା "ହଇରେ ଶୁଣ୍, ଏ ବାବୁ ଟିକେ ଦେଖିବାକୁ ଆସିଛନ୍ତି । ତାଙ୍କୁ ନେ ଦେଖାଇଦେବୁ ।" ଆଖିରେ ଆଖିରେ କ'ଣ ଇସାରା ଦେଲା ଦୋକାନୀ । ଲୋକଟା ସରୋଜକୁ ଦୋକାନ ପଛପଟକୁ ଡାକିନେଲା । କୌତୂହଳୀ ସରୋଜ ତା' ପଛେପଛେ ଚାଲିଲା । ଦୋକାନ ପଛରେ ଲୋକଟା କହିଲା "ମାଓବାଦୀ ଦେଖିବ ପରା, ହଉ ଦେଖ" କହି ସେ ନିଜ ସାର୍ଟ ଟେକିଦେଲା । ତା' ଅଣ୍ଟାରେ ପିସ୍ତଲଟେ ଖୋସା ହୋଇଥାଏ । ବରଡ଼ା ପତ୍ର ପରି ଥରିଲା ସରୋଜ । ଲୋକଟା କହିଲା, "ତମେ ବହି ଲେଖିବାକୁ ଆସିଛ, ବହି ଲେଖ । ତହସିଲଦାର ଘରେ ରହୁଛ, ରୁହ । କିନ୍ତୁ ଅନ୍ୟ କୋଉଥିରେ ମୁଣ୍ଡ ଖେଳାଅନି, ପଳାଅ ।" ତା' କଥା ନସରୁଣୁ ସରୋଜ ଚମ୍ପଟ ମାରିଲା । ବାପ୍‌ରେ ବାପ୍ ! ତା' ମନରେ ଗୋଟିଏ ଚିନ୍ତା, ସିଏ ତହସିଲ୍‌ଦାର ଘରେ ରହିଛି ବୋଲି ଏ ଲୋକଟା ଜାଣିଲା କେମିତି ? ତା'ର ଗତିବିଧି ଉପରେ ମାଓବାଦୀମାନେ ନଜର ରଖିଲେଣି ! ତହସିଲଦାର ଠିକ୍ କହୁଥିଲା । ଏଣିକି ତାକୁ ସତର୍କ ରହିବାକୁ ପଡ଼ିବ ।

ସେଦିନର ଘଟଣା ପରଠୁ ସରୋଜ ପ୍ରକୃତରେ ଚିନ୍ତିତ ହୋଇପଡ଼ିଲା । କାମ ଅଧାରେ ଛାଡ଼ି ପଳାଇବ କି କାମ ଶେଷ କରିବ, ସେଥିନେଇ ମନରେ ଦ୍ୱନ୍ଦ୍ୱ ଉପୁଜୁଥିଲା ବାରମ୍ବାର । ସେଦିନ ବନ୍ଧୁଙ୍କୁ ଭେଟିବାକୁ ଯାଇଥିଲେ ମଧ୍ୟ ଚା' ଦୋକାନ ଘଟଣାରେ ଏତେ ଡରିଯାଇଥିଲା ଯେ, ବନ୍ଧୁଙ୍କୁ ଅପେକ୍ଷା ନକରି ଚାଲିଆସିଥିଲା । ତହସିଲଦାରକୁ ମଧ୍ୟ ସେ ଏ ସମ୍ପର୍କରେ କିଛି କହିନଥିଲା । ତେଣୁ ପ୍ରଥମେ ନିଜ ବନ୍ଧୁ ସହ କଥା ହେବାକୁ ଭାବିଲା । ପୁଣି ଗଲା ଗୁଣପୁର ।

ଦୁଇବନ୍ଧୁ ସେଦିନର ଘଟଣା ନେଇ ଆଲୋଚନା କଲେ । ସରୋଜ ସିରିୟସ୍ ହୋଇଯାଇଥାଏ । କିନ୍ତୁ ବନ୍ଧୁ ବେଶ୍ ହାଲକା ଭାବେ କଥାଟାକୁ ନେଇ ଏ ଅଞ୍ଚଳରେ ଏଗୁଡ଼ା ନିତିଦିନିଆ ଘଟଣା ବୋଲି ଦର୍ଶାଇଲେ । କାମ ଆରମ୍ଭରୁ ଡରିଲେ କେମିତି ହେବ ! ତା'ଛଡ଼ା ଏ କାମରେ ତତେ ତ ମାଓବାଦୀମାନଙ୍କ ସହ କଥା ହେବାକୁ ପଡ଼ିବ । ଖାଲି ଲୋକଙ୍କ ସହ ମିଶିଲେ କ'ଣ ଚଳିବ !

ସରୋଜ ଭାବିଲା, ସତକଥା ତ, ଥେସିସ୍‌ରେ ଜଣେ ମାଓବାଦୀ ନେତାଙ୍କ ସାକ୍ଷାତକାର ବିବରଣୀ ରହିଲେ ଭଲ ହୁଅନ୍ତା । ଏକଥା ତା' ମନକୁ ମୋଟେ ଆସିନଥିଲା । ଏ ଅଞ୍ଚଳରେ ସକ୍ରିୟ ଥିବା ରାଜ୍ୟର ସବୁଠୁ ଚର୍ଚ୍ଚିତ ମାଓବାଦୀ ନେତା ସଂଗ୍ରାମଙ୍କ ଭେଟ ମିଳିଗଲେ ଆହୁରି ଭଲ ହୁଅନ୍ତା । କିନ୍ତୁ ସେକଥା କେମିତି ସମ୍ଭବ ! ବନ୍ଧୁ ବତାଇଦେଲେ, "ଯୋଉ ଚା' ଦୋକାନୀ ମାଓବାଦୀଟିଏ ସହ ଭେଟ କରାଇଦେଲା, ସେ ଚାହିଁଲେ ନେତାଙ୍କ ସହ ମଧ୍ୟ ଭେଟ କରାଇ ଦେଇପାରିବ । କିନ୍ତୁ ତା' ମନରେ ବିଶ୍ୱାସ ଜନ୍ମିବାର ଅଛି । ତୁ ପ୍ରକୃତରେ ଛାତ୍ର କି ପୁଲିସର ଗୁଇନ୍ଦାଗିରି କରୁଛୁ, ସେକଥା ସେମାନେ ଜାଣିବେ କେମିତି ?" ତହସିଲଦାରର ସହଯୋଗ ନେବା କଥା ପଚାରିଲା ସରୋଜ । ବନ୍ଧୁ କିନ୍ତୁ ରୋକ୍‌ଠୋକ୍ ମନାକଲେ । ଆମେ ତାକୁ ଭଲଭାବେ ଜାଣିନେ । ମୋର ଅଳ୍ପ କିଛି ପରିଚିତ ଥିଲା ବୋଲି ତତେ ତା'ରି ଘରେ ରଖାଇଛି । ସିଏ ପୁଲିସର ଲୋକ ହୋଇଥିଲେ ଅଡୁଆ । ସିଏ ତତେ ଲେଖକ ବୋଲି ଜାଣିଛି, ସେତିକି ଜାଣିଥାଉ । ଅଧିକା କାହିଁକି କହିବୁ !

ଶେଷରେ ଦୁଇ ବନ୍ଧୁ ବିଚାର କଲେ, ସେଇ ଚା' ଦୋକାନୀ ଜରିଆରେ ମାଓବାଦୀ ନେତା ସଂଗ୍ରାମ ପାଖରେ ପହଞ୍ଚିବାର ଚେଷ୍ଟା କରାଯିବ । ସରୋଜର ଦୁଇମାସ ରହଣୀ ସମୟ ସରିସରି ଆସୁଛି । ଏ ଭିତରେ ଭେଟ ହୋଇପାରିଲେ ଭଲ । ନଚେତ ଆସନ୍ତା ଥର ଯେବେ ପୁଣି ରହିବାକୁ ଆସିବ, ସେତେବେଳେ ଭେଟିବାକୁ ଚେଷ୍ଟା କରିବ । ସରୋଜ ପୁଣି ଗଲା ସେଇ ଚା' ଦୋକାନକୁ । ତାକୁ ଦେଖୁ ଦେଖୁ ଦୋକାନୀ ପଚାରିଲା 'କଣ ବାବୁ ! ସେଦିନ ତାକୁ ଦେଖିଲତ ! କୁଆଡ଼େ କ'ଣ ଚାଲିଗଲ ଯେ ଆଉ ଦେଖାନାହିଁ ?" ସରୋଜ କହିଲା "ବାପରେ ବାପ୍ ! ତମେ ସେଦିନ ମତେ ପୂରା ଡରେଇଦେଲ ହୋ ! ମୁଁ ବିଚରା ଲେଖକଟିଏ । ତମକୁ ଏମିତି ଗୋଟେ ଆଗ୍ରହରେ ପଚାରି ଦେଲି ନା, ସତରେ ତମେ ଦେଖାଇଦେବ ବୋଲି କ'ଣ ମୁଁ ଭାବିଥିଲି ?"

ଦୋକାନୀ କହିଲା, ଏଠି ବାବୁ ସେମାନଙ୍କ ଲୋକ ଅଧାଅଧି । କିଛି ଲୋକଙ୍କୁ ପୁଲିସ ବି ଜାଣିଛି । କିନ୍ତୁ ନଜାଣିବାର ଅଭିନୟ କରୁଛି । ଚାକିରି ଖଣ୍ଡେ କରିଛନ୍ତି ବୋଲି ଏଠି ପଡ଼ିରହିଛନ୍ତି । ପାଣିରେ ଘର କରି କୁମ୍ଭୀର ସହ ଶତ୍ରୁତା କ'ଣ ଭଲ କଥା ?" ସରୋଜ ଦେଖିଲା, ଏଇଟା ମଉକା । ଦୋକାନୀକୁ ଆଉ ଟିକେ ପଟାପଟି କରିବାକୁ ପଡ଼ିବ । କହିଲା, "ମୁଁ ଭାବୁଛି ମୋ ଉପନ୍ୟାସରେ କେବଳ ଲୋକଙ୍କ କଥା ଲେଖିବିନି । ମାଓବାଦୀଙ୍କ କଥା ବି ଲେଖିବି । ଦେଖୁଛି, ଏଠି ସେମାନଙ୍କ ଯୋଗୁଁ ଲୋକଙ୍କ କିଛି କିଛି ଦାବି ବି ସରକାର ପୂରଣ କରି ଦେଉଛନ୍ତି । ହୁଏତ ଲୋକେ ବି ମାଓବାଦୀଙ୍କୁ ସମର୍ଥନ କରୁଥିବେ । ସତକଥା ଭାଇ, ଲୋକଙ୍କ କାମ ଯିଏ କଲା, ସେମାନଙ୍କ ପାଇଁ ସିଏ ଭଲ । ତେଣିକି ସିଏ ସରକାର ହୁଅନ୍ତୁ କି ମାଓବାଦୀ । ତମେ ଜାଣିଥିବ, ରବିନ୍‌ହୁଡ ବୋଲି ଗୋଟେ ଡକାୟତ ଥିଲା । ସିଏ ଧନୀ ଲୋକଙ୍କ ସମ୍ପତ୍ତି ଚୋରି କରି ଗରିବଙ୍କ ମଧ୍ୟରେ ବାଣ୍ଟି ଦେଉଥିଲା ବୋଲି ଲୋକେ ତା'କୁ ପ୍ରଶଂସା କରୁଥିଲେ ।"

ଚା' ଦୋକାନୀଟା ସରୋଜର କଥାକୁ ଆଗ୍ରହର ସହ ଶୁଣୁଥିଲା । ମଝିରେ ମଝିରେ ଗ୍ରାହକଙ୍କୁ ଚା'ଦେଇ, ପଇସା ରଖି ଟିକିଏ ଟିକିଏ ଅନ୍ୟମନସ୍କ ବି ହୋଇ ପଡୁଥିଲା । କହି ଚାଲିଥିବାବେଳେ ସରୋଜ ମଉକା ଦେଖି ମାଓବାଦୀ ନେତା ସଂଗ୍ରାମଙ୍କ ସହ ଭେଟ ହେବାକୁ ଚାହୁଁଥିବା କହିଦେଲା । ଚା' ଦୋକାନୀଟା ହଠାତ୍ କଥା ଛଡ଼ାଇନେଲା- ହେ! ତମେ ତ ବଡ଼ ଅଜବ ଟୋକା ହୋ! ପିଲା ଲୋକ, ସେଇଥିପାଇଁ ଏମିତି ଚଙ୍ଗଚଙ୍ଗ ହେଉଛ । ହଇହୋ! ତାଙ୍କୁ ଭେଟିବା କ'ଣ ସମ୍ଭବ ?"

ସରୋଜ କହିଲା, କାହିଁକି ନୁହେଁ । ଯଦି ସାମ୍ବାଦିକମାନଙ୍କୁ ସଂଗ୍ରାମ ସାକ୍ଷାତ ଦେଉଛନ୍ତି, ମତେ କିଏ ଟିକିଏ ସାହାଯ୍ୟ କଲେ ସେ ମତେ ବି ସାକ୍ଷାତ ଦିଅନ୍ତେ ନି ? ମୁଁ ତ ତାଙ୍କର ନିନ୍ଦା କରୁନି, କେବଳ ମୋ ଉପନ୍ୟାସରେ ମାଓବାଦୀ ପ୍ରସଙ୍ଗ ଲେଖିଲାବେଳେ ତାଙ୍କ ଭଳି ନେତାଙ୍କ କଥା ଲେଖିବି ଯାହା ।

ଚା'ଦୋକାନୀ କହିଲା, ତାଙ୍କ ସହ ତମକୁ କିଏ ଭେଟ କରାଇବ ? ତମ ସମ୍ପର୍କରେ ମାଓବାଦୀମାନେ କ'ଣ ଜାଣିଛନ୍ତି ଯେ, ତମକୁ ଭରସା କରିବେ ? ସରୋଜ ଉତ୍ତର ଦେଲା, ତମେ ପାରିଲେ ସବୁ ସମ୍ଭବ ହେବ । "ମୁଁ! ମୁଁ କ'ଣ କରିପାରିବି ?"

"ତମେ ଯେମିତି ମତେ ସେଦିନ କ୍ୟାଡରଟିଏ ସହ ଭେଟେଇଦେଲ, ସେମିତି ସେମାନଙ୍କ ଜରିଆରେ ସଂଗ୍ରାମଙ୍କ ପାଖକୁ ପଠାଇପାରିବ । ମୁଁ କାଲିଠୁ ସପ୍ତାହକ ପାଇଁ ଭୁବନେଶ୍ୱର ଯାଉଛି । ସେଠୁ ଫେରିଲେ ଆଉ ସପ୍ତାହେ ରହିବି । ତମେ ଭାଇ ମତେ ଟିକିଏ ସାହାଯ୍ୟ କର । ଏ ଭିତରେ ଯେମିତି ହେଲେ ମୋ କଥା ତାଙ୍କ ପାଖକୁ ଜଣାଇ ଦିଅ । ତେଣିକି ତାଙ୍କ ଇଚ୍ଛା । ଯଦି କିଛି ଖବର ମିଳେ ମତେ ଜଣାଇବ" କହି ସରୋଜ ଚା' ଦୋକାନୀକୁ ନିଜ ମୋବାଇଲ ନମ୍ବର ଦେଇ ଚାଲିଆସିଲା ।

ଭୁବନେଶ୍ୱର ଫେରି ପ୍ରଫେସର ମହାପାତ୍ରଙ୍କୁ ସବୁକଥା ଜଣାଇଲା ସେ । ପ୍ରଫେସର ଚମତ୍କୃତ ହେଲେ । ଛୋଟ ପିଲାଟା, ଏତେ ଚାଲାକି କରି ସେଠି ଦୁଇମାସ ପାଖାପାଖି ରହିଗଲା! ସଂଗ୍ରାମ ସହ ସାକ୍ଷାତ କରିବା ଏକରକମ ଅସମ୍ଭବ ବୋଲି ସେ କହିଲେ । ତେବେ ପିଏଚଡି କାମ ତ ଦୁଇ/ତିନି ବର୍ଷ ଚାଲିବ, ପରବର୍ତ୍ତୀ ସମୟରେ କେବେ ଚେଷ୍ଟା କଲେ ହୁଏତ ସଂଗ୍ରାମଙ୍କୁ ଭେଟିହେବ ବୋଲି ସେ ପ୍ରବୋଧନା ଦେଲେ ।

ଭୁବନେଶ୍ୱର ଫେରିବାର ତୃତୀୟ ଦିନ ଚା'ଦୋକାନୀ ସରୋଜକୁ ଫୋନ୍ କଲା । କହିଲା, "ବାବୁ! ତମ ଭାଗ୍ୟ ଭଲ । ମୁଁ ଖବର ପଠାଇଥିଲି । ସଂଗ୍ରାମ ଗତ କିଛିଦିନ ହେଲା ଏ ଅଞ୍ଚଳରେ ନାହାନ୍ତି । ଦିନେ ଦୁଇଦିନ ପରେ ଫେରିବେ । ସପ୍ତାହେ ଖଣ୍ଡେ ରହି ପୁଣି କୁଆଡ଼େ ଚାଲିଯିବେ । ତମେ ଯଦି ଆସିପାରିବ, ତାଙ୍କ ସହ ଭେଟ ହେବାର ସମ୍ଭାବନା ରହିଛି । ସେ ରାଜି ହୋଇଛନ୍ତି ଭେଟ ଦେବାକୁ । କିନ୍ତୁ ସାବଧାନ! ଏକଥା କେହି ଯେମିତି ନଜାଣନ୍ତି । ନଚେତ, ତାଙ୍କ ପାଖରେ ତ ପୁଲିସ ପହଞ୍ଚି ପାରିବନି । ତମକୁ କିନ୍ତୁ ଧରି ନେଇଯାଇପାରେ ।"

ଫୋନ୍ ପାଇବା ବେଳଠୁ ସରୋଜର ଗୋଡ଼ ତଳେ ଲାଗୁନି । ତା'ପରଦିନ ଯିବାକୁ ବାହାରିଲା । ପ୍ରଫେସର ମହାପାତ୍ରଙ୍କୁ ଭେଟିବା ପାଇଁ ଇଚ୍ଛାଥିଲେ ବି ଚା' ଦୋକାନୀର ଚେତାବନୀ ଦୃଷ୍ଟିରୁ ତାଙ୍କୁ କିଛି ନକହି ଚୁପଚାପ୍ ପଳାଇଲା । ବସ୍‌ରେ ସରୋଜର ପାଖ ସିଟ୍‌ରେ ବସିଥିଲେ ଦୁର୍ବଳ ସ୍ୱାସ୍ଥ୍ୟ ସଂପନ୍ନ ଜଣେ ଯୁବକ । ବୟସ ପ୍ରାୟ ଚାଳିଶ ପାଖାପାଖି ହେବ । ସେ ବି ଯାଉଥିଲେ ଗୁଣପୁର । ଏତେ ବାଟ ପାଖାପାଖି ବସି ଯାଉଥିବାରୁ ସେମାନଙ୍କ ମଧ୍ୟରେ କଥାବାର୍ତ୍ତା ଚାଲିଲା । କିଛି ଘଣ୍ଟାପରେ ସେମାନେ ପୂର୍ବ ପରିଚିତ ଲୋକ ଭଳି ବେଶ୍ ଖୁସିଗପରେ ମଜିଯାଇଥିଲେ ।

ସରୋଜ ଏତେ ବାଟ କାହିଁକି ଯାଉଛି ବୋଲି ଯୁବକ ଜଣକ ଜାଣିବାକୁ ଚାହିଁବାରୁ ତା'ମୁହଁରୁ ବାହାରିପଡ଼ିଲା ବନ୍ଧୁଙ୍କ କଥା । ସେଇ ସାଙ୍ଗ ପାଖକୁ ଯାଉଛି ବୋଲି କହିଦେଲା । ଯୁବକ ଜଣକ ତାକୁ ସତର୍କ କରାଇଲା ଭଳି ପରାମର୍ଶ ଦେଲେ । ଗୁଣପୁର ଏରିଆଟା ମାଓବାଦୀ ପ୍ରଭାବିତ ଏରିଆ । ତମ ସାଙ୍ଗଙ୍କୁ କହୁନ ସେଠୁ ବଦଳିହୋଇ ଚାଲିଆସିବ । ବସ୍ ମଧ୍ୟରେ ଜଣେ ଅଜଣାଅଶୁଣା ଲୋକ ସହିତ ମାଓବାଦୀ ପ୍ରସଙ୍ଗରେ କିଛି ଟିପ୍ପଣୀ ଦେବାଟା ଉଚିତ ମଣିଲାନି ସରୋଜ । ଗୁଣପୁରରେ କିଏ ପୁଲିସର ଲୋକ ଆଉ କିଏ ମାଓବାଦୀଙ୍କ ଲୋକ, ସେକଥା କେହି ଜାଣିପାରନ୍ତିନି ବୋଲି ତା' ବନ୍ଧୁ ଓ ତହସିଲ୍‌ଦାର, ଦୁହେଁ ତାକୁ ବହୁବାର କହିଛନ୍ତି । ଗୁଣପୁର ଯାଉଥିବା ଏ ବସ୍‌ରେ ବି ସେଭଳି ଲୋକ ଯେ ନଥିବେ, କିଏ କହିବ ?

ଗୁଣପୁରରେ ପହଞ୍ଚି ପ୍ରଥମେ ଭେଟିଲା ଚା' ଦୋକାନୀକୁ । ଲୋକଟି ଚେତାଇ ଦେଲା, ବାବୁ କେହି ଜାଣିବେନି ଯେମିତି । ସରୋଜ କହିଲା, "କେହି ବି ଜାଣିବେନି, କିନ୍ତୁ ମୁଁ କେବେ ଓ କୋଉଠି ଭେଟିବି ?"ଚା' ଦୋକାନୀ କହିଲା "ମୁଁ ବି ଜାଣିନି । ସଂଗ୍ରାମ ହେଉ କି ଆଉ କୋଉ ମାଓବାଦୀ ନେତା ! ସେମାନେ କାହାକୁ ଭେଟିବେ, କେବେ ଭେଟିବେ ଓ କୋଉଠି ଭେଟିବେ, ସେ କଥା କେହି ଜାଣନ୍ତିନି । ତମେ ତମ ଭଡ଼ାଘରେ ଥାଅ । ତୁମକୁ ଠିକଣା ସମୟରେ ସେମାନେ ଖବର କରିବେ ।

ସରୋଜ ଚୁପଚାପ୍ ଫେରିଗଲା । ସାଙ୍ଗକୁ ମଧ୍ୟ ସେ ଫେରି ଆସିଥିବା କଥା ଜଣାଇଲାନି । ସରକାରୀ ଚାକିରିଆ ତ, କଥାଟାକୁ ସେ ଗୁପ୍ତ ରଖିବ କି ନା କିଏ ଜାଣେ ! ତେଣୁ ନିରବରେ ଅପେକ୍ଷା କରିଯିବା ଭଲ ବୋଲି ଭାବିଲା । ତାକୁ ଦେଖି ଖୁବ ଖୁସି ହେଲା ତହସିଲଦାର, ତା'ର ପୁତୁରା ଓ ମାଆ । ପୁତୁରାଟା ପାଇଁ ସରୋଜ ହଳେ ପ୍ୟାଣ୍ଟସାର୍ଟ, କିଛି ଖେଳନା ନେଇଥିଲା । ତହସିଲଦାରର ମାଆ କହିଲେ, "ତମେ ତ ପୁଅ ଆଉ ସପ୍ତାହକ ପରେ ଚାଲିଯିବ । ତା' ପରେ କ'ଣ ଆମକୁ ମନେରଖିବ ?" ସରୋଜ ଉତ୍ତର ଦେଲା, କ'ଣ କରିବା ମାଉସୀ । ଯିବାକୁ ତ ପଡ଼ିବ । କିନ୍ତୁ ତମେମାନେ ସମସ୍ତେ ମୋର ମନେପଡ଼ିବ ।" ତହସିଲଦାର କିନ୍ତୁ କିଛି କହିଲାନି । ସରୋଜ ଅପେକ୍ଷା କଲା ଡାକରାକୁ ।

ତା'ପରଦିନ ସେ ପାଖ ଏକ ଗାଁ'କୁ ଯାଉଥାଏ । ହଠାତ୍ ୧୫/୧୭ ବର୍ଷର ପିଲାଟିଏ ଦୌଡ଼ିଆସି ପଚାରିଲା "ତୁ ସରୋଜ ବାବୁ କି ? ସେ ହଁ ମାରିଲା, ପିଲାଟି କହିଲା, ତତେ ମୋ ସହ ଯିବାକୁ ପଡ଼ିବ ଏକା ।" ସରୋଜ ପଚାରିଲା 'କୁଆଡ଼େ' ? "ମୁଇଁ ନାଇଁ ଜାଣେ । ମୁଇଁ ଖାଲି ତତେ ନେଇକି ଯିବି, ବାଟରେ ଆଉ ଜଣେ ଲୋକ ଦେଖାହେଲା ଯାଏ' । ସରୋଜ ଜାଣିଲା, ତା' ଅପେକ୍ଷାର ମୁହୂର୍ତ୍ତ ସରିଆସୁଛି । କହିଲା "ମୁଁ ଟିକେ ଘରକୁ ଯାଇ ଆସୁଛି ।" "ନାଇଁ ବାବୁ ! ତୁ ଏବେ ଏବେ ଯିବୁ ମୋ ସହ । ନାଇଁ ତ, ମୁଇଁ ଚାଲିଲି ।"

ବାଧ୍ୟହୋଇ ପିଲାଟା ସହ ଚାଲିଲା । ଦୁଇ, ଚାରି କିଲୋମିଟର ପରେ ଘଞ୍ଚ ଜଙ୍ଗଲ ଆଡ଼କୁ ମୁହାଁଇଲା ପିଲାଟି । କିଛି ବାଟ ପରେ ଭେଟ ହେଲା ଆଉ ଜଣେ ଯୁବକ । ପିଲାଟି ସେଇଠୁ ଫେରିଆସିଲା । ଯୁବକ ଜଣକ ତାକୁ ଅନୁସରଣ କରିବାକୁ କହି ଆଗେ ଆଗେ ଚାଲିଲା, ପଛେ ପଛେ ସରୋଜ । ବେଶ୍ କିଛି ବାଟ ଗଲାପରେ ତା' ଗୋଡ଼ ବିନ୍ଧିଲା । ଦଶ/ବାର କିଲୋମିଟର ଚାଲିଆସିଲା ଭଳି ଲାଗୁଥାଏ ତାକୁ । ତା'ର ଅବସ୍ଥା ଦେଖି ଯୁବକ ଅଟକି ଗଲା । କହିଲା, ଆହୁରି ଘଣ୍ଟାଏ ଚାଲିବାକୁ ପଡ଼ିବ । ଏଇଠି ଟିକିଏ ବସିପଡ଼ି ଆରାମ କର । ଗୋଡ଼ ଲମ୍ୱାଇ ବସିପଡ଼ିଲା ସରୋଜ । ସଂଗ୍ରାମଙ୍କୁ ଭେଟିବାର ଅଦମ୍ୟ ଇଚ୍ଛା ତାକୁ ଏତେ ବାଟ ଘୋସାରି ଆଣିଛି । ପୁଣି ଘଣ୍ଟାଏ ଚାଲିବାକୁ ପଡ଼ିବ ।

ଶେଷରେ ଲକ୍ଷ୍ୟସ୍ଥଳରେ ପହଞ୍ଚିଗଲେ ସେମାନେ । ସରୋଜ ଦେଖିଲା, ପାହାଡ଼ ଉପରେ ସମତଳ ଜାଗାଟିଏ । ସେଇଠି ଛିଡ଼ା ହୋଇଛନ୍ତି ପୁଅ, ଝିଅ କେତେଟା ମାଓବାଦୀ । କାହା ହାତରେ ବନ୍ଧୁକ ତ, କିଏ ରେଡିଓଟିଏ ଲଗେଇ ଶୁଣୁଛି । ଅନ୍ୟମାନେ ଯିଏ ଯାହା କାମରେ ବ୍ୟସ୍ତ । ସାଥୀ ଯୁବକଟି ସରୋଜ ପାଇଁ ପତ୍ର କେତେଟା ଛିଣ୍ଡାଇ ଦେଇ ବସିବାକୁ କହିଲା । ସରୋଜ ପଚାରିଲା "ସଂଗ୍ରାମ ବାବୁ କେତେବେଳେ ଦେଖା ହେବେ" ? ଯୁବକଟି କହିଲା, ସିଏ କାଲି ଆସି ପହଞ୍ଚିଲେ । ଟିକିଏ ଉପରେ ବିଶ୍ରାମ ନେଉଛନ୍ତି । ଆପଣ ଏଇଠି ବସିଥାନ୍ତୁ । ଆଉ ଜଣେ କ୍ୟାଡର ଆସି ଆପଣଙ୍କୁ ନେଇଯିବ । ତାକୁ ପ୍ରତିଟି ମୂହୂର୍ତ୍ତ ଯୁଗଟିଏ ଭଳି ଲାଗୁଥାଏ । ଏଭଳି ଏକ ପରିବେଶରେ ମାଓବାଦୀମାନେ ବର୍ଷ ବର୍ଷ ଧରି ରହି କେମିତି ଶୋଷଣମୁକ୍ତ ସମାଜର ସ୍ୱପ୍ନ ଦେଖୁଛନ୍ତି ସେକଥା ମନେମନେ ଭାବୁଥାଏ ।

ପଛପଟୁ କେହି ଜଣେ ତା' କାନ୍ଧରେ ହାତ ପକାଇଲା । ପ୍ରକୃତିସ୍ଥ ହୋଇ ସରୋଜ ପଛକୁ ଫେରିଚାହିଁ ଚମକି ପଡ଼ିଲା । ସେ ଠିକ୍ ଦେଖୁଛି ତ ? ପଛରେ ଛିଡ଼ା ହୋଇଥିଲା ତହସିଲଦାର- ମୁରୁକି ମୁରୁକି ହସୁଥିଲା । "ତମେ ଏଠି ?" ତହସିଲଦାର କହିଲା, "ତମେ ଯଦି

ବାବୁ ଏଠିକୁ ଆସିପାରିଲ, ମୁଁ କାହିଁକି ଆସିବିନି ? ହଉ ଚାଲ ଭାଇ ଡାକୁଛନ୍ତି । ଏତେବେଳକୁ ସରୋଜ ଜାଣିପାରିଲା, ସେ ତା'ହେଲେ ଗତ ଦୁଇମାସ ହେଲା ଜଣେ ମାଓବାଦୀ କ୍ୟାଡର ଘରେ ରହି ଆସୁଥିଲା ! ଦୁହେଁ ଆଗକୁ ଚାଲିଲେ । ତହସିଲଦାର କହିଲା, "ତୁମେ ପାଠ ପଢ଼ିବାକୁ ଆସିଛ । ସେ କଥା ନକହି ମିଛ କାହିଁକି କହିଥିଲ ?"

ସରୋଜ ପଚାରିଲା, "ତମେ କେମିତି ଜାଣିଲ ମୁଁ ପାଠ ପଢ଼ିବାକୁ ଆସିଛି ବୋଲି ? ମୋ ସାଙ୍ଗ ବୋଧେ ସବୁ କହିଦେଇଛି !" " ନା, ସିଏ କାହିଁକି କହିବେ ? ତମେ ବାବୁ ଭୁବନେଶ୍ୱର ପଳେଇଲ । ତମ ରୁମ୍ ଖୋଲାଥିଲା । ମୁଁ ତମର ସବୁ ଲେଖା ପଢ଼ିଦେଇଛି ।" "ତମେ ତାହେଲେ ପାଠ ପଢ଼ିଛ ?" "ନାଇଁମ ! ଅଳ୍ପ ଟିକିଏ ଯାହା ପଢ଼ିଥିଲି । ଏଠି 'ଦଳମ୍'ରେ ମିଶିଲା ପରେ ଭାଇ ଆମକୁ ଇଂଲିଶ, ହିନ୍ଦୀ ପଢ଼େଇଦେଲେ । ଏତେ ଭଲ ନଜାଣିଲେ ବି କାମଚଳା ପାଠ ଜାଣିଛୁ ସମସ୍ତେ ।"

ଚମତ୍କୃତ ହେଲା ସରୋଜ । ଗୋଟିକ ପରେ ଗୋଟିଏ ବିସ୍ମୟ ତାକୁ ଯେମିତି ହାତଠାରି ଡାକୁଛି । ଦୁଇମାସ କାଳ ତହସିଲଦାର ଘରେ ସିଏ ରହିଲା, ଅଥଚ ତା'ର ଗତିବିଧି ଠଉରେଇ ପାରିଲାନି । ଅନ୍ୟ କଥା ଛାଡ଼, ସିଏ ଯେ ପଢ଼ାପଢ଼ି କରିପାରେ, ସେକଥା ବି ଏଯାଏଁ ଜାଣି ପାରିଲାନି ।

ଠିକଣା ଜାଗାରେ ପହଞ୍ଚିଗଲେ ସେ ଦୁହେଁ । ସେଠି ଗୋଟେ ରେଡିଓ ଲଗେଇ ଚାରିପଟେ ବସିଥିଲେ ଚାରି/ପାଞ୍ଚ ଜଣ । ଆରେ ! ସେମାନଙ୍କ ମଧ୍ୟରେ ସେଇ ବସ୍‌ଯାତ୍ରୀ, ଯିଏ ତା' ପାଖ ସିଟ୍‌ରେ ବସିଥିଲେ । ଥରେ ତାଙ୍କୁ ଓ ଆଉଥରେ ତହସିଲଦାରକୁ ବଲବଲ କରି ଚାହିଁଲା ସରୋଜ । ତହସିଲଦାର ଠାରିଦେଲା, ସେହି ହିଁ ସଂଗ୍ରାମ, ମାଓବାଦୀଙ୍କ ଏରିଆ କମାଣ୍ଡର । ସରୋଜ ପୁଣିଥରେ ବିସ୍ମିତ ହୋଇ ଚାହିଁଲା ସଂଗ୍ରାମଙ୍କୁ । ସେ ଡାକିଲେ "ସରୋଜ ବାବୁ ! ଆସନ୍ତୁ ଏଇଠି ବସି ଗପସପ ହେବା" ।

❑❑❑

**ଶତ୍ରୁଜିତ୍ ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଆଇନ ବିଭାଗର ପୁରାତନ ଛାତ୍ର । ସାମ୍ବାଦିକତା ବୃତ୍ତିରେ ଥିବା ଶତ୍ରୁଜିତ୍‌ଙ୍କର ଦୁଇଟି କବିତା ସଂକଳନ, ୩ଟି ଗଳ୍ପ ସଂକଳନ ଏବଂ ପାଞ୍ଚଟି ଲଳିତ ନିବନ୍ଧ ସଂକଳନ ପ୍ରକାଶିତ । ରାଜ୍ୟ ଯୁବ ପୁରସ୍କାର, ଉମାକାନ୍ତ ମହାପାତ୍ର ସ୍ମୃତି ପୁରସ୍କାର, ପ୍ରଫେସର ବିଜୟିନୀ ମହାନ୍ତି ସ୍ମୃତି ସମ୍ମାନ, ସୁଧାଂଶୁ ମୋହନ ରାଉତରାୟ ସ୍ମୃତି ସମ୍ମାନ, ଆଇପିଏସ ନାରଦ ସମ୍ମାନ ଇତ୍ୟାଦିରେ ସମ୍ମାନିତ ଶତ୍ରୁଜିତ୍ 'ଉତ୍କଳାୟନ' ସମ୍ପାଦକମଣ୍ଡଳୀର ସଦସ୍ୟ ଅଛନ୍ତି । ସମ୍ପର୍କ : ୯୮୬୧୫୫୦୭୬୧ ।**



# ବୁଢ଼ିଆଣୀ ଘର

ମୌସୁମୀ ଦାସ

ଚାହିଁଥିବା ଜୀବନଟେ କେବେ ମିଳିପାରେ
ଅବା ହାତପାଆନ୍ତାରେ ... !
ବୁଢ଼ିଆଣୀ ପରି ଗଢ଼ି ଚାଲୁଥାଏ
କେତେ ବାଗରେ ଘର
ଟିକେ ଫୁରସତରେ ନିଃଶ୍ୱାସ ମାରିବ ଭାବିବସିଲା ବେଳକୁ
ଶେଷ ହେଇଯାଏ ପ୍ରଶ୍ୱାସର ଥଳି... ।

କେତେ କେତେ ଝୁମାଣିଆ ଜହ୍ନରାତି
ଖସିଗଲା ସମୟ କାନ୍ଥରୁ
ସୁର୍-କି ଝରିଲା ପରି,
କେତେ ଫୁଲସଞ୍ଜରେ ମୁର୍ଚ୍ଚାଦାଗ,
ଲିଭିଗଲାଣି କାନଭାସ୍‌ର ଗୋଲାପୀ ରଙ୍ଗ ।

ହେଇ ତ
ଦର୍ପଣରେ ଉଙ୍କି ହସିଲାଣି
କହରା କେଶର ଅପରାହ୍ନ ।
ଏ ବେଳେ ଆଉ ମନେପଡୁନ ତମେ
ମନେପଡୁନି ଆମ
ଲୁକଲୁକାଣି
କି ପାହାଡ଼-ପାଣି ଖେଳ
ନିୟମ ଭାଙ୍ଗି ତମେ ହିଁ
ସେଦିନ ସୀମାଟେ ଟାଣିଦେଲ ସମ୍ପର୍କର ... ।

କଥା ଥିଲା
ଗୋଟେ ନିଝଡ଼ ସଞ୍ଜରେ ଯିବା ସାଥୀ ହେଇ ଧୀବରପଲ୍ଲୀ
ମାଛଧରା ଡଙ୍ଗାରେ ଜହ୍ନ ଧରିବାକୁ
ମଝି ଦରିଆରେ
ଧାର୍ଯ୍ୟ ଦିନ
କେଉଁଠୁ ଆସିଲା କେଜାଣି ବତାସ
ବିନା ପ୍ରାକ୍ ସୂଚନାରେ
ପବନ ଉଡ଼ାଇନେଲା ସବୁ ପ୍ରତିଶ୍ରୁତି ।

ସବୁକିଛି ଥମିଲା ବେଳକୁ
ନା ଥିଲା ଧୀବରପଲ୍ଲୀ
ନା ଦରିଆ ମଥାନରେ ଜହ୍ନ .. !

ଏବେ ନିଜ ନିଜ ଚଉହଦୀରେ ଆମେ
ତୁମ ହିସାବଖାତାରେ ଖର୍ଚ୍ଚର ତାଲିକା
ମୂଲିଆଙ୍କ ମଜୁରୀ,
ଛଡ଼, ସିମେଣ୍ଟ, ବାଲିର ଭାଗମାପ
ଆଉ ଦିନକୁ ଦିନ ପେଟ୍ରୋଲଦରରେ
ମିଶାଣ ଫେଡ଼ାଣ ।

ମୋ କଥା ଯେତେ ଥିଲା କହିବାର
ଅଳନ୍ଧୁ ହେଇ ଝୁଲିଲେଣି
ଐଶାନ୍ୟ କୋଣରେ
ମୋ ଡାଇରୀ ପୃଷ୍ଠାରେ ଶୋଇଗଲେଣି
ସବୁ ଅଭିମାନ ଅଭିଯୋଗ
ଝରା କୃଷ୍ଣଚୂଡ଼ାର ଚାଦର ଘୋଡ଼େଇ ।

କାଲି ରାତିରେ ଆସିଥିଲା କିଏ
ଅନ୍ଧାର ଘୋଡ଼ାଇ
ଲୋମଶ ହାତରେ ଖପୁରୀର ଟାଟୁ
ଦିଶୁଥିଲା ଜକଜକ

ହାତ ଧରି ଭିଡ଼ିନେଲା
କୋଉ ଏକ ଅଜଣା ମୂଳକ
ମୋ ସାରା ଦେହରେ
ରକ୍ତ ଶୋଷକ ଜୋକ
ସେ ହସିଲା ଟହଟହ ।

ହାଉଳି ଉଠିଲା ବେଳକୁ
ଆକାଶରେ ଶେଷତାରା
ହାଇମାରି ଶୋଇଗଲାଣି ମୋତେ ପଛ କରି,
ପାହାଡ଼ ଶିଖରରେ ମେଘଟେ ତରଳି ଯାଉଥିଲା
ନିଃଶ୍ୱାସର ଶେଷଢୋକ ପବନ ପରି ।

❑❑❑

ମୌସୁମୀ ଦାସ ୧୯୯୨-୧୯୯୪ ବର୍ଷ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଓଡ଼ିଆ ବିଭାଗରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି । ତାଙ୍କର ରାସପର୍ବ ଓ ବାଇଗଣୀ ଖରା ନାମରେ ଦୁଇଟି କବିତା ସଙ୍କଳନ ରହିଛି । ଗଳ୍ପ ସଂକଳନ ଗୁଡ଼ିକ ମଧ୍ୟରେ କଫି ହାଉସ, ମୀମାଂସା ଓ ମେଘମୁକ୍ତ ଆକାଶ ପ୍ରମୁଖ । ସେ ବ୍ରହ୍ମପୁର ସାହିତ୍ୟ ସଂସଦ, ଆରପାଖ ସାହିତ୍ୟ ସଂସଦ, କଥା କଳିକା ପୁରସ୍କାର ସହ ଆହୁରି ଅନେକ ପୁରସ୍କାର ଲାଭ କରିଛନ୍ତି । ସମ୍ପର୍କ: ୯୪୩୭୬୫୬୧୨୮



# ଦର୍ପଣ

**ଇପ୍‌ସିତା ଷଡ଼ଙ୍ଗୀ**

ଏ ଭିତରେ ଚାଲ
ଆମେ ଶବ୍ଦକୋଷଟେ ରଚିବା
ଆମର, ସେଥିରେ ଥିବ
ଅସଂଖ୍ୟ ସଂକେତ
ସେ ସଂକେତକୁ ବୁଝିବ ତମେ
ବୁଝିବି ମୁଁ ହିଁ କେବଳ ।

କହ, ଏବେ କେଉଁପରି
ଚିହ୍ନ କରିବା ଫୁଲ ପାଇଁ,
କି ଚିହ୍ନରେ ମନ, କି ଚିହ୍ନରେ
ହୃଦୟ, ଦୁଃଖ, ସମୟ, ଅଭିମାନ
କି କି ଚିହ୍ନ ନେଇ ପ୍ରକାଶିବେ ନିଜ ନିଜକୁ
ଗାଲର ଭଉଁରୀ, ମଉନ ହସ
ମନମାରି ବସିଥିବା ଯାବତୀୟ ରୁଷିବାର
ଥମ୍ ଥମ୍ ମୁହଁ ?

ପ୍ରତି ପୃଷ୍ଠା ସାମ୍ନାରେ
କାଚଟିଏ ରଖୁଥିବା
ଏପଟେ ଗୋଟେହଳ ଆଖିର ପାରଦ
ଆରପଟେ ଆରହଳ ଆଖି
ହେଉଥିବ ଗୋଟେ ସମ୍ପର୍କର ଦର୍ପଣ !

କହ, କେଉଁ ସଂକେତରେ
ଚିହ୍ନେଇବା ବୋହୁଥିବା
ଏ ସ୍ରୋତସ୍ୱିନୀ ଅଦ୍ଭୁତ ଧାରକୁ !

ମୋ ମନକୁ କ'ଣ ଆସେ ଜାଣ !
ସବୁ ସମ୍ପର୍କ ପାଇଁ
ସତେ କ'ଣ ନାଁଟିଏ ନିହାତି ଜରୁରୀ ?
ଜରୁରୀ କ'ଣ ସଂକେତ କି ଚିହ୍ନ ?

ଚାଲ-ଶୂନ୍ୟରେ, ସୂକ୍ଷ୍ମରେ
ହଜେଇଦେବା ସବୁ
ନାଁକୁ, ସଂକେତକୁ ।

ଚାଲ, ଖାଲି ପୃଷ୍ଠାର ସହସ୍ର କାଗଜକୁ
ବନ୍ଧେଇ କରିବା
ସନ୍ତର୍ପଣରେ ରଖିଦେଇ ସବୁ ଅଭିମାନକୁ
ଭିତରେ
ଆଗ ଆଉ ପଛର
ମଲାଟ ହେଇଯିବା ଆମେ ଦୁହେଁ
ଚାଲ ।

❑❑❑

**ଇପ୍‌ସିତା ଷଡ଼ଙ୍ଗୀ ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଇଂରାଜୀ ବିଭାଗର ୧୯୯୪-୯୬ ବ୍ୟାଚ ଛାତ୍ରୀ । ବର୍ତ୍ତମାନ କଟକ ଜିଲ୍ଲା ନିଆଳି ମହାବିଦ୍ୟାଳୟରେ ଅଧ୍ୟାପନା କରୁଛନ୍ତି । ତାଙ୍କର ପ୍ରକାଶିତ କବିତା ସଂକଳନଗୁଡ଼ିକ ହେଉଛି, 'ପକ୍ଷୀ ଫେରିନି', 'ଫେରିବା କଥା', 'ପୁନଶ୍ଚ ବୁଦ୍ଧ', 'କେତେବେଳେ କେଜାଣି', 'ଶବ୍ଦ ଆରପାଖ' ଏବଂ 'ଦୃଶ୍ୟ ଦର୍ପଣ' । ସେ ମଧ୍ୟ ଦୁଇଟି କବିତା ସଂକଳନ, ଗୋଟିଏ ଉପନ୍ୟାସ ପୁସ୍ତକର ଅନୁବାଦିକା ଏବଂ ସମସାମୟିକ ଓଡ଼ିଆ କବିତା ଉପରେ ଏକ ପ୍ରବନ୍ଧ ସଂକଳନର ରଚୟିତା । କବିତା ପାଇଁ ରାଜ୍ୟ ଯୁବ ପୁରସ୍କାର, ହାଜି ଅସରଫ୍ ଅଲ୍ଲୀ ଉଦୟ ପ୍ରତିଭା ପୁରସ୍କାର, ଦୈନିକ ସମାଜ ତରଫରୁ ସମ୍ମାନଜନକ 'ଗୋପବନ୍ଧୁ ଯୁବ ପ୍ରତିଭା ସମ୍ମାନ' ଆଦି ଅନେକ ସମ୍ମାନରେ ସମ୍ମାନିତା । ଭାରତର ବିଭିନ୍ନ ସ୍ଥାନରେ ଆୟୋଜିତ ସର୍ବଭାରତୀୟ କବିତା ପାଠୋତ୍ସବ କାର୍ଯ୍ୟକ୍ରମରେ ସେ ଓଡ଼ିଆ କବିତାକୁ ପ୍ରତିନିଧିତ୍ୱ କରିଛନ୍ତି । ସମ୍ପର୍କ: ୯୯୩୮୩ ୭୦୨୮୯ ।**



# ଉଦାସ ସ୍ମାରକୀ

**ଡକ୍ଟର ସଂଘମିତ୍ରା ଭଞ୍ଜ**

ଅପ୍ରାପ୍ତିର ଲମ୍ବା ତାଲିକା ଭିତରୁ
କେହିଜଣେ କେବେହେଲେ ନ ମିଳିବା କଥା ନେଇ
ସମୟ ଖତେଇ ହୁଏ
ଛିଗୁଲାଏ ବିକଳ ମୁହୂର୍ତ୍ତ
ପେଟ-ଛାତି-ପିଞ୍ଜରାକୁ ଭେଦି
ହାବୁକା-ହାବୁକା ଉଠେ ଆଉଟା ଆବେଗ ।

ହଜିଯାଏ କଥା ପୁଣି
ବାଟହୁଡ଼ା ଥାଏ ଯେତେ ସର୍ତ୍ତ
କେହି ଜଣେ ଦୂରେ ଥାଏ
ଆଖି ପାଏ ନାହିଁ
ଦୁର୍ବିସହ ବେଦନାରେ
ସଂସାରକୁ ଚାହିଁବାର
ତିଳେମାତ୍ର ଇଚ୍ଛା ରହେ ନାହିଁ ।

ସୀମାହୀନ ପ୍ରୟାସର ଦ୍ୱାରେ
ବିଳାପର ଅବୁଝା ଏ ସନ୍ଧି

ପାଇବା ନ ପାଇବାର
ଅଦ୍ଭୁତ ଏ ବିଧି ।
ଅପ୍ରାପ୍ତ ସେ
ଚିଜଟିଏ ଯେ କା' ସଂଗୁପ୍ତ ଲକ୍ଷ୍ୟ
ହେଇପାରେ ସନ୍ନ୍ୟାସୀର ଜନ୍ମାନ୍ତରୁ
ମୁକ୍ତି
କାହା ପାଇଁ ହେଇପାରେ
କାହା ଉପସ୍ଥିତି
ଆଖି କୋଣୁ ଅଶ୍ରୁବିନ୍ଦୁ
ସାକ୍ଷ୍ୟଭାବେ ଥାପିଦିଏ
ନିରବିତ ଉଦାସ ସ୍ମାରକୀ ।

❑❑❑

**ଡକ୍ଟର ସଂଘମିତ୍ରା ଭଞ୍ଜ ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ-ଭାଷା ସାହିତ୍ୟ ବିଭାଗର ୧୯୯୫-୯୭ ବ୍ୟାଚ ଛାତ୍ରୀ । ବର୍ତ୍ତମାନ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷା-ସାହିତ୍ୟ ବିଭାଗର ବିଭାଗୀୟ ମୁଖ୍ୟା ଭାବେ କାର୍ଯ୍ୟରତ । ତାଙ୍କର ପାଞ୍ଚଟି ସମାଲୋଚନା ପୁସ୍ତକ, ୩ଟି କବିତା ପୁସ୍ତକ, ଦୁଇଟି ଅନୁବାଦ ପୁସ୍ତକ ଏବଂ ଗୋଟିଏ ସଂପାଦିତ ପୁସ୍ତକ ପ୍ରକାଶିତ । ଶରତ ସାହିତ୍ୟ ସମ୍ମାନ-୨୦୧୯, ସୁବ୍ରତ ରଥ ସ୍ମାରକୀ ସମ୍ମାନ-୨୦୨୨, କଳିଙ୍ଗ ଆଇକନିକ ଆୱାର୍ଡ-୨୦୧୯, ଗ୍ଲୋବାଲ ଫାକଲ୍ଟି ଆୱାର୍ଡ-୨୦୨୦ ଏବଂ ତାଳପଦେଶ୍ୱରୀ ବିଜୟିନୀ ମହାନ୍ତି ସମ୍ମାନ-୨୦୨୧ ଆଦି ବହୁ ପୁରସ୍କାର ଓ ସମ୍ମାନରେ ସେ ସମ୍ମାନିତା ।
ସମ୍ପର୍କ : ୯୪୩୮୨୯୪୪୧୮ ।**

# ଜନ୍ମଦିନ

**ସରୋଜ ବଳ**



ଆଜି ପୁଣି ମୁଁ ଜନ୍ମିବି
ଅଧରାତିର ନିଦୁଆ ନିରବତାରେ

ଜ୍ୟୋତ୍ସ୍ନା ରଂଗର ହଂସରେ ବସି
ଓହ୍ଲେଇଆସିବି ମୁଁ ତୁମ ପୃଥିବୀକୁ
ବୀଣାର ଧୁନ୍ ପରି
ଶୁଭିବ ମୋର କୁଆଁକୁଆଁ
ଓ ତମେ କଡଲେଉଟାଇବା ବେଳକୁ
ଚାରିଆଡେ ପାହାନ୍ତା କାକରର ଛୁଆଁ

ଆଜି ପୁଣି ମୁଁ ରୂପ ନେବି
ଆଲୁଳାୟିତ ଅନ୍ଧାରକୁ ଚାପିଚୁପି
ଛଣପଟିର ହାଲୁକା ହେମ ଉପରେ
ଲେପିହେଇ ମାଂସ ଓ ରକ୍ତର ଉତ୍ତାପ
ଆଜି କହିବି ମୁଁ ବର୍ଷବର୍ଷ ଧରି
କୁହାଯାଇଆସୁଥିବା ସେଇ ଚିରାଚରିତ ପାପଗପ

ହଁ ଆଜି ଜନ୍ମନେବି ମୁଁ ଆଉଥରେ
ଅନ୍ଧାରର ଯୋନି ଚିରି
ଲାଲ୍ କରି ଆତୁର ଆକାଶ
ଧୂଆଁଳିଆ ଘଷିନିଆଁର ଏନ୍ତୁଡ଼ିରେ
ଉଷୁମାଳିଆ ଦେହଟିଏ ହୋଇ
ମୁଁ ମହକିବି ଡହକିବି
ଚହଟିବି କୁହାଟିବି
ଭୋର ପୂର୍ବର ଭିଡହୀନ ରାସ୍ତାରେ
ପ୍ରଥମ ଭାଷା ହୋଇ

ଶୁଣ, ତମେସବୁ ସବୁଦିନ ପରି
ଆଜି ଡେରିଯାଏଁ ଶୋଇପଡିବ ନାଇଁ ।

❑❑❑

ସରୋଜ ବଳ (ଜନ୍ମ:୧୯୭୬) ସମକାଳୀନ ଓଡ଼ିଆ କବିତା ଓ କଥାସାହିତ୍ୟରେ ଜଣାଶୁଣା । ୧୪ଟି କବିତା ସଂକଳନ, ୪ଟି ଗଳ୍ପ ପୁସ୍ତକ ଓ ଗୋଟିଏ ଉପନ୍ୟାସ ସହ କେତେଗୁଡ଼ିଏ ଅନୂଦିତ ଓ ସଂକଳିତ ପୁସ୍ତକର ସେ ରଚୟିତା । ସିନ୍ଦୂରା, ଭୋ୍, ବାଣୀବିକାଶ, ରେବତୀ, ଗଳ୍ପପତ୍ରିକା, ପୁସ୍ତକମେଳା ହାଲଚାଲ୍, ମତ, ସାମ୍ନା ଆଦି ପତ୍ରିକାର ସଂପାଦକ ଓ 'ଟାଇମ୍‌ପାସ୍' ପ୍ରକାଶନର ନିର୍ଦ୍ଦେଶକ ଭାବେ ସେ ସାହିତ୍ୟ ମହଲରେ ସୁପରିଚିତ । ଲେଖାଲେଖି ପାଇଁ କଥା ନବପ୍ରତିଭା ସମ୍ମାନ, ରାଜ୍ୟ ଯୁବ ପୁରସ୍କାର, ରବି ପଟ୍ଟନାୟକ ଗଳ୍ପ ପୁରସ୍କାର, କାଦମ୍ବିନୀ ଫିଚର ସମ୍ମାନ, ବସନ୍ତ ମୁଦୁଲି କବିତା ପୁରସ୍କାର, ବିଜୟିନୀ ମହାନ୍ତି ସାହିତ୍ୟ ସମ୍ମାନ, ସୁବ୍ରତ ରଥ ସ୍ମାରକୀ ପୁରସ୍କାର ଆଦି ଅନେକ ସ୍ୱୀକୃତି ସହିତ ପ୍ରକାଶନରେ ଉତ୍କର୍ଷ ପାଇଁ ଭୁବନେଶ୍ୱର-ରାଜଧାନୀ-ଏକାମ୍ର ପୁସ୍ତକମେଳା ତରଫରୁ ତିନୋଟି ସମ୍ମାନ ସେ ଲାଭ କରିଛନ୍ତି । ସାହିତ୍ୟ ସହ ଚିତ୍ରକଳା, ଫଟୋଗ୍ରାଫି, ସଙ୍ଗୀତ ନିର୍ଦ୍ଦେଶନା, ଗାୟନ, ଅଭିନୟ, ବୃତ୍ତଚିତ୍ର ନିର୍ମାଣ ଓ ସାମ୍ବାଦିକତା କ୍ଷେତ୍ରରେ ମଧ୍ୟ ସେ ସକ୍ରିୟ ।



# ଅବୋଲକରାର ଦେଶ

ଜ୍ଞାନୀ ଦେବାଶିଷ ମିଶ୍ର

ଦେଶ ବୋଇଲେ କଅଣ ଗୋସେଇଁ !
କିଛି କୋଳାହଳ, ଚାଖଣ୍ଡେ ଭୂଇଁ
ଆଉ ଖଣ୍ଡେ ଦିଅଁଦେବତାଙ୍କ ଚାଦର-
ପଚାରେ ଅବଲୋକରା ପ୍ରତିଥର ।
ପଣ୍ଡିତେ ଆଜିକାଲି ନିରୁତ୍ତର ।

ଯେତେବେଳେ ବି ଦେଖେ ଅବୋଲକରା
ଦେଶ ନାଁରେ ବିକ୍ରି ହେଉଛି ନିଆଁ-ପାଣି-ପବନ,
ଝଲସୁଛି ଟିଭି ପରଦା,
ଟୁପୁରୁଟାପୁରୁ ହେଉଛି ଗାଁ ଛକ, କ୍ଲବ୍ ଘର
ତାକୁ ଲାଗେ ତା' ଦେଶ ବିପଦରେ ଅଛି ।

ଦେଶ ତାକୁ ଦେଇଛି
ଛଅ ମାସ ଆହାର ଯୋଗଉଥିବା ଖଣ୍ଡେ ଜମି
ଆଉ ଛପରମଖା ଦି'ବଖରା ଘର,
ଯାହାକୁ ସେ ଦାନସୂତ୍ରେ ଦେଇଦେଇଛି
ତା' ସାବତ ଭାଇକୁ ।
ନଉ । ଭାଇ ତ ନେଇଚି ।
କୋଉ ପର ଲୋକ କି !

ଦେଶ ଅବୋଲକରାକୁ ଦେଇଛି
ଗୋଟେ ପାଦ ଚଲା ରାସ୍ତା,
ଯାହା ଉପର ଦେଇ
ସେ ପଣ୍ଡିତଙ୍କ ପଛରେ ହିଁ ଦଉଡୁଥାଏ ।
ଦେଶ ତାକୁ ଦେଇଛି

ସେଇ ରାସ୍ତା କଡ଼ରେ କୂଅ କି ନଳକୂଅ,
ଯୋଉଠୁ ସେ ପାଣି ପିଏ ।
ଚଉତରା କି ବାରଣ୍ଡା- ଯୋଉଠି ସେ ଶୁଏ ।
ମୁଣ୍ଡ ଉପରେ ଝୁଲୁଥିଲେ ବି
ଖଣ୍ଡେ ଖସିପଡୁନଥିବା ଆକାଶ,
ଯାହାକୁ ନେଇ ସେ ସ୍ୱପ୍ନ ଦେଖେ ।
ତିନିଟଙ୍କା ବାରଣା ପଇସାରେ
ଭାତ-ଡାଲି-ସାରୁ ଭର୍ତ୍ତା ।
ଖୁଚୁରା ନଥାଏ ବୋଲି ଦୋକାନୀ ଅବଶ୍ୟ
ଚାରିଟଙ୍କା ନିଏ ଓ ବଳକା ପଇସା ମାଗିଲେ
ଗୋଟେ ଆମ୍ବ, ତେନ୍ତୁଳି କି କମଳା ଚୁଚୁମା ଧରେଇଦିଏ ।
ଚୁଚୁମା ଧରି ଅବୋଲକରାର ପାଦ
ରାସ୍ତା ଦରାଣ୍ଡୁଥାଏ ।

ସେ ଜାଣିନଥାଏ ରାସ୍ତାସବୁ କୁଆଡ଼େ ଯାଆନ୍ତି ।
ଦେଶରେ ଥାଆନ୍ତି ନା ବିଦେଶକୁ ଲମ୍ବିଥାଆନ୍ତି !
ସେ କିନ୍ତୁ ଭାବେ,
ସେଇ ରାସ୍ତାରେ ଗଲେ ପଡୁଥାଏ ଯେତେ ଘର,
ଯେତେ ଅଗଣା-ପ୍ରଗଣା ଆଉ ନଦୀ-ପାରାବାର-
ସବୁ ତା' ଦେଶର ପରା !

ଯେତେବେଳେ ଅଚିହ୍ନା ବାସିଲା ତାକୁ କିଛି
ପଚାରିଦିଏ ପଣ୍ଡିତଙ୍କୁ ।
ଆଛା ନନା କହିଲ !
ଆମେ ଦେଶରେ ଅଛୁ ନା ବିଦେଶରେ ?

ପଣ୍ଡିତେ ହସନ୍ତି ।
ଆଉ ବିରାଟ ବରଗଛ ଭଳିଆ ମେଲିଦିଅନ୍ତି ନିଜକୁ ।
ଉତ୍ତର ଫେରାନ୍ତି-
ଦେଶ କଅଣ-ବିଦେଶ କଅଣରେ ବାପା !
ଦେହ କଅଣ, ବିଦେହ ବି କଅଣ ରେ !
ସବୁ ଯିବା-ଆସିବା କେବଳ ।
କୋଉଠି ବି ରହିହୁଏନା ବେଶି ସମୟ ।
ଦିନେ ନା ଦିନେ ତ
ଫେରିବାକୁ ହବରେ ଧନ ।
ବାଉଳା ହେଲୁ କି ବାବୁ !
ଦେଶ ଗୋଟେ ମଞ୍ଚ, ଯାହା ଦେଖୁଚୁ ସବୁ ମାୟା ।
ଦେଶ ଆତ୍ମା, ଆମେ ସବୁ ତା'ର କାୟା ।
ଦେଶ ହିମାଳୟର ହଂସ, ମଣିଷ ଅଠାକାଣ୍ଡିଆ ।

ଅବଲୋକରା ବୁଝିପାରେନି କିଛି ।
ହସିଦିଏ ।
ଲେଞ୍ଜେରା ଲଗା ଆଖିରେ ଚାହେଁ ।
ସେ ଜାଣେ ପଣ୍ଡିତ ଦୁଃଖରେ କହୁସୁନ୍ତି ଏମିତି ।
ପଚାରିପାରେନା ପ୍ରଶ୍ନ ।
ଏଣେ ଯାହା ପଚାରିଲେ ପଣ୍ଡିତ ବି
ଧାଡ଼ିଏ ରହସ୍ୟ କି ଗୋପନ କଥା
ଶୁଣେଇଦେଇ ନିରୁତ୍ତର ।

ଦେଶ କ'ଣ
ପିଲାଙ୍କ ବସ୍ତାନୀରେ ଖୋଲି ଆଉ ବନ୍ଦ ହେଉଥିବା
ଗୋଟେ ଚିରାବହିର ପୃଷ୍ଠା କେବଳ !
ଦେଶ କଣ ନଦୀ-ବୃକ୍ଷ-ପର୍ବତ-ଝରଣା !
ଦେଶ ମାନେ ମାନଚିତ୍ର ନା ଦେଶ ମାନେ ଭୂଇଁ !
ଅବୋଲକରା ଜମାରୁ ବି ବୁଝିପାରେ ନାହିଁ ।

ଦେଶ ମାନେ ନିଆଁ ନା ଆକାଶ
ଦେଶ ପୁଣି ଝଡ଼ ନା ବତାସ,
ଆଶା ନା ହତାଶ ! !
ଅବୋଲକରା ପଢ଼େ ଯେତେ ଖବରକାଗଜ
ହାତ ସିନା ପୋଡ଼େ ନାହିଁ ତାର,
ଖବର ନିଆଁରେ
ରୁଗୁରୁଗୁ ହଉଥାଏ ମନ ଓ ମଗଜ ।
ଅବୋଲକରା ପଚାରେ ନିଜକୁ
ଦେଶ କଣ ମଲାନଈ ଦରଜର ଛାଇ
ନା ଆଶାଫୁଲ ଛାଇର ଦରଜ !

ପଣ୍ଡିତେ ଏଣେ
ଆଗେରେ ଧପାଳିଗଲେଣି ଦୂରକୁ ।
ଅବୋଲକୁ ଦଉଡ଼ିବାକୁ ହେବ ।
ତାଙ୍କ ପିଛା ନଧଇଲେ
ଏତେ ବଡ଼ ଦେଶରେ
ଆଉ କି ବା ଉପାୟ ତା'ର !

❑❑❑

**ଜ୍ଞାନୀ ଦେବାଶିଷ ମିଶ୍ର (୧୯୮୫) ଉତ୍କଳ ବିଶ୍ୱବିଦ୍ୟାଳୟ (ସ୍ନାତକୋତ୍ତର: ୨୦୦୫-୦୭ ଓ କଳା ଭୂଷଣ : ୨୦୦୮-୨୦୦୯) ବାଣୀବିହାରରୁ ଶିକ୍ଷା ସମାପ୍ତ କରି୨୦୧୫ ମସିହାରେ ବିଶ୍ୱଭାରତୀ, ଶାନ୍ତିନିକେତନରୁ କଳା ବିଭୂଷଣ (ପିଏଚ୍‌ଡି) ଉପାଧି ଲାଭ କରନ୍ତି । ଛାତ୍ରାବସ୍ଥାରୁ ଅଳ୍ପ ସମୟ ଅବଧି ପାଇଁ ଆକାଶବାଣୀ କଟକର ଯୁବବାଣୀ କାର୍ଯ୍ୟକ୍ରମରେ ସାମୟିକ ଉଦ୍‌ଘୋଷକ ତଥା ବିଭିନ୍ନ ସାହିତ୍ୟ ପତ୍ରିକାର ସଂପାଦନା ସହିତ ଜଡ଼ିତ । ଛାତ୍ର ଜୀବନରୁ ଲେଖାଲେଖି କରି ଆସୁଛନ୍ତି । ଅଦ୍ୟାବଧି ତାଙ୍କର ପାଞ୍ଚଗୋଟି ସମାଲୋଚନା ପୁସ୍ତକ, ଚାରିଗୋଟି ସମ୍ପାଦିତ ପୁସ୍ତକ ଓ ଚାରିଗୋଟି କବିତା ପୁସ୍ତକ ପ୍ରକାଶିତ । ୨୦୧୬ ମସିହାରେ କବିତା ପୁସ୍ତକ 'ଦାଗ' ପାଇଁ ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ଲାଭ କରିଛନ୍ତି । ତାଙ୍କ ଦ୍ୱାରା ଆକାଶବାଣୀ, କଟକ ପାଇଁ ରଚିତ ସଂଗୀତରୂପକ ମଧ୍ୟରୁ ଦୁଇଟି କାର୍ଯ୍ୟକ୍ରମ ପ୍ରସାରଭାରତୀ, ନୂଆଦିଲ୍ଲୀ ଦ୍ୱାରା ସାର୍ଟିଫିକେଟ୍ ଅଫ୍ ମେରିଟ୍ ପାଇବା ସହିତ ଗୋଟିଏ ପ୍ରସ୍ତୁତି ଆକାଶବାଣୀ ସର୍ବଭାରତୀୟ ପ୍ରତିଯୋଗିତାରେ ଶ୍ରେଷ୍ଠ ସଂଗୀତରୂପକ ଭାବରେ ପ୍ରସାରଭାରତୀ, ନୂଆଦିଲ୍ଲୀ ଦ୍ୱାରା ସମ୍ମାନିତ । ସେହିପରି ୧୩ତମ ଅନ୍ତର୍ଜାତୀୟ ରେଡିଓ କର୍ମଶାଳା, ଇରାନଠାରେ ତାଙ୍କ ରଚିତ ସଂଗୀତରୂପକ 'ସାଇତି ରଖିବା ଆମେ ମେଘର ମୂର୍ଚ୍ଛନା' ପ୍ରଥମ ସ୍ଥାନ ଅଧିକାର କରିଛି । ସେ ୨୦୧୩ ମସିହାରୁ ରେଭେନ୍ସା ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗରେ ଅଧ୍ୟାପକ ଭାବେ କାର୍ଯ୍ୟରତ । ସମ୍ପର୍କ : ୯୭୭୮୩୩୦୭୫୭ ।**

# ନିରବତାର ଦୁଃଖ

**ଚନ୍ଦ୍ର ଶେଖର ହୋତା**



ବ୍ୟକ୍ତି ଓ ସମାଜ ଜୀବନରେ ନିରବତାକୁ ଶ୍ରଦ୍ଧାର ସହ ଗ୍ରହଣ କରାଯାଇଛି । ନିରବତାର ସଂଜ୍ଞା ବି ଭିନ୍ନ ଓ ବହୁମୁଖୀ ଦିଗକୁ ଉନ୍ମୋଚନ କରିବାର ଦୃଷ୍ଟିଗୋଚର ହୋଇଛି । ସାଧାରଣତଃ ଧ୍ୱନି/ଶବ୍ଦ, ଭାଷାର ଅନୁପସ୍ଥିତିକୁ ଆମେ ନିରବତା ଆଖ୍ୟା ଦେଉଛୁ । ମନୀଷୀ, ମହର୍ଷିମାନେ ଅନ୍ତରୀଣ ଧ୍ୱନିର ନିଃଶବ୍ଦ ଗୁଂଜନକୁ ନିସ୍ତବ୍ଧ ନିରବତା ବୋଲି ଅଭିହିତ କରିଛନ୍ତି । କିଛି ନ କହିବା, ପାଟି ଚୁପ୍ କରି ବସିବା ଆଦିକୁ ମଧ୍ୟ ଅତି ହାଲୁକାରେ ଆମେ ନିରବତାର ପର୍ଯ୍ୟାୟବାଚୀ କହିଥାଉ । ବାକ୍ ଶକ୍ତି ଓ ଯୋଗାଯୋଗର ପ୍ରମୁଖ ମାଧ୍ୟମ ଭାଷା; ଯେଉଁଠି ନିଶ୍ଚଳ, ନିସ୍ତବ୍ଧ, ଶାନ୍ତ; ସେଠି ନିରବତାର ଅବସ୍ଥାନ । ବହୁ ଦୃଷ୍ଟିକୋଣ ଏହି ନିରବତାର ସଂଜ୍ଞାକୁ ପ୍ରସାରିତ କରିଛି । ସାହିତ୍ୟ, ସଂସ୍କୃତି, ଧର୍ମ, ଅଧ୍ୟାତ୍ମ ଓ ବ୍ୟକ୍ତିଗତ ଜୀବନରେ ନିରବତାର ସ୍ଥାନ ଖୁବ୍ ଉଚ୍ଚରେ । ନିରବତାକୁ ଆମେ ପ୍ରକୃତିର ଅନନ୍ୟ ପ୍ରତିଛବି ବୋଲି ବିଚାର କରିଥାଉ । ଶ୍ମଶାନର ନିରବତା, ଅତଳ ସମୁଦ୍ର ଗର୍ଭର ନିରବତା, ମରୁଭୂମିର ନିରବତା, ଆକାଶର ଅନନ୍ତ ନିରବତା, ରାତ୍ରିର ନିଃସଙ୍ଗ ନିରବତା- ଆଦି ନିରବତାର ନିଚ୍ଛକ ଚିତ୍ରଶିଳ୍ପ କହିଲେ ଅତ୍ୟୁକ୍ତି ହେବନାହିଁ । ନିରବତା ଭାଷାବିହୀନ, ଭାଷାତୀତ ଓ ଭାଷାରହିତ ବି ହୋଇପାରେ । ସଙ୍କେତ, ଚିହ୍ନ, ଅଭିପ୍ରାୟ ଆଦି ସାମାଜିକୀକରଣ ପ୍ରକ୍ରିୟା ଆପେ ଆପେ ଆମ ଜୀବନଶୈଳୀରେ ପ୍ରତିଫଳିତ ହୁଏ ଏବଂ ଆମେ ତାକୁ ନିରବତା ବୋଲି ନାଁ ଦେଉ । ଗୀର୍ଜା ଗୃହରେ, ମନ୍ଦିରରେ, ପ୍ରାର୍ଥନାରେ, ଯୋଗ, ଅଧ୍ୟୟନ, କୋର୍ଟ ଏବଂ ଶୋକସଭାରେ ଆମେ ନିରବ ରହୁ; ଯାହା ଆମ ଚଳଣିର ଏକ ପ୍ରମୁଖ ଅଂଶ । ଗୁରୁଜନ ଓ ପିତାମାତାଙ୍କ ସାମ୍ନାରେ ଆମେ ନିରବ ରହୁ ଓ ସଂସ୍କାରବାନ ଦୃଷ୍ଟାନ୍ତ ଦେଉ ।

ଆଧ୍ୟାତ୍ମିକତାର ପୁରୋଧାମାନଙ୍କ ମତରେ ନିରବତା ଏକ ଉତ୍ସବ, ଆନନ୍ଦ ବିଭୋର ହେବାର ତନ୍ମୟ ଲଗ୍ନ । ଯିଶୁଙ୍କ ନିରବତା, ବୁଦ୍ଧଙ୍କ ନିରବତା କିମ୍ବା ରମଣ ମହର୍ଷିଙ୍କ ନିରବତା- ସବୁଠି ପ୍ରେମ ଓ ଉତ୍ତରଣର ପ୍ରଶସ୍ତ ମାର୍ଗ ଉନ୍ମୋଚିତ । ବୌଦ୍ଧ ସନ୍ନ୍ୟାସୀମାନେ ନିରବତାର ଦୀକ୍ଷା ନିଅନ୍ତି । ମୁନିମାନେ ମୁହଁରେ କନା ବାନ୍ଧି ନିରବତା ଓ ବାକ୍ ସଂଯମ ଶିଖାନ୍ତି । ସନାତନ ହିନ୍ଦୁ ପରମ୍ପରାରେ ସାଧକମାନଙ୍କୁ ମୁନିର ଆଖ୍ୟା ଦିଆଯାଏ । ଶୁକ, ସୌନକ, ଭରତ, ବାତ୍ସାୟନ, ବଶିଷ୍ଠ, ବିଶ୍ୱାମିତ୍ର ପ୍ରମୁଖ ମୁନି ପଦବାଚ୍ୟ । ମୌନ ଶବ୍ଦରୁ ମୁନିର ସୃଷ୍ଟି ବୋଲି ଆମେ ବିଚାର କରିପାରିବା । ମୁନିମାନଙ୍କ ନିରବତା ହେଉଛି ପବିତ୍ରତା-ମନ, ବୁଦ୍ଧି ଓ ଚେତନାର ଊର୍ଦ୍ଧ୍ୱଗମନ- ନକାରାତ୍ମକ ଚିନ୍ତା, ଭାବନା

ଓ ଭାଷାରୁ ନିବୃତ୍ତ ହେବାର ସଂକଳ୍ପ । ଏହି ନିରବତାର କ୍ଷେତ୍ର ଏତେ ପାବନ ଯେ ଏହା କାଳ୍ପନିକ ଜଗତରେ ମଧ୍ୟ ଅନୁଭବ୍ୟ । ଶବ୍ଦର ଅନୁପସ୍ଥିତିରେ ଜନ୍ମ ହୋଇ, ସର୍ବଦା ଶବ୍ଦାୟିତ କରି ପୁନଶ୍ଚ ଶବ୍ଦାତୀତ କରିବାର ମୋହିନୀ ମନ୍ତ୍ର ନିରବତା । ଭାଷାର ସୀମାକୁ ସୀମାତୀତ କରାଏ ନିରବତା । ରହସ୍ୟମୟ ସଘନ ଚେତନା ନିରବତାର ସ୍ପର୍ଶରେ ଆବୃତ, ରହସ୍ୟାବୃତ ହୁଏ । ନିରବତା ବି କେବେ ରହସ୍ୟରୁ ମୁକ୍ତି ଦିଏ । ଆତ୍ମୀୟତାର ଉଦ୍ରେକ କରାଏ । ନିରବତା କେବେ ଦୁଃଖୀ ଜନର ସକଳ ଅଶ୍ରୁଜଳ ଓ କେବେ ପୁଣି ବ୍ୟକ୍ତିର ଓଠରେ ଉତ୍‌ଫୁଲ୍ଲ ଆନନ୍ଦ । କେବେ କଦାପି କହି ହେଉ ନ ଥିବା ପ୍ରେମିକାର ସ୍ୱତଃସ୍ଫୂର୍ତ୍ତ ଆବେଗ ତ କେବେ ପୁଣି ପାଷାଣୀ ଅହଲ୍ୟାର ଉତ୍‌କଣ୍ଠିତ, ଅଶାନ୍ତ, ଉଦ୍‌ବେଳିତ ଭାବୋଚ୍ଛ୍ୱାସ । ନିରବତା ଏକ ପୁଲକ, ଏକ ଊର୍ଦ୍ଧ୍ୱାୟିତ ଚେତନା । ଯାହା ପ୍ରକାଶ କରିହୁଏ ନାହିଁ ତାହା ନିରବତା- ଯାହା ପ୍ରକାଶ ପରେ ବି ଅପ୍ରକାଶ୍ୟ ତାହା ନିରବତା । ଯାହା ନିରବ ତାହା ନିବିଡ଼, ଯାହା ନିବିଡ଼ ତାହା ନିରବ । ଭାବର ଭାଷା ନାହିଁ, ତେଣୁ ଭାବ ସାମ୍ରାଜ୍ୟ ନିରବତାର ସଂଗୋପିତ ସାମ୍ରାଜ୍ୟ । ପ୍ରେମ ଭାବରେ ଅନ୍ଧ, ତେଣୁ ନିରବ । ପ୍ରେମ ଗୋପନୀୟ, ତେଣୁ ନିରବ । ନିରବତା ଭାବସତ୍ତା, ପ୍ରେମସତ୍ତା- ଉଭୟ । ଏହି ସତ୍ତା ସର୍ବତ୍ର ବିଦ୍ୟମାନ- ଅନୁପସ୍ଥିତିରେ ବି ତା'ର ଉପସ୍ଥିତି, ଉପସ୍ଥିତିରେ ବି ନିରବ ଅନୁପସ୍ଥିତି । ସ୍ୱର ଓ ସଂଗୀତ ଏହି ନିରବତାରୁ ଜନ୍ମ ହୁଏ ଏବଂ ନିରବତାରେ ହିଁ ବିଲୀନ ହୋଇଯାଏ ।

ନିରବତାକୁ ଆମେ ଅନେକ ଦୃଷ୍ଟିକୋଣରୁ ଆଲୋଚନା କରିପାରିବା । ପ୍ରଥମଟି ହେଲା ନୃତାତ୍ତ୍ୱିକ ନିରବତା । ଏହାକୁ ଆମେ ପରମ୍ପରାଗତ ନିରବତା କହିପାରିବା । ଏହା ଆଧ୍ୟାତ୍ମିକ ଧାରଣାର ପକ୍ଷଧର । ଆମେ ଆତ୍ମାକୁ ଏକ ମହତ୍ତର ଆସନରେ ଅଭିଷିକ୍ତ କରାଉ । ଆତ୍ମା ସର୍ବଦା ନିରବ । ଆମ ଶରୀର କୋଳାହଳମୟ, କିନ୍ତୁ ଅନ୍ତଃସ୍ଥଳ ଶାନ୍ତ । ଠିକ୍ ସେହିପରି ଭାବରେ ସର୍ବୋଚ୍ଚ ସତ୍ତା ପରମାତ୍ମା/ବ୍ରହ୍ମ ମଧ୍ୟ ନିରବ । ଏହି ବ୍ରହ୍ମଙ୍କୁ ବା ପରମାତ୍ମାଙ୍କୁ ପାଇବା ପାଇଁ ସମାଧି, ଧ୍ୟାନ, ଯୋଗ, ତପ ଓ ନିର୍ବିକଳ୍ପ ସମାଧି ଆଦି ଅନେକ ପନ୍ଥା ଗ୍ରହଣ କରିଯିବାର ଉଦାହରଣ ମଧ୍ୟ ଅଛି । ଏ ସମସ୍ତ ପନ୍ଥା ସାଧକଙ୍କ ପାଇଁ ଏକ ସୋପାନ । ଆତ୍ମିକ ଆନନ୍ଦ ଓ ବ୍ରହ୍ମଜିଜ୍ଞାସା ପାଇଁ ବାହ୍ୟିକ ସୁଖ ନୁହେଁ ବରଂ ଅନ୍ତର୍ଭେଦୀ ନିରବତା ଆବଶ୍ୟକ । ଏହି ନିରବତାର ଗୁଣ ନାହିଁ, ରସ ନାହିଁ- ଏହା ସମ୍ପୂର୍ଣ୍ଣ ନିରାକାର । ନିରବତାର ସ୍ୱର ଅଶ୍ରୁତ ସ୍ୱର । କୁମାରିକ ଭଟ୍ଟ ଯେଉଁ ଶବ୍ଦର ବିଭାଗୀକରଣ କରିଛନ୍ତି, ତନ୍ମଧ୍ୟରୁ ଏହା ଅସତ୍‌ର ଅନ୍ତର୍ଭୁକ୍ତ । କେନୋପନିଷଦ୍‌ର ପ୍ରଥମ ଅଧ୍ୟାୟର ଚତୁର୍ଥ ଶ୍ଳୋକରେ ଏହି ପ୍ରକାଶ୍ୟ- ଅପ୍ରକାଶ୍ୟ ସମ୍ପର୍କୀୟ ଉଲ୍ଲେଖ ଅଛି । ଉପନିଷଦଙ୍କ ଭାଷାରେ-

ଯଦ ବାଚାନଭ୍ୟୁଦିତଂ ଯେନ ବାଗ୍‌ଭ୍ୟୁଦ୍ୟତେ
ତଦୈବ ବ୍ରହ୍ମ ତ୍ୱଂ ବିଦ୍ଧି ନେଦଂ ଯଦିଦମୁପାସତେ ।

ଅର୍ଥାତ୍ ବାକ୍ୟ ଯାହାକୁ ପ୍ରକାଶ କରିପାରେ ନାହିଁ ଓ ଯାହା ବାକ୍ୟକୁ ପ୍ରକାଶ କରେ ତାହାହିଁ ବ୍ରହ୍ମ । କେବଳ ବ୍ରହ୍ମତତ୍ତ୍ୱ ନୁହେଁ; ଯଦି ଆମେ ଜଣକୁ ମୃତ୍ୟୁର ଚିତ୍ର ଆଙ୍କିବା ପାଇଁ କହିବା, ତେବେ ତାହା ନିରବତାର ଆଲିଙ୍ଗନ ହିଁ ହେବ । ଯେଉଁଠି ଚିରଶାନ୍ତି, ଚିରନିଦ୍ରା- ସେଇଠି ସମ୍ପୂର୍ଣ୍ଣ ନିରବତାର ଜୟଗାନ ।

ଭାରତୀୟ ଦର୍ଶନରେ ଓ ଜୀବନରେ ନିରବତାର ରେଖାପାତ କେଉଁ ଆଦିମ କାଳରୁ । ମହାଭାରତର ସହଦେବ ଚରିତ୍ର ଏକ ଚିତ୍ତାକର୍ଷକ ଚରିତ୍ର । ସବୁ ଘଟଣା, ଘନଘଟା ବିନ୍ୟାସର ସେ ଦ୍ରଷ୍ଟା । ସବୁ ଜାଣି ବି ସେ ମୌନ । ଯେତେବେଳେ ମହର୍ଷି କୃଷ୍ଣ ଦ୍ୱୈପାୟନ ବ୍ୟାସ ମହାଭାରତ ଲେଖିସାରିଲେ ସେ ତାଙ୍କ କ୍ଷିପ୍ର ଲେଖକ ଶ୍ରୀ ଗଣେଶଙ୍କୁ ପ୍ରଶ୍ନ କଲେ ଯେ ଏତେ ବିଶାଳ ମହାଭାରତକୁ ସେ ଏତେଶୀଘ୍ର କେମିତି ଲେଖିଲେ । ଗଣେଶ ଉତ୍ତର ଦେଲେ ଯେ, ସେ ମନୋନିବେଶ ପୂର୍ବକ ନିରବରେ କେବଳ ବ୍ୟାସଙ୍କର ସଙ୍ଗୀତ ହିଁ ଶୁଣିଥିଲେ । ନୃତାତ୍ତ୍ୱିକ ନିରବତା ଆଧିଭୌତିକ, ରହସ୍ୟମୟ ଓ ବ୍ରହ୍ମ ଅନ୍ୱେଷଣର ଜ୍ଞାନ ପିପାସାରୁ ଜାତ । ଭଗବାନ୍ ଶ୍ରୀକୃଷ୍ଣ ଗୀତାର ସତର ଅଧ୍ୟାୟ ଏବଂ ଷୋହଳ ଶ୍ଳୋକରେ ଏହି ନିରବତା କଥା କହଛନ୍ତି ।

ମନଃ ପ୍ରସାଦଃ ସୈଭ୍ୟତ୍ୱଂ
ମୌନ ଆତ୍ମ ବିନିଗ୍ରହ
ଭାବ ସଂଶୁଦ୍ଧିରିତ୍ୟେତ
ତପୋ ମାନସ ଉଚ୍ୟତେ ।

ଅର୍ଥାତ୍ ଏକ ଶାନ୍ତ ଓ ତୃପ୍ତିପୂର୍ଣ୍ଣ ମାନସିକ ଅବସ୍ଥା, କରୁଣାଦି ଭାବ, ନିରବତା, ଆତ୍ମସଂଯମ ଏବଂ ଚାରିତ୍ରିକ ଶୁଦ୍ଧତା ମନର ପବିତ୍ରତାକୁ ସୃଷ୍ଟି କରିଥାଏ । ନିରବ ବା ମୌନବ୍ରତର ପରମ୍ପରା କେଉଁ ଦିନରୁ ଚଳିଆସୁଛି କହିହେବ ନାହିଁ । କିନ୍ତୁ ଏହାହିଁ ସବୁ ସମୟ ଯାଏଁ ଆମର ଦର୍ଶନ ଆଧାର ଓ ମୂଳପିଣ୍ଡ । ଏହି ମୌନକୁ ବ୍ୟବହାର ଦୃଷ୍ଟିରୁ ଚାରିଭାଗରେ ବିଭକ୍ତ କରାଯାଇଛି ।

୧. ବାକ୍ ମୌନ (ଯେଉଁଠି ଶବ୍ଦ ଭାଷା ଅନୁପସ୍ଥିତ/ନିରବ)

୨. ମନୋ ମୌନ (ଯେଉଁଠି ମନ ଅନୁପସ୍ଥିତ/ନିରବ)

୩. କାରଣ ମୌନ (ବାହ୍ୟ ଇନ୍ଦ୍ରିୟ ଯେଉଁଠି ନିରବ)

୪. କଷ୍ଟ ମୌନ (ଯେଉଁଠି ସମସ୍ତ ଇନ୍ଦ୍ରିୟ ନିରବ)

ଅର୍ଥାତ୍ ନୃତାତ୍ତ୍ୱିକ ବା ପୁରାତାତ୍ତ୍ୱିକ ନିରବତା ସେହି ଶୂନ୍ୟବାଦ; ଯେଉଁଠୁ ଓମ୍‌ର ସୃଷ୍ଟି, ଯେଉଁଠୁ ପ୍ରଣବର ଝଙ୍କାର, ଯେଉଁଠୁ ବେଦର ନିରବ ପ୍ରଘଟନ ଏବଂ ଯେଉଁଠୁ ଅନହତ ନାଦ (ଗୋଟିଏ ହାତର ତାଳି)ର ସୃଷ୍ଟି ।

ଅନ୍ୟ ପ୍ରକାର ନିରବତା ହେଲା ବ୍ୟାବହାରିକ ବା ଯୋଗାଯୋଗକ୍ଷମ ନିରବତା । ଏହାକୁ ଆମେ ଚୁପ୍ ରହିବା ଅର୍ଥରେ ସ୍ୱୀକାର କରିପାରିବା । କିଛି ନ କହିବା, ନ କହିପାରିବା କିମ୍ବା ଜାଣିକି ଚୁପ୍ ରହିବା ଏହାର ଅନ୍ତର୍ଭୁକ୍ତ ହୋଇପାରିବ । ସମାଜରେ ବ୍ୟକ୍ତି ଓ ବ୍ୟକ୍ତି ମଧ୍ୟରେ ଯେଉଁ ଭାବବିନିମୟ ହେଉଛି, ଏହି ନିରବତା ତା'ର ଅଂଶବିଶେଷ । ବ୍ୟାବହାରିକ ନିରବତା କଥା କହିଲା ମାତ୍ରେ ମନକୁ ଆସେ ବିଖ୍ୟାତ ବୈଜ୍ଞାନିକ ନିଓମେନ୍‌ଙ୍କର ବାଣୀ । ସେ ନିରବତାକୁ Spiral Theory (ବା ନିରବତାର ବକ୍ରତା) ଭାବେ ବର୍ଣ୍ଣନା କରିଛନ୍ତି । ତାଙ୍କ ମତରେ ମଣିଷ ସର୍ବଦା ସମାଜମନସ୍କ, କିନ୍ତୁ ସେ ସମାଜରୁ ଛିନ୍ନ କିମ୍ବା ଏକଘରକିଆ ହେବା ପାଇଁ ଚାହେଁ ନାହିଁ । କାଳେ ତା'ର ମନ ତାକୁ ସମାଜଠାରୁ ଅଲଗା କରିଦେବ କିମ୍ବା ତା'ର ମତ ସମାଜ ସହ ମିଶିବ ନାହିଁ ଭାବି ସେ ନିରବ ରହେ । ଅନେକ ପରିସ୍ଥିତି ଆମେ ମଧ୍ୟ ଲକ୍ଷ୍ୟକରୁ ଯେ ସଂଗୋଷ୍ଠୀରେ ଯାହା ପ୍ରିୟବନ୍ଧୁଙ୍କୁ କହିହୁଏ ନାହିଁ, ଏକୁଟିଆରେ କହିହୁଏ । ଏମିତି ବି ଅନେକ ବ୍ୟକ୍ତି ସ୍ୱଭାବତଃ ଚୁପ୍‌ଚାପ୍ । ସେମାନଙ୍କ ନିରବତା ସମାଜସିଦ୍ଧ ।

ଅନ୍ୟ ପ୍ରକାରର ନିରବତା ହେଲା ମୂଲ୍ୟବୋଧ ଭିତ୍ତିକ, ସୃଜନଶୀଳ ନିରବତା । ଏହାକୁ ଆମେ ସୌନ୍ଦର୍ଯ୍ୟଦଗ୍ଧ ବାଙ୍ମୟ ନିରବତା କହିପାରିବା । ଆମେ ସୁନ୍ଦର ଫୁଲଟିଏ ଦେଖୁଛେ- ଏହା କେତେ ନିରବ, ଅଥଚ କେତେ ଆକର୍ଷଣୀୟ । ତା'ହେଲେ ଫୁଲଟିର ନିରବତା କେମିତି ବର୍ଣ୍ଣନା କରିବେ ? ଫୁଲକୁ ଦେଖି ନିରବ ହୋଇଥିବା ସେ ସୌନ୍ଦର୍ଯ୍ୟ ପିପାସୁର କଥା କେମିତି ଭାଷାରେ ବର୍ଣ୍ଣନା କରିହେବ ? ପ୍ରେମ, ଆକର୍ଷଣ, ଯାହା ଅବର୍ଣ୍ଣନୀୟ- ତାହା ନିରବ । ଆଖିର ନିରବତା ହେଉ ଅଥବା ପ୍ରକୃତିର ନିଃଶବ୍ଦ ନିରବତା- ଭାବରେ ବିମୁଗ୍ଧ କରେ, ତନ୍ମୟ କରାଏ, ନିରବତା ରସ ସୃଜନ ଓ ନନ୍ଦନତତ୍ତ୍ୱର ଗୁଣାତ୍ମକ ଭାବାତ୍ମକ ପ୍ରକାଶ । ଭାରତୀୟ କାବ୍ୟତତ୍ତ୍ୱରେ ରସ ଭିତରେ ଶାନ୍ତ ରସକୁ ମଧ୍ୟ ଗଣନା କରାଯାଏ । ଅନ୍ୟ ବିଦ୍ୱାନ୍‌ଙ୍କ ବ୍ୟତୀତ ଅଭିନବ ଗୁପ୍ତ ଏହି ଶାନ୍ତ ରସକୁ ଅନ୍ୟ ନବରସଙ୍କ ସମ୍ମିଶ୍ରଣ ଓ ସର୍ବୋତ୍ତମ ବୋଲି ଅଭିହିତ କରନ୍ତି । ତାଙ୍କ ମତରେ-

ରସଃ ଶାନ୍ତ କଥିତୋ ମୁନୀନ୍ଦ୍ରେ
ସର୍ବେଷୁ ଭାବେଷୁ ସମପ୍ରମାଣଃ ॥

ସୃଜନଶୀଳ ନିରବତା କହିଲେ ପ୍ରଥମେ ମନକୁ ଆସନ୍ତି ସାହିତ୍ୟିକଗଣ । ସାହିତ୍ୟିକମାନେ ଚେତନା ଇଲାକାର ଅଧୀଶ୍ୱର । ଅନ୍ତଃସ୍ୱରର ମନରୁ ସେମାନେ ପାଆନ୍ତି ସମାଜକୁ ବୁଝିବାର ଓ ଦିଶାନିର୍ଦ୍ଦେଶ ଦେବାର ପ୍ରବୃଦ୍ଧ ପ୍ରେରଣା । ସମସ୍ତ ଲେଖକ ବୋଧିସତ୍ତ୍ୱର ଅଧିକାରୀ । ବୋଧିସତ୍ତ୍ୱର ଅନ୍ୟ ନାମ ହେଲା ଅବଲୋକିତେଶ୍ୱର, ଅର୍ଥାତ୍ ଯିଏ ସମସ୍ତ ସ୍ୱର ବିଶେଷତଃ ପାଞ୍ଚ ପ୍ରକାର ସ୍ୱର (୧) ଉତ୍କୃଷ୍ଟ ସ୍ୱର, ଯଥା ପକ୍ଷୀର କାକଳି, ବର୍ଷାର ଶବ୍ଦ ଓ ପ୍ରକୃତିର ସ୍ୱର (୨) ସେହି ଶବ୍ଦ ନିୟନ୍ତକ ସ୍ରଷ୍ଟାଙ୍କ ସ୍ୱର, ଯିଏ ଶବ୍ଦକୁ ସୃଷ୍ଟି କରିଛନ୍ତି, (୩) ବ୍ରହ୍ମନାଦ, (୪) ଉତ୍‌ଥିତ ତରଙ୍ଗ, (୫) ସ୍ୱର ଯାହା ସମସ୍ତ ସ୍ୱରକୁ ଅତିକ୍ରମ କରେ, ଅନାୟାସରେ ଶୁଣାଯାଏ ।

ଲେଖକର ସର୍ଜନା ଏହି ଅଶ୍ରୁତ ସ୍ୱର ଓ ଶ୍ରୁତ ସ୍ୱରରୁ ସୃଷ୍ଟି । ନିରବତା ଅର୍ଥ ସର୍ଜନାରେ ବିଭୋର ହେବା । ସର୍ଜନା କୋଳାହଳକୁ ପସନ୍ଦ କରେ ନାହିଁ କି କୋଳାହଳରେ ସର୍ଜନ ସମ୍ଭବପର ହୁଏନାହିଁ । ତେଣୁ ସମସ୍ତ ସାଧୁକର୍ମ ଭିତରେ ନିରବତାର ସ୍ରୋତ ଅନ୍ତରୀଣ ଭାବରେ ପ୍ରବାହିତ ହେଉଛି ଏବଂ ବାରମ୍ବାର ଉଚ୍ଚାରଣ କରୁଛି-

ପ୍ରାର୍ଥନା ଭିତରର ଉଚ୍ଛ୍ୱାସ ନିରବ
ପ୍ରେମ ଚିରନ୍ତନ ନିରବ
ଭାବସିକ୍ତ ହୃଦୟ ନିରବ
ବିଦ୍ୱେଷହୀନ ମନ ନିରବ
ଭାଷାବିହୀନ ପ୍ରଜ୍ଞା ନିରବ
ଲକ୍ଷ୍ୟ ବିହୀନ କରୁଣା ନିରବ ।

ନିରବତାର ଅନେକ ଦୃଷ୍ଟିକୋଣ ଅଛି । ଏହା ବ୍ୟକ୍ତି ଓ ସମାଜ ଜୀବନର ଧମନୀରେ ପ୍ରବାହିତ ହେଉଛି । ନିରବତାକୁ ନେଇ ମଣିଷ ଯେତେ ଉତ୍ସବ ମୁଖର ହେଲେ ମଧ ତା'ର ଦୁଃଖ ଅପ୍ରତିମ । ଜୀବନ, ଜୀବିକା ଓ ଜଞ୍ଜାଳର ତାଡ଼ନାରେ ଆମେ ବହୁ କିଛି ଅନାୟାସରେ ନିରବରେ ସହିଯାଉ । ଦୁଃଖକୁ ବି ସହିଯାଉ । ଯନ୍ତ୍ରଣାର ହଳାହଳ ପାନକରୁ, କେଉଁ ଐଶୀଦତ୍ତ ଅଭିଶାପ ପରି । କିନ୍ତୁ ଆମେ ଭୁଲିଯାଉ ନିରବତା ଦୁଃଖ ଓ ଯାତନାକୁ ଆହୁରି ଗଭୀର କରେ । ଦୁଃଖକୁ ଯେତେ ଅବଦମିତ କରିବ ସେ ସେତେ ଗଭୀର ହେବ- ଜୀବନ ସେତେ ଦୁର୍ବିଷହ ହେବ । ସ୍ତରୀଭୂତ ଦୁଃଖ ମଣିଷକୁ ବଞ୍ଚିବାକୁ ଦିଏ ନାହିଁ । ଏବେ ଦୁଃଖକୁ ନିରବରେ ସହିବାରେ ନୁହେଁ ବରଂ ଯୁଝିବାର ଆବଶ୍ୟକତା ଅଛି । ଯଦି ଆମେ ଆମର ଦୁଃଖ ଅନ୍ୟ ସହ ବାଣ୍ଟିବା, ତେବେ ତାହା ଲାଘବ ହେବ । ନିରବତା ଦୁଃଖୀକୁ ଆହୁରି ଦୁଃଖାଭିଭୂତ କରିବ ଏବଂ ଦୁଃଖ ଯଦି ପୁଞ୍ଜିଭୂତ ଓ ଘନୀଭୂତ ହେବ ତେବେ ବ୍ୟକ୍ତି ଆତ୍ମହତ୍ୟା କରିବା ପାଇଁ ପଛେଇବ ନାହିଁ । ନିରବ ରହିବା ନୁହଁ ବରଂ ଭାବବିନିମୟ ହିଁ ଆମକୁ ଖୁସି ଦେଇପାରିବ । ସାପକୁ କଷ୍ଟ ହେଲେ ସେ ଫଣା ଟେକୁଛି, ଅନ୍ୟ ଜୀବମାନେ ମଧ ନିଜର ଆତ୍ମରକ୍ଷା ପାଇଁ ସଜାଗ ହେଉଛନ୍ତି । ତେବେ ମଣିଷ କାହିଁକି ଦୁଃଖ ଓ କଷ୍ଟକୁ ନିରବରେ ସହିଯାଉଛି ? "ସହନ୍ତି ଧାରାପାତ ଶିଖରୀଗଣ, ଗଳ ବଚନ ଯଥା ସହେ ସୁଜନ" କିମ୍ବା "ଦର୍ଦ୍ଦୁର ରାବ ଶୁଣି ନିରବ ପିକ", ନ୍ୟାୟରେ ଆମେ ସବୁ ସହିଯାଉଛୁ । ନିରବିଯିବା ନୁହେଁ ଡାକ ପକାଇବା ହିଁ ଆମର କାମ୍ୟ- ଆମେ ଏହା ଭୁଲିଯାଉଛୁ ।

ଯେ ସବୁକିଛି ନିରବରେ ମାନିନେଇଛି ସେ ନୂଆ କିଛି ଗଢ଼ିପାରି ନାହିଁ, ଯେ ନିରବ ରହିନାହିଁ ଓ ଯୁଦ୍ଧଂ ଦେହି ଡାକରା ଦେଇ ସ୍ୱର ଉତ୍ତୋଳନ କରିଛି ସେ ହିଁ ସୃଷ୍ଟି କରିଛି- ପ୍ରଶ୍ନ ପଚାରିବ କି ଯଦି ନିଉଟନ, ଗାଲିଲିଓ, ଗାନ୍ଧି, ମାର୍କ୍ସ ଓ ଆମ୍ବେଦକର ନିରବ ରହିଥାନ୍ତେ, ତେବେ ଆମେ କ'ଣ ବୈଜ୍ଞାନିକ ଓ ସାମାଜିକ ବିମୁକ୍ତି ପାଇଥାନ୍ତେ ? ଗାଲିଲିଓ ତଥାକଥିତ ପ୍ରଥାକୁ ମାନିଲେ ନାହିଁ, ଆମ୍ବେଦକର ହିନ୍ଦୁ ଧର୍ମର ବିଘଟନର କାରଣ ଜାଣିବାକୁ ନେଇ ଖାଲି ମତଦେଲେ । ସକ୍ରେଟିସ୍ ନିରବ ନ ରହି ସତ୍ୟ ପାଇଁ ବିଷପାନ କଲେ । ଦୁନିଆରେ ଯେତେ ବି ନୂତନତ୍ୱ ଆସିଛି କେବଳ ଏଇମାନଙ୍କ ପାଇଁ ଆସିଛି, ଯେଉଁମାନେ ପ୍ରଚଳିତ ସାମାଜିକ କୁବ୍ୟବସ୍ଥାକୁ ଧ୍ୱଂସ କରିଛନ୍ତି । ତା' ବିରୋଧରେ ସ୍ୱର ଉତ୍ତୋଳନ କରିଛନ୍ତି ।

ଆମ ଚାରିପଟେ କେତେ ଘଟଣା ପ୍ରବାହ । କେତେ ଦୁଃଖ, କେତେ ଅନ୍ୟାୟ । ତଥାପି ଆମେ ଚୁପ୍ । ଆମେ ଜାତିପ୍ରଥା ଦେଖୁଛୁ, ଭ୍ରୂଣହତ୍ୟା ଦେଖୁଛୁ, କ୍ରୀତଦାସ ପ୍ରଥା ଦେଖୁଛୁ । ଏସବୁ ଘଟିଛି ଓ ଘଟୁଛି କେବଳ ନିରବିତ ସ୍ୱର ଯୋଗୁଁ । ଯେଉଁଠି Structure of domination କାମ କରୁଛି, ସେଇଠି ପ୍ରଥମେ କହିବାର ଅଧିକାର ଛଡ଼ାଇ ନିଆଯାଇଛି । ତଳିଆ ଜାତିର ବ୍ୟକ୍ତି ହେଉ, ଦାସ ହେଉ କି ନାରୀ, ସମସ୍ତେ ନିଜର ସ୍ୱର ହରାଇଛନ୍ତି । ପ୍ରକାରାନ୍ତରେ ତାକୁ ସ୍ୱର ଉତ୍ତୋଳନର ସୁଯୋଗ ଦିଆଯାଇନାହିଁ । ଏକଲବ୍ୟର ବୃଦ୍ଧାଙ୍ଗୁଳି ପରି ସମସ୍ତ ନିର୍ଯାତିତମାନଙ୍କ କଣ୍ଠ ଯେମିତି କାଟି ଦିଆଯାଇଛି । ଆମେ ସମସ୍ତେ 12 years a slave ପୁସ୍ତକ ପଢ଼ିଛେ । ପୁସ୍ତକର ଲେଖକ ଦାସ ସୋଲେମନ୍ ନର୍ଥୁପ୍ ତାଙ୍କର ଦୁଃଖ ବଖାଣୁଛନ୍ତି ଓ କହୁଛନ୍ତି-

I ask no paradise on high, with caves on earth oppressed,The only heaven for which I sigh, is rest, eternal rest. (Twelve years a slave, Solomon Northup, Sampson Cow & Sons, 1853

P-109) ଏହାର ମର୍ମାନୁବାଦ ହେବ- 'ମୁଁ କୌଣସି ମହାନ ସ୍ୱର୍ଗର ଭିକ୍ଷା କରୁନାହିଁ ଯାହାର ଗୁମ୍ଫାରେ ପୃଥିବୀର ନିର୍ଯାତିତ ବ୍ୟକ୍ତି ଥିବେ, ମୁଁ ସେଇ ସ୍ୱର୍ଗ କଥା ବାଞ୍ଛା କରୁଛି, ଯେଉଁଠି ମୁଁ ଚିରଶାନ୍ତିରେ ଶୋଇପାରିବି ।' ଠିକ୍ ସେହିପରି ଟମକକାଙ୍କ କୁଟୀରରେ ମଧ୍ୟ ଆମେ ଦାସତ୍ୱର ଦୁଃଖ କଥା ଅନୁଭବିଛୁ ।

ଏପରିକି ଭାରତରେ ମଧ୍ୟ ଏହି ଦାସ ଓ ଦାସୀ ପ୍ରଥା ବିଦ୍ୟମାନ ଥିଲା, ଯେଉଁଠି ତାଙ୍କର ବାକ୍ ସ୍ୱାଧୀନତା ଓ ବଞ୍ଚିବାର ଅଧିକାରକୁ ତିଳତିଳ କରି ହନନ କରାଯାଇଛି । କୌଟିଲ୍ୟଙ୍କ ଅର୍ଥଶାସ୍ତ୍ରରେ ଆମେ ଅନେକ ପ୍ରକାର ଦାସ ଉଦାହରଣ ଦେଖିପାରିବା, ଯଥା ଧ୍ୱଜ ଦାସ, ଉଦର ଦାସ, ଗୃହ ଦାସ, କ୍ରୀତ ଦାସ, ଲବ୍ଧ ଦାସ, ଦାୟ ଦାସ, ଦଣ୍ଡ ଦାସ, ପ୍ରଣିତ ଦାସ ଓ ଆଗତ ଦାସ ପ୍ରଭୃତି । ଠିକ୍ ସେପରି ଦାସୀମାନଙ୍କର ମଧ୍ୟ ବିଭାଗୀକରଣ ଥିଲା । ଉଦାହରଣ ସ୍ୱରୂପ କୁଳ ଦାସୀ, ନଟି ଦାସୀ, ଦେବ ଦାସୀ, ବର୍ଣ୍ଣ ଦାସୀ, କୁମ୍ଭ ଦାସୀ ଇତ୍ୟାଦି । ଏମାନେ ମଧ୍ୟ ବହୁବିଧ ନିର୍ଯାତନାର ଶିକାର ହେଉଥିଲେ । ସେମାନଙ୍କୁ ସେବା ଓ ସମର୍ପଣର ଫୁଲ ବୋଲି ବିଚାର କରାଯାଉଥିଲା । ଏମାନଙ୍କର ଶରୀର, ମନ ଓ ହୃଦୟ ନିଜ ଆୟତ୍ତରେ ନ ଥିଲା । ଜୀବନକୁ ସ୍ୱଚ୍ଛ ଓ ସୁନ୍ଦର ଭାବରେ ବଞ୍ଚିବାର ଅଭୀପ୍ସା ଏମାନଙ୍କ ଭାଗ୍ୟରେ ନ ଥିଲା । ନିରବତା ଧ୍ୱନିରେ ନିଃଶବ୍ଦ ହେଉଥିଲା ନାରୀର ଅନ୍ତଃସ୍ଥଳ । ଦାସୀଙ୍କ କୋହ ଓ ସ୍ୱର ଅନ୍ତଃପୁରରେ ବାରମ୍ବାର ବିସର୍ଜିତ ହେଉଥିଲା । ପୁରୁଷକୈନ୍ଦ୍ରିକ ସମାଜରେ ନାରୀଟିଏ କିଛି କହିପାରୁନି । କ୍ଷମତାର ଅଳିନ୍ଦ ସାମ୍ନାରେ ସେ ତ ଛାର ଜୀବ । ଏବେ ବି ଅନେକ ନାରୀ ଯୌତୁକ ନିର୍ଯାତନା ସହନ୍ତି, ହିଂସାର ଶିକାର ହୁଅନ୍ତି । ହେଲେ ତାଙ୍କ ସ୍ୱର ଘରର ଚାରି କାନ୍ଥ ଛଡ଼ା କେହି ଶୁଣିପାରନ୍ତି ନାହିଁ । କେବେ ଏ ନାରୀକୁ ଗର୍ଭ ଭିତରେ ଚିର ନିରବ କରିବାର ପ୍ରଚେଷ୍ଟା କରାଯାଏ ତ ପୁଣି ଛୋଟ ଝିଅକୁ ଶାରୀରିକ ନିର୍ଯାତନା ପାଇଁ ବାଧ୍ୟ କରାଯାଏ ।

ବାମାବାଦୀ ବିଚାର ବା Feministic Theory ର ଅୟମାରମ୍ଭ ଏହି ସ୍ୱର ଦେବାର ଅଭିଯାନରୁ । ଇରମ୍ ଶର୍ମିଳା ହୁଅନ୍ତୁ କିମ୍ବା ଅନ୍ ସାନ୍ ସୁ'କି ସମସ୍ତେ ନାରୀର ସ୍ୱରକୁ ନେଇ ଚିନ୍ତିତ । ନାରୀ ସ୍ୱର ଉତ୍ତୋଳନ କରୁ, ମୁହଁ ଖୋଲୁ, ଏହା ସମସ୍ତ ସଭ୍ୟ ସମାଜର କର୍ତ୍ତବ୍ୟ । ନାରୀମାନଙ୍କ ବ୍ୟତିରେକ ଆମେ ଯଦି ଦଳିତ ଆତ୍ମକଥାକୁ ବିଚାରକୁ ନେବା, ତେବେ ନିରବିତ ସ୍ୱରର ଦୁଃଖ, ଯନ୍ତ୍ରଣା ଓ କୋହକୁ ଆହୁରି ବୁଝିପାରିବା । ଜାତିପ୍ରଥାର ବିଭେଦ ତାଙ୍କୁ କେମିତି ମଣିଷ ପରି ବଞ୍ଚିବା ପାଇଁ ଦେଇନାହିଁ, ତା'ର ଉଦାହରଣ ହେଲା ଦଳିତ ଆତ୍ମଚରିତ । ଯାତନା ଓ ଦାରିଦ୍ର୍ୟକୁ ସହଚର ଭାବି ଦୁଃଖରେ ରହିଥିବା ଏ ଗୋଷ୍ଠୀକୁ ନିରବ କଲା କିଏ ? ଓମ୍‌ପ୍ରକାଶ ବାଲ୍ମୀକିଙ୍କ 'ଝୁଟନ' ହେଉ, ବାମାଙ୍କ 'କୁରୁକ୍କୁ' ହେଉ କିମ୍ବା ଲିମ୍ବାଲେଙ୍କ 'ଦ ଆଉଟକାଷ୍ଟ' ହେଉ । ନରେନ୍ଦ୍ର ଯାଦବଙ୍କ 'ଆଉଟକାଷ୍ଟ ଏ ମେମୋଏର', ଅରବିନ୍ଦ ମାଲାଗାଟିଙ୍କ 'ଗଭର୍ଣ୍ଣମେଣ୍ଟାଲ ବ୍ରାହ୍ମଣ', ଦୟା ପାଓ୍ୱାରଙ୍କ 'ବାଲୁତ' କିମ୍ବା ଲକ୍ଷ୍ମଣ ରାଓ ଗାଏକ୍ୱାର୍ଡଙ୍କ 'ଦ ବ୍ରାଣ୍ଡେଡ', ଜି କଲ୍ୟାଣ ରାଓଙ୍କ 'ଅନ୍‌ଟଚେବେଲ ସ୍ପ୍ରିଙ୍ଗ୍' ପ୍ରଭୃତି ସମସ୍ତ ପୁସ୍ତକ ବହୁଗୁଣାତ୍ମକ ଦୁଃଖ, ଦୁର୍ଦ୍ଦଶା, ଦୁର୍ଦ୍ଦିନର ମାର୍ମିକ ମୁଖପତ୍ର । କଣ୍ଠରୋଧ, ବାଷ୍ପରୁଦ୍ଧ କରାଯାଇଥିବା ଦଳେ ମଣିଷଙ୍କ ଅଶ୍ଳୀଳ ଦସ୍ତାବିଜ୍ ହେଲା ଦଳିତ ଆତ୍ମକଥା ।

ଭାରତୀୟ ବୌଦ୍ଧିକ ଅବବୋଧରେ ସତ୍ୟର ସ୍ଥାନ ଖୁବ୍ ଉଚ୍ଚକିତ । ବେଦ, ଉପନିଷଦ ଓ ବେଦାନ୍ତ ଆଦିରେ ସତ୍ୟର ସଂଜ୍ଞା, ସନ୍ଧାନ ଓ ପ୍ରାପ୍ତିର ମାର୍ଗ ଦର୍ଶାଯାଇଛି । ସତ୍ୟଂ ପରଂ ଧୀମହୀ ଅଥବା ସତ୍ୟେନ ପନ୍ଥା ହେଉ, ସତ୍ୟକୁ ଆମେ ଏକ ମୂଲ୍ୟବୋଧଭିତ୍ତିକ ପରମ, ଚରମ ଉପାସନା ବୋଲି ଧରି ନେଇଛୁ । ଉତ୍ତର ଆଧୁନିକତାର ପୁରୋଧାମାନେ ଯଦିଓ ସତ୍ୟକୁ ଏକ ବୋଲି ବିଚାର କରନ୍ତି ନାହିଁ ଓ ଏହା Multiple ଓ Atrivial (ବହୁବିଧ ଓ କମ୍ ଗୁରୁତ୍ୱ) ସତ୍ୟ, କିନ୍ତୁ ନିରବତା ଦ୍ୱାରା ଢାଙ୍କି ହୋଇଯାଏ । ଆଜିକାଲି ସାମାଜିକ ଗଣମାଧ୍ୟମରେ ମୃତ ଲୋକଙ୍କୁ ବଞ୍ଚାଇ ଦିଆଯାଉଛି, ବଞ୍ଚିଥିବା ଲୋକଙ୍କୁ ମାରି ଦିଆଯାଉଛି । ଈର୍ଷା, ଅସୂୟା ଓ ପରଶ୍ରୀକାତରତାର ବଶବର୍ତ୍ତୀ ହୋଇ ଅନେକ ବ୍ୟକ୍ତି ଚରିତ୍ର ସଂହାରର ଏକ ମାଧ୍ୟମ ବୋଲି ଭାବି ନେଇଛନ୍ତି ସାମାଜିକ ଗଣମାଧ୍ୟମକୁ । ବ୍ୟକ୍ତି ବାଧ୍ୟ ହୋଇ ଚୁପ୍ ରହୁଛି- ସତ୍ୟ ନିରବତାରେ ନିରବି ଯାଉଛି । ସତ୍ୟତାର ମସ୍ତକରେ ଏକ ବଡ଼ ଓଢ଼ଣି ଶୋଭା ପାଉଛି ।

ବ୍ୟବସ୍ଥାକୁ ବିରୋଧ କରି ସାଧୁ ସମାଲୋଚନା ମାଧ୍ୟମରେ ସମାଜକୁ ଦିଗ୍‌ଦର୍ଶନ ଦେବା ସମସ୍ତଙ୍କ କର୍ତ୍ତବ୍ୟ । ଏହା ଗଣତନ୍ତ୍ରକୁ ସଶକ୍ତ କରିବା ସହ ଶାସକ ଓ କ୍ଷମତାସମ୍ପନ୍ନ ଗୋଷ୍ଠୀଙ୍କୁ ରାସ୍ତା ଦେଖାଇଥାଏ, ପ୍ରକାରାନ୍ତରେ ସ୍ୱେଚ୍ଛାଚାରୀ ହେବାରୁ ବଞ୍ଚାଇଥାଏ । ଏ ଦୃଷ୍ଟିରୁ ଗଣମାଧ୍ୟମ, ସାହିତ୍ୟ, ବେସରକାରୀ ଅନୁଷ୍ଠାନ, ଆଇନଜୀବୀ ଓ ନାଟକର ଭୂମିକା ସ୍ମରଣୀୟ । ଜରୁରିକାଳୀନ ପରିସ୍ଥିତିରେ ଇଣ୍ଡିଆନ୍ ଏକ୍ସପ୍ରେସ୍ ତା'ର ପ୍ରଥମ ଫର୍ଦ୍ଦ ବିଦ୍ରୋହର ପ୍ରତୀକ ରୂପେ ଖାଲିରେ ଛାପିଥିଲା । ଆଜି ବହୁ ଅବଦମିତ ସ୍ୱର ଗଣମାଧ୍ୟମ ନ ଥିଲେ ଆମେ ଶୁଣି ପାରନ୍ତୁ ନାହିଁ । ସ୍ୱରହୀନଙ୍କୁ ସ୍ୱର ଦେବା ଏହାର ପ୍ରଧାନ କର୍ତ୍ତବ୍ୟ । ବହୁଚର୍ଚ୍ଚିତ Can the Subaltern Speak ପୁସ୍ତକରେ ଗାୟତ୍ରୀ

ଚକ୍ରବର୍ତ୍ତୀ ସ୍ୱିଭାକ ଏକ ସ୍ୱରକୁ ଶାଣିତ କରିବାର କଥା କୁହନ୍ତି । ରଣଜିତ୍ ଗୁହାଙ୍କ ଦ୍ୱାରା ନିଆଯାଇଥିବା ସବ୍‌ଅଲ୍‌ଟର୍ନ (ଅବହେଳିତ) ଧାରାକୁ ସେ ଉତ୍ସାହିତ କରିବା ସହିତ ସମାଲୋଚନା କରିଛନ୍ତି । ତାଙ୍କ ମତରେ ସବ୍‌ଅଲ୍‌ଟ ଏକ ବିବିଧତାପୂର୍ଣ୍ଣ ଗୋଷ୍ଠୀ ଏବଂ ତାଙ୍କୁ ଅନ୍ୟ ବାବଦକୁ ଅନ୍ୟ କେହି ସ୍ୱର ଦେଇପାରିବେ ନାହିଁ । ବରଂ ସେମାନେ ନିଜ ସ୍ୱର ନିଜେ ତିଆରି କରିବେ ।

ସାହିତ୍ୟ କିନ୍ତୁ ସ୍ୱର ଦିଏ । ଗୋପୀନାଥ ଓ ମହାଶ୍ୱେତା ସୃଷ୍ଟି କରେ । ବିଳାସ ନୁହେଁ କି ବୈଜ୍ଞାନିକତାର ପ୍ରଦର୍ଶନ ନୁହେଁ, ବରଂ ଜୀବନର ଜୟଗାନ କରେ ସାହିତ୍ୟ । ଯାବତୀୟ ଦୁଃଖ, ସୁଖ, ଅନ୍ୟାୟକୁ ସ୍ୱରାୟିତ କରିବାର ଦାୟିତ୍ୱ ସାହିତ୍ୟର । ଏ କ୍ଷେତ୍ରରେ ପ୍ରଗତିଶୀଳ ସାହିତ୍ୟର ଭୂମିକା ସର୍ବାଗ୍ରେ ଅଧିଷ୍ଠିତ । କ୍ଷମତା ଓ ଶୋଷଣ ବିରୋଧି ପ୍ରତିବାଦରେ ଶାଣିତ ସ୍ୱର ପ୍ରଗତିଶୀଳ ସାହିତ୍ୟର ମୂଳମନ୍ତ୍ର । କବି ବ୍ରଜନାଥ ରଥଙ୍କ ଭାଷାରେ-

ପ୍ରତିବାଦ କର ପ୍ରତିବାଦ କର ବନ୍ଧୁ
ଶୟତାନ ପାଇଁ ସ୍ତୁତିଗାନ କର ବନ୍ଦ
ପ୍ରତିବାଦେ ଥରୁ ଉଚ୍ଛଳ ଜନସିନ୍ଧୁ
ପ୍ରତିବାଦ ସିନା ଜୀବନର ମଧୁଛନ୍ଦ ॥

ମାର୍କ୍ସୀୟ ଚେତନାର ପଦେପଦେ ପ୍ରଗତିଶୀଳ ସାହିତ୍ୟ ସାଧାରଣ ମଣିଷର ସ୍ୱର ସହ ସ୍ୱର ମିଳାଏ, ତାକୁ ଶବ୍ଦ ଦିଏ ଓ ସ୍ୱର ସଞ୍ଚାର କରେ । ଏ ସାହିତ୍ୟ Structure of dominationକୁ ପ୍ରତିହତ କରି ଏକ ସୁସ୍ଥ ସମାଜ ଗଢ଼ିବା ପାଇଁ ପ୍ରତିବଦ୍ଧ ହୁଏ । କାଶୀପୁର, ଇନ୍ଦ୍ରାବତୀ, ବାଲିଆପାଳ, ଗନ୍ଧମାର୍ଦ୍ଦନ, ନିୟମଗିରି ଓ ହୀରାକୁଦ ଏ ଆନ୍ଦୋଳନାତ୍ମକ ସାହିତ୍ୟର ପରିଧିଭୁକ୍ତ, ଯେଉଁଠି ସ୍ୱରହୀନର ସ୍ୱର ବନିବାର ପ୍ରଚେଷ୍ଟା କରାଯାଇଛି ବାରମ୍ବାର ।

ମୃତ୍ୟୁ କେତେ ନିରବ, ନିସ୍ତବ୍ଧ, ନିଥର ଉଚ୍ଚାରଣ ସତେ ! ନିରବତାର ସାମ୍ରାଜ୍ୟରେ ମିଶିଯିବା ହିଁ ତ ମୃତ୍ୟୁ । ଏହି ଅଶ୍ରୁତ ନିରବତା କ'ଣ ଆଲିଙ୍ଗନଯୋଗ୍ୟ ? ନା ନୁହେଁ, ଜମା ନୁହେଁ । ଏହି ଅନ୍ତିମ ନିରବଯାତ୍ରା ବରଂ ଆତ୍ମୀୟ ସ୍ୱଜନଙ୍କୁ ଶୋକ ସାଗରରେ ଭସାଇଦିଏ । ମୃତ୍ୟୁର ନିରବତା ଦୁଃଖ ହୋଇ ଘନେଇ ଆସେ । ଏକଲାପଣ, ବିଦାୟ ଓ ସ୍ମୃତିର ସ୍ୱର୍ଣ୍ଣିମ ଅଧ୍ୟାୟ ଅଥୟ କରେ । ଆମେ ନିରବରେ ଖୁବ୍ କାନ୍ଦୁ । ଏହା ଏକ ନିରବ, ନିଃଶବ୍ଦ ଅଫେରା ସାମ୍ରାଜ୍ୟ; ଯେଉଁଠି ସ୍ମୃତି ଛଡ଼ା କାହାରି ପ୍ରବେଶ ନାହିଁ । ଏହା ପୁଣି ଏମିତି ଏକ ନିରବ ଉପତ୍ୟକା ଯେଉଁଠି ରହିଲେ ତ ଦୁଃଖ, ବାହାରିବାର ଶକ୍ତି ସଞ୍ଚୟ କରିବା କଷ୍ଟ । ଆମେ ଏକ ଜଘନ୍ୟ ହତ୍ୟାକାଣ୍ଡକୁ ପ୍ରତ୍ୟକ୍ଷ କଲେ, କିନ୍ତୁ ସେ ହତ୍ୟାକାରୀକୁ ଡରି ଆମେ ତା' ବିଷୟରେ କିଛି କହିଲେ ନାହିଁ । ଏହାଦ୍ୱାରା ତଦନ୍ତ ତ ଦିଶାହୀନ ହେଲା, ଅନ୍ୟପକ୍ଷରେ ମୃତକର ପରିବାରକୁ ମଧ୍ୟ ଆମେ ନ୍ୟାୟ ଦେଇପାରିଲେ ନାହିଁ । ହତ୍ୟାକାରୀର ମନୋବଳ ଏହାଦ୍ୱାରା ବୃଦ୍ଧି ପାଇଲା ଓ ସମାଜ ମଧ୍ୟ ଅସୁରକ୍ଷିତ ମନେହେଲା । ଗୋଟେ ଛୋଟ ନିରବତା ସମସ୍ତଙ୍କ ପାଇଁ ଅଭିଶାପ ମନେହେଲା । ବରଂ ଏହା ଦ୍ୱାରା ଆମର ସୁବିଧାବାଦୀ ଓ ପଳାୟନପନ୍ଥୀ ଚରିତ୍ର ସାମ୍ନାକୁ ଆସିଲା ।

ବର୍ତ୍ତମାନ ଗ୍ରାମସଭା ମାଧ୍ୟମରେ ବହୁ ସମସ୍ୟାର ଓ ସରକାରୀ ପ୍ରକ୍ରିୟାର ପ୍ରଣୟନ ନୀତି କାର୍ଯ୍ୟକାରୀ ହେଉଛି । କିନ୍ତୁ ଦେଖାଯାଉଛି ଅନେକ ବ୍ୟକ୍ତି ଏଥିରେ ଭାଗ ନେଉନାହାନ୍ତି । ଜାଣିଶୁଣି ନିରବତା ଅବଲମ୍ବନ କରୁଛନ୍ତି । ସମ୍ବାଦ, ସଂଗୋଷ୍ଠୀ ଓ ଆଲୋଚନାରେ ନିଜର ମତ ନ ରଖିବା ଦ୍ୱାରା ସମାଜ ଭଲ ଭାବନାରୁ ବଂଚିତ ହେଉଛି । ଗଣତନ୍ତ୍ରରେ ଜନମତ ଖୁବ୍ ଗୁରୁତ୍ୱ ବହନ କରେ । ଯଦି ବ୍ୟକ୍ତି ନିଜର ମତ ବା ଖୋଲାମତ ସାବ୍ୟସ୍ତ ନ କରେ, ତା'ର ଯୋଗଦାନ ବା Participation ରହେ ନାହିଁ । ଓଡ଼ିଆରେ ଏକ ବାକ୍ୟ ଚୁପ୍ ରହି ଅନୀତି ଓ ଅନ୍ୟାୟ କରୁଥିବା ବ୍ୟକ୍ତିଙ୍କ ପାଇଁ ପ୍ରୟୋଗ କରାଯାଏ । ତାହା ହେଲା- ଚୁପ୍ ସଇତାନ । ଚୁପ୍ ସଇତାନ ନିରବରେ ନିଜର କଳା ସାମ୍ରାଜ୍ୟ ବଢ଼ାଉଥାଏ, କିନ୍ତୁ ଏହା ଲୋକଙ୍କ ଦୃଷ୍ଟି ଆଢୁଆଳରେ ଥାଏ । ଏ ଗୋଷ୍ଠୀର ବ୍ୟକ୍ତି ସବୁ ଜାଣିଥିବେ, ସବୁ କରିଥିବେ କିମ୍ବା ସବୁ କରାଇଥିବେ, କିନ୍ତୁ ଚୁପ୍‌ଚାପ୍ ନିରବରେ ସାଧୁଙ୍କ ପରି ବସିଥିବେ ।

ପ୍ରସିଦ୍ଧ ଭାଷାତତ୍ତ୍ୱବିଦ୍ ଉଇଟ୍‌ଜେନ୍‌ଷ୍ଟିନ୍ ନିରବତାକୁ ଭାଷା ଦୃଷ୍ଟିରୁ ନାପସନ୍ଦ କରିଛନ୍ତି ଓ ତିନୋଟି ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋକପାତ କରିଛନ୍ତି-

୧) ଆମର ଭାଷା / କଥା / ଶବ୍ଦ / ବକ୍ତବ୍ୟ କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥଳ ପରିପ୍ରେକ୍ଷୀରେ ହିଁ ଦିଆଯାଇଥାଏ । ଏହା ପୁନଶ୍ଚ ଜୀବନ ପ୍ରବାହ ସହ ଯୋଡ଼ି ହୋଇଯାଇଥାଏ । ଅର୍ଥାତ୍ ଜୀବନର ବାସ୍ତବତାରୁ ହିଁ ଭାଷାର ଉଦ୍ରେକ ହୋଇଥାଏ ।

୨) ଭାଷା ଓ କର୍ମ ଉଭୟ ଅଙ୍ଗାଙ୍ଗୀଭାବେ ଜଡ଼ିତ ।

୩) ଭାଷା ସର୍ବଦା ଆଶାଜନକ, ମୂଲ୍ୟବୋଧ ବହନ କରିବାର ସାମର୍ଥ୍ୟ ବହନ କରେ ।

ତେଣୁ ଉଇଟ୍‌ଜେନ୍‌ଷ୍ଟିନ୍‌ଙ୍କ ଭାଷାରେ ବୈଜ୍ଞାନିକ ପ୍ରୟୋଗରୁ ବାହାରି ଏକ ସମାଜମନସ୍କ ଭାଷା ପାଇଁ ସ୍ୱର ଉତ୍ତୋଳନ କରିଛନ୍ତି ।

ଏବେ ପରିବାର କଥା ଚିନ୍ତା କରିବା । ପରିବାରରେ ନିରବତା ନୁହେଁ, କୋଳାହଳ ଭଲ ଲାଗେ- ଯେଉଁଠି ଶିଶୁର ଦରୋଟି ହସ ଉକୁଟୁଥିବ, କାନ୍ଦ ଶୁଭୁଥିବ, ପରିବାରର ସଦସ୍ୟ ସବୁ ମିଶି ଗପସପ କରୁଥିବେ । ପୁଅ ଗୋଟିଏ ଦିନ ଚୁପ୍ ହେଲେ ମାଆର ଚିନ୍ତା ବଢ଼ିଯାଏ । ହସୁଥିବା ଖେଳୁଥିବା ପୁଅର କ'ଣ ହୋଇଛି ବୋଲି ସେ ପ୍ରଶ୍ନ କରେ । ପ୍ରେମିକାର ନିରବତା ପ୍ରେମିକକୁ ଆଘାତ ଦିଏ । ନିଜ ଲୋକଟି ଚୁପ୍‌ଚାପ୍ ଗୁମ୍‌ମାରି ବସିଥିଲେ ଆମେ ବୁଝାଉ, ସାନ୍ତ୍ୱନା ଦେଉ । ସମାଜରେ ବ୍ୟକ୍ତି ନିରବତାର ବ୍ୟୂହ ଭାଙ୍ଗିବା ପାଇଁ ଚେଷ୍ଟା କରେ । ନିରବତା ବାଧେ ଓ ମଣିଷ ସେଥିପାଇଁ ନିରବତାଠୁଁ ଦୂରେଇ ଯିବାକୁ ଚେଷ୍ଟା କରେ ।

ଆମର ଦୁଃଖ ଯେ ଦେଶ ବିଭାଜିତ ହେଲା ଏବଂ ଏହି ବିଭାଜନର ଦୁଃଖ ଏବଂ ଅସରନ୍ତି କରୁଣ ବେଦନାର ଗାଥା ଏଯାଏ ସରିନାହିଁ । ଖୁସ୍‌ୱନ୍ତ ସିଂ ତାଙ୍କର "ଟ୍ରେନ୍ ଟୁ ପାକିସ୍ତାନ"ରେ ଅନେକ ନିରବିତ ଦୁଃଖ ଯାତନା ଓ ଯନ୍ତ୍ରଣାର କଥା ବର୍ଣ୍ଣନା କରିଛନ୍ତି । ଶାନ୍ତିପ୍ରିୟ ଦେଶ ହଠାତ୍ କେମିତି ଧର୍ମକୁ ନେଇ ବିଭାଜିତ ହୋଇଗଲା- ତା'ର କରୁଣ କାହାଣୀ ସେ ବର୍ଣ୍ଣନା କରିଛନ୍ତି । ବିଭାଜନକୁ କେବଳ ଏକ ରାଜନୈତିକ ଅଭିସନ୍ଧି ବୋଲି ବିଚାର ନ କରି ସେ ଏହାର ବାସ୍ତବ, ଦୁଃଖଦ ମାନବୀୟ ଦିଗ ପ୍ରତି ବେଶ୍ ଦୃଷ୍ଟି ଦେଇଛନ୍ତି । ଏଥିରେ ଶିଖ୍, ହିନ୍ଦୁ ଓ ମୁସ୍‌ଲିମ୍ ସମସ୍ତ ମଣିଷ ନିରବ ହୋଇଛନ୍ତି ଚିରକାଳ । ଠିକ୍ ସେହିପରି ଉର୍ବଶୀ ବୁଟାଲିଆ ତାଙ୍କ ପୁସ୍ତକ 'ଅଦର ସାଇଡ୍ ଅଫ୍ ସାଇଲେନ୍‌ସ ଭଏସେସ୍ ଫ୍ରମ୍ ପାର୍ଟିସନ୍ ଅଫ୍ ଇଣ୍ଡିଆ'ରେ ନାରୀ, ଶିଶୁ, ଦୁଃଖୀ ଆଦିଙ୍କ ନିରବିତ ସ୍ୱରର ଉଦାହରଣ ଦିଅନ୍ତି । ଏ ଦୁଃଖରେ ବ୍ୟକ୍ତିର କେହି ହେଲେ ନାହିଁ । ଆମ ଝିଅ ତାଙ୍କ ଝିଅ, ଆମ ପୁଅ ତାଙ୍କ ପୁଅ ଆଦିରେ ବାଣ୍ଟି ହେଇଗଲା ଜୀବନ । ଏହି ଭାବଗର୍ଭକ ଓ ସ୍ମୃତି ଉସ୍କୁ ସ୍ୱରରେ ଉର୍ବଶୀ ଜାଗ୍ରତ କରିଛନ୍ତି ।

ଆତ୍ମକଥା ଜୀବନବ୍ୟାପୀ ନିରବତାକୁ ଭଙ୍ଗ କରିବା ପାଇଁ ଲେଖାହୁଏ । ବ୍ୟକ୍ତି ଯାହାଙ୍କୁ ଗୋପନୀୟ ବୋଲି ଭାବିଥାଏ, ଅଥବା ପ୍ରକାଶ କରେ ନାହିଁ ତାହା ଆତ୍ମଜୀବନୀରେ ସ୍ଥାନପାଏ । ଗାନ୍ଧିଙ୍କ ପରି ସତ୍ୟର ପ୍ରୟୋଗରେ ରଞ୍ଜିତ ସତ୍ୟନିଷ୍ଠ ଆତ୍ମକଥା ଆମେ ପଢ଼ିଛେ ।

ନିରବତା ଅନେକାଂଶରେ ବିଭେଦ ସୃଷ୍ଟିକରେ । ଘରେ ଦୁଇ ପୁଅ ଓ ଝିଅ । ପୁଅ ଝିଅଠୁ ଅଧିକ ସୁବିଧା ସୁଯୋଗ ପାଇଁ ଦାବି କରୁଛି । ଝିଅ କ୍ଷୀର ପିଉନି, ପୁଅ ପିଉଛି । ପୁଅ ପାଇଁ କେତେ ଜିନିଷ କିଣା ହେଉଛି, ଝିଅଟି ଖାଲି ଦେଖିକି ହିଁ ରହୁଛି । ଏ କ୍ଷେତ୍ରରେ ପିତାମାତାଙ୍କ ନିରବତା ପ୍ରଭେଦ ସୃଷ୍ଟିକାରୀ ଏବଂ ଝିଅଟିର ନିରବତା ତା'ର ଅଧିକାରର ହନନ ଓ ଜଳାଞ୍ଜଳି ପରି ।

ନିକଟରେ ୪ ଜଣ ବରିଷ୍ଠ ସୁପ୍ରିମକୋର୍ଟ ବିଚାରପତି ଗଣମାଧ୍ୟମ ଆଗରେ ମୁହଁ ଖୋଲିଲେ । ଭାରତୀୟ ନ୍ୟାୟିକ ବ୍ୟବସ୍ଥାରେ ଏହା ପ୍ରଥମ । ବିଚାରପତିମାନେ ନିଜର ନିରବତା ଭଙ୍ଗକଲେ । ଅସହାୟତାକୁ ସାଧାରଣ ଜନତାଙ୍କ ଆଗରେ ରଖିଲେ । ସରକାର ପ୍ରଣୟନ କରିଥିବା ସୂଚନା ଅଧିକାର ଏହି ଉତ୍ତୋଳିତ ସ୍ୱରର ଏକ ଅଂଶ । ଆମେ ଜାଣିପାରୁ ନ ଥିବା ବିଷୟ, ନାଲିଫିତା ତଳେ ଅବଦମିତ ବିଷୟର ଉଦ୍‌ଗତ ସ୍ୱର ହିଁ ସୂଚନା ଅଧିକାର । ତଥାକଥିତ ସରକାରୀ ଗୋପନୀୟତା ଓ ନିରବତାକୁ ଭଗ୍ନ କରି ଏକ ଜନକୈନ୍ଦ୍ରିକ ସଶକ୍ତ ସୂଚନା ବିପ୍ଳବ ଏହାର ମୂଳାଧାର ।

ନିରବତାର ଦୁଃଖକୁ ଆମେ ମହାଭାରତର ଦ୍ରୌପଦୀଙ୍କ ବସ୍ତ୍ରହରଣ ପ୍ରସଙ୍ଗ ସହ ଯୋଡ଼ି ଦେଖିପାରିବା । ଯେଉଁଠି ଭୀଷ୍ମ, ଦ୍ରୋଣ, ଧୃତରାଷ୍ଟ୍ର, କୃପାଚାର୍ଯ୍ୟଙ୍କ ପରି ଗୁରୁଜନ ଉପସ୍ଥିତ, ସେଠି ପୁଣି ରତ୍ନମତୀ କୁଳବଧୂର ବସ୍ତ୍ରହରଣ ! ସମସ୍ତେ ନିର୍ବାକ୍ ଓ ନିସ୍ପନ୍ଦ । ଏହି ନିରବତା ସେ ଗୁରୁଜନମାନେ ଯଦି ଅବଲମ୍ବନ କରି ନ ଥାଆନ୍ତେ, ତେବେ ମହାଭାରତର ଧାରା ହିଁ ବଦଳି ଯାଇଥାଆନ୍ତା । ନିରବତା ଛଦ୍ମବେଶୀଙ୍କ ଆବରଣ- ଦୁର୍ନୀତି ପରୋକ୍ଷ ସମର୍ଥନ । ପ୍ରସିଦ୍ଧ ନାଟ୍ୟକାର ବିଜୟ ତେନ୍ଦୁଲକର ତାଙ୍କର

ନାଟକ 'ସାଇଲେନ୍‌ସ ! ଦି କୋର୍ଟ ଇଜ୍ ଇନ୍ ସେସନ୍'ରେ ଏକ ଯୁବତୀର ଅକଥନୀୟ ଦୁଃଖକୁ ବର୍ଣ୍ଣନା କରିଛନ୍ତି । ଲେଖକ ମଧ୍ୟବିତ୍ତୀୟ ସୁବିଧାବାଦୀ ନୈତିକତାକୁ ସମାଲୋଚନା କରିଛନ୍ତି । ବିଚାରପତି ମଧ୍ୟ କେମିତି ନିଜର ବିବେକକୁ ନିରବ କରିଛନ୍ତି ତା'ର ଉଦାହରଣ ଦେଇଛନ୍ତି । ତେନ୍ଦୁଲକରଙ୍କ ମତରେ ଯୁବତୀର ଦୁଃଖ ନିରବରେ ମରିଯାଇଛି । ମାନବୀୟ ଓ ମାନବ ବିରୋଧ ଶକ୍ତି ଯେମିତି ସ୍ୱର ଓ ନିରବତାର ଆଢୁଆଳରେ ଲୁଚକାଳି ଖେଳୁଛନ୍ତି । ଏହି ମାନବତା ପାଇଁ ଭିଏତ୍‌ନାମ ଯୁଦ୍ଧ ସମୟରେ ବୌଦ୍ଧ ସନ୍ନ୍ୟାସୀମାନେ ନିଜକୁ ଆତ୍ମଦଗ୍ଧ କରିଥିଲେ । ନାଗାଲାଣ୍ଡରେ ମହିଳା ନଗ୍ନ ହୋଇ ସେନାର ସ୍ୱତନ୍ତ୍ର କ୍ଷମତା ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ । ଏପରିକି ଗାନ୍ଧିଙ୍କ ସତ୍ୟାଗ୍ରହ ମଧ୍ୟ ଉପନିବେଶ ଶକ୍ତି ବିରୋଧରେ ସ୍ୱର ଉତ୍ତୋଳନ କରିବାର ଆହ୍ୱାନ । ଏ ସମସ୍ତ ସେଇ ନିରବ ପ୍ରତିବାଦର ଅଂଶବିଶେଷ ।

ନିରବତାର ଦଣ୍ଡ ଅଛି, ଦୁଃଖ ଅଛି । ଗୀତା ସୃଷ୍ଟି ହୋଇ ନ ଥାଆନ୍ତା, ଯଦି କୃଷ୍ଣ ନିରବ ଥାଆନ୍ତେ । ନିରବତା ରୁଦ୍ଧ କରେ, ଚିନ୍ତାରେ ଓଢ଼ଣି ଦେଇଦିଏ । ମନଗହୀରର ଅକୁହା କଥାରେ ତାଲା ପଡ଼ିଯାଏ ଚିରକାଳ । ନିରବତା କଷ୍ଟ ଦେଉଛି, ଅସୌଜନ୍ୟ କରାଉଛି । ଏଇ ଯେମିତି ଆମେ କାହାର ବାର୍ତ୍ତାର ଉତ୍ତର ଦେଉନାହୁଁ - ସେ ଦୁଃଖ କରୁଛି । ଠିକ୍ ସେପରି ଅଗ୍ରଜ ଯଦି ଅନୁଜଙ୍କ ଭୁଲ ତ୍ରୁଟି ନ କହିବେ, ତେବେ ସେ ଭୁଲ ବଢ଼ିଚାଲିବ ଏବଂ ଏ ପ୍ରବୃତ୍ତିରୁ ଶହଶହ ଧୃତରାଷ୍ଟ୍ର, ଦୁର୍ଯୋଧନ ଜନ୍ମ ହେବେ । ଏଠି ଅଗ୍ରଜମାନେ ଭୁଲି ଯାଉଛନ୍ତି ତାଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ଏବଂ ଥରେ ଦାୟିତ୍ୱ ଓ କର୍ତ୍ତବ୍ୟ ବାଟବଣା ହେଲେ ପ୍ରେମ ଓ ଜୀବନ ଦୁରୂହ ମନେହୁଏ । ଘରର ପୋଷା କୁକୁର ରାତିରେ ଚୋର ଦେଖି ଚୁପ୍ ରହିବା ଯାହା, ଆମେ ଦୁଷ୍କର୍ମ ଦେଖି ନିରବ ରହିବା ତାହା । ଏକବିଂଶ ଶତାବ୍ଦୀ, ବହୁ ଜଟିଳତାର ଶତାବ୍ଦୀ ଏବଂ ଏ ସମୟର ଆହ୍ୱାନ ହେଲା ତୁମେ କୁହ, ସ୍ୱର ଉତ୍ତୋଳନ କର, ନିରବ ରୁହନି । ସ୍ୱରହୀନଙ୍କୁ ସ୍ୱର ଦିଅ, କଣ୍ଠ ଦିଅ, ବିଶ୍ୱାସ ଦିଅ ଓ ଉତ୍ସାହ ଦିଅ । ଆଜିର ସମୟରେ ଯେଉଁଠି ପରିଚୟର ପ୍ରଶ୍ନଚିହ୍ନ, ସେଠି ଆମର ବାକ୍‌ପଟୁତା ହିଁ ଆମର ପରିଚୟ । ସନ୍ଥ କେଥେରିନ୍‌ଙ୍କ ଭାଷାରେ Speak the truth in million voices, it is silent that kills. ସତ୍ୟକୁ ନିୟୁତ ସ୍ୱରରେ କୁହ, ଏହା ନିରବତା ଯାହା ଆମକୁ ମାରିଦିଏ, ତେବେ ଏବେ ନିରବତାରୁ ମୁକ୍ତି ହିଁ ଆଶା କରାଯାଉ ।

❑❑❑

**ଅଧୁନା ନବରଙ୍ଗପୁରରେ ଡିଏସପି ଭାବେ କାର୍ଯ୍ୟରତ ଓଡ଼ିଶା ପୁଲିସ ସେବା ଅଧିକାରୀ ଶ୍ରୀ ଚନ୍ଦ୍ର ଶେଖର ହୋତା ସାମ୍ପ୍ରତିକ ସମୟର ଜଣେ ପ୍ରତିଷ୍ଠିତ ପ୍ରାବନ୍ଧିକ । ଓଡ଼ିଶାର ବହୁ ପ୍ରତିଷ୍ଠିତ ପତ୍ରପତ୍ରିକାରେ ତାଙ୍କର ରଚନାମାନ ନିୟମିତ ପ୍ରକାଶ ପାଇ ଆସୁଛି । ତିନୋଟି ପ୍ରବନ୍ଧ ସଂକଳନର ରଚୟିତା ଶ୍ରୀ ହୋତା ଗୋକର୍ଣ୍ଣିକା ପ୍ରବନ୍ଧ ପୁରସ୍କାର-୨୦୧୫, ଅଖିଳ ଚକ୍ର ଜଗନ୍ନାଥ ସମ୍ମାନ-୨୦୧୬, ବ୍ରହ୍ମପୁର ପୁସ୍ତକ ମେଳା ସମ୍ମାନ-୨୦୧୯ ସମେତ ବହୁ ପୁରସ୍କାର ଓ ସମ୍ମାନ ସମ୍ମାନିତ । ୨୦୧୭ ମସିହାରୁ ସେ ଓଡ଼ିଶା ସାହିତ୍ୟ ଏକାଡେମୀ କାର୍ଯ୍ୟନିର୍ବାହୀ ପରିଷଦର ସଦସ୍ୟ ଭାବେ କାର୍ଯ୍ୟ କରିବା ସହିତ ଏକାଡେମୀ ଦ୍ୱାରା ପ୍ରକାଶିତ ପତ୍ରିକା 'କୋଣାର୍କ'ର ସମ୍ପାଦକମଣ୍ଡଳୀ ସଦସ୍ୟ ମଧ୍ୟ ଅଛନ୍ତି । ସମ୍ପର୍କ : ୮୭୬୩୧୯୦୮୦୩ ।**

# MEET NANCY

**Malabika Patel**



Nancy gave finishing touches to her get up and had a good look at her own self in the full length mirror. Attired in a tasteful western dress, a tall and slender figurine looked back at her. The thick mop of black wavy hair, the peach colour of her skin with aquiline features had a fresh shine and a smug smile crossed her face. She had the looks. Hasn't she caught the fleeting look of admiration in Mr Rakeshji's eyes? The moment the thought crossed her mind, she tried to flick it off. A professional like her should not be bothered about such distractions. Well Rakeshji, her Boss was equally professional enough not to let her good looks come in the way of office affairs. Nancy knew it well. What she should gloat on, she should.

She knew her strengths: soft polite voice, immaculate English diction and a smart body language. But it was her proficiency in data management; her flawless paper work and dexterity in retrieving precious records that were considered an asset more than her attractive looks. Perhaps that is why she has not been given a change of desk for the past fifteen years. So many Bosses have come and gone, but Nancy goes on forever, was the rhyme in her office corridors. Let the losers whine, she thought. If she is efficient, she is. Why be apologetic about it? And she has taken a lot of trouble to reach that level of competence. Company secretaryship and many training in soft skills had made her as accomplished as she is reputed for today. She had always wanted to wield some influence in the power corridor. However small it may be. Well who doesn't? As the Personal Assistant to a powerful business tycoon, she knew her position was indispensable. She was an influencer.

But today is not the time to revel. Today she has to take extra care on her appearance and voice modulation. She has to remain more alert than ever. A business delegation from Singapore, with a new business proposal was coming for a discussion and she needed to be at her professional best. After the talks, there will be business lunch at the Office Lounge. Her presence by the side of the official host will add verve to the formal affair. She pictured in her mind the banquet, donned a smile along with a dab of French perfume and stepped out with the fragrance lingering around her.

Nancy made a spirited entry into the well appointed office hall, her cubicle being far down the hall next to the corner room, well literally. As soon as she flung the glass door open, a sweet female voice-over greeted her with a bright “Good Morning.” The voice was cheerful and full of warmth. Nancy looked around. No such persona was within her sight.

Well she thought she can also spring an even more cheerful Good morning on the stranger. Only she should cast eyes on her.

“Please be seated.” Another googly..

Ok I don’t mind. Who are you? Nancy muttered under her breath

After a pause, “Would you like to have a glass of water, tea or coffee?”

But Hello why would someone be so personal so soon? And if I say coffee... will a cup of steaming cuppa appear for me from nowhere? Nancy found talking to herself.

Soon more surprises followed.

“It is quarter past Nine. The temperature of the room is 22 degree Celsius. Outside it is 27 degree Celsius. The sky is clear and cloudless. The day will remain dry.”

But I didn’t ask for it. Don’t I know it? I am just coming from outside. Nancy was mumbling.

“Today’s Sensex is 500 points above than yesterday. The top gainers are banking stocks like SBI, Axis bank, HDFC Bank and ICICI Bank among others.”

Hello I am not an MF investor. What is the point in telling me all these? Nancy was thinking. She was finding the info an interruption to her thoughts. What is there for me please if I may ask?

“CEO, Mr Rakesh Malhotra, will be meeting foreign delegates till 1 P.M.. He will be hosting a business lunch with the delegates soon after. Post lunch he will be attending a meeting of the Company Executives in the Board Room till 5 P.M. ”

Nancy was short of stunned. How did the person behind the voice read her mind?

Finally the hackneyed piece, “What can I do for you?”

Now Nancy found herself speechless to respond. Then came the ultimate in politeness,

“Please take your time.”

Nancy looked around to see who the mysterious woman is, where the impeccable voice was coming from. Not finding anyone within her sight in and around the empty hall, she gingerly entered her Boss' cabin and there it was; standing tall, a blonde mannequin dressed in office attire with soft expressive face, almost like hers. Suddenly Nancy felt a pain go through her. She is privy to almost all the conversations the Boss has with vendors and service providers downwards. How come she did not know about this mannequin coming? She had never got the slightest inkling of such a thing's identity. When did the foreign company guys speak to the Boss? When was this shipped? And when was it installed? All sorts of questions kept crowding her mind.. Only thing she had been told is that there is a demo today. But demo on what? What will this mannequin do here? She also had not bothered to ask questions.

Her Boss Rakeshji was yet to arrive. Nancy hurried to the auditorium. She had to now question him. Why were she not told about coming of such a thing? Why was she kept in dark about such a product?

She would definitely confront him. What was the need for a robot in a logistics company like theirs? In what ways can the robot outperform her? She can be a better conversationalist than a mannequin any day. Doesn't she woo the prospective customers? Doesn't she sweet talk into their hearts? How many times she has been responsible in clinching a deal for the company. Her soft skills are an asset and who knows it better than Rakeshji?

Nancy dragged herself into the auditorium. The techies were busy fixing the wires on the podium, while her Boss was supervising the final touches being given to the dais meant for the guests. Nancy saw the tiewallahs and suited booted people trickling in. Will this be a good time to talk to Boss? Perhaps not. Well she should look for an opportune time. But nothing was pacifying her agitated mind. Not even the soft channel music in the Auditorium. Her ears kept resonating with the mannequin's impressive voice.

None of the talks and discussions could engage her. Rather her mental maths were going on an overdrive. What about the monthly rent, her ailing mother's medical expenses and her annual summer trip abroad? What about the EMI for the flat she has booked in an upmarket apartment?

No, this cannot be true. In what ways is she inferior to the robot? She will find out from the foreign delegates. Over lunch she can engage with them and ferret out the information. That would be a good time to read the Boss' mind.

Lunch was an impressive spread. There were all sorts of dishes to tickle the taste buds. The starters and the drinks were overflowing. But it tasted insipid to Nancy. She found herself seated between two foreign delegates. She tried to make small talks. But today her pleasantries sounded off key to her own ears. Exchange of business news with the guys from Singapore also did not reveal much. Her Boss was well known for keeping all business secrets to himself.

Two weeks passed uneventfully in the office. Only Nancy looked pale, listless and not in her element. Her colleagues made no enquiries whatsoever. They were as nonchalant as before. They only spoke about an upcoming potluck office dinner. During teatime, they discussed about the menu and the venue. Nancy found it difficult to join with them whole heartedly. A nagging

feeling of inadequacy was slowly creeping into her an otherwise cool brain. May be anxiety syndrome; she tried to reason.

Rakeshji was as courteous and businesslike as before. Then why was she worrying she thought to herself. No matter how she comforted herself thoughts kept streaming into her mind. Can the robot talk to the Boss' wife Maya? Can the robot strike a friendship with her? How she chats with Maya Madam and shares titbits of office gossip with her. Can the robot convince Maya Madam that there is indeed work at office and Boss will be returning home late? Can the robot talk to his kids studying abroad and fix their travel plans? Why the other day only she had customised an itinerary for his daughter after having lengthy conversations with her. Didn't she get to know she was planning the sight-seeing Europe tour with her boyfriend? How the daughter could confide in her and not with the parents? Discretion and trust was her USP. She knew what to share with Rakeshji and what to not and he had complete trust in her. What about all the undocumented conversations of Rakeshji which only she was privy to? How she remembered each and every detail of the unminutised meetings. Whenever Boss was in doubt she would chip in with the details. And the other day when Boss suddenly fell sick soon after a meeting, it was she who called up the Doctor, arranged for an ambulance and rushed him to the best hospital in town. Maya Madam came only after he was declared out of danger. Even now she keeps track of his medicines and acts like a personal trainer. Can the robot converse with the Boss' doctor and administer medicine in time?

Nancy's old mother kept asking her "How is the office scene Beta? Are you having your lunch in time? How is Rakeshji doing? Nancy who used to enjoy talking about her daily life revolving around her Boss could only answer in monosyllables.

On the first day of the next month, the auto rickshaw which used to ferry her to office daily turned up at her door as usual. But he found the door locked and her mobile switched off.

❑❑❑

Literature, both Odia and English, fascinates Malabika Patel. She has been experimenting on poems and short stories. Her first translation, "Chilika – A love story " of Shri Krupasagar Sahoo's Sahitya Academy award winning Odia novella, "Sesha Sarat" was published in 2011. She is also into translating of rare old Odia documents and classics into English. A banker by profession, she retired from the Reserve Bank of India as a GM. in 2016. She was a student of Economics Honours of SCS College, Puri from 1974-1976. Later she taught as a Lecturer in Sailabala Women's College and SCS college before joining as an Officer with Reserve Bank of India in 1982.

# WINTER NIGHT

**Minakshi Rath**

**(Translated from Odia by the author and Bibhu Padhi)**



## 1

It was the third phase of a winter night. A thick fog had surrounded the small valley. The earth's subconscious state had spread over things, in the absence of a pure consciousness. Under the moon of the eighth lunar night, a smiling light had spread over the earth, offering some clarity to the entire atmosphere. The desires of lonely minds were quietly floating above the earth like the points of the distant stars.

In this dream-like state, a faint shadow was walking toward the small, sleeping city. No one knew from where it came. The shadow was very short. It was undoubtedly a dwarf, with two bow-shaped legs, although there wasn't a problem to walk. He had a hat on his head. In the fog and under the darkness below the hat his face was a blur. A grey bag was on his right shoulder, carrying mysteries, like the mystery of the outside world. The distorted figure of the dwarf had been walking and trying to gather the truth of the night and put it in his dark bag.

The strong, chilly breeze of winter had made the atmosphere more mysterious. Perhaps, had it been an ordinary man, he would have stopped and thought about his journey or would have been reluctant to move further. But the dwarf had ignored the chill and walked, his head swinging from side to side. There were houses within which there were small lamps and some with no lamps at all; it seemed the houses were sleeping. The dwarf however had decided to knock at every door. If his work could be over at one house, there would be no need to proceed further; then he would take the familiar road again.

## 2

This is the first house - not too big, nor very small. The rooftop is triangular and that alone makes the house attractive. The dwarf knocked on the door. No one opened the door. Once again he knocked. No one responded. He put his bag on the veranda and sat down. His hands were covered with gloves, his feet by warm, woolen socks. He had a sweater that was old, faded.

He stood up, knocked on the door for the third time and waited. His wait was not hurried, nor irritated. His hope was stable like a steady flame. He had rid himself of anxiety, doubt and despair.

The door opened. A boy of ten or eleven stood at the half-open door. The boy was full of fear, his face spoke of unfinished sleep.

“Who are you?” he asked.

“I am a dwarf”.

“Wherefrom have you come?”

“I have come from a far-off place”.

“Why are you here at this hour? What do you want?”

‘I always travel by night. I need a few stories.”

“From where shall I get stories? There are oranges in the house, if you want.”

“No, I need stories.”

The dwarf saw a little girl with disheveled hair peeping from behind her brother. The dwarf told him:

“Look, there is a little girl behind you.”

He tried to hurry them up,

“Go! Go inside the house and bring me stories.”.

The dwarf’s words sounded like an order. The two children went inside. Where will they find stories? They didn’t know what a story was, the kind the dwarf was asking. Was a story like a ball? A piece of painting? Or a photo? The boy thought that it would be wise to give away the books of short stories. He went to the open door and was about to give the books when the dwarf said:

“No, I don’t want a book of stories. I need only three stories.”

The boy went back inside. The girl was looking for a story under the dining table. She also

didn’t know what story the dwarf was asking for. What is a story? What is it made of? Her mother had told her the story of a rabbit and a tortoise. And many other stories. Like the old witch, the high-flying horse, the story of a frog that burst after taking a lot of food.

She wondered why the stories were not shining like flowers and fruit on the trees! The stories of butterflies and dragonflies were not flying in the vacant air! She didn't find any story under the

dining table. She discovered a small, pealed potato that was to be a part of the curry cooked last night. The potato was not a story, she told herself. No, stories were not there, not under the dining table. She stepped into her toy room and took one of her favorite toys.

The boy opened the refrigerator but couldn't find anything quite like a story. He saw the beautiful oranges. The dwarf had told him he didn't want oranges. Wherefrom would he get a story? Can one hold a story? Could a story be constructed out of nothing?

Wasn't the dwarf a strange creature, looking for stories!

Oh yes, there were a few eggs on the dining table. He knew the dwarf didn't want oranges but he can take the eggs. He picked up an egg and held it delicately. The boy thought in the egg there was the story of a chick. He went back to the refrigerator; he looked at the framed photo of his grandfather hanging on the wall just above the fridge. The old man was smiling playfully.

He held the photo in his other hand..

The little girl came out of her toy-room with a toy-house. She looked at her brother and whispered in his ear:

"Maa told me that the toy house was given to her by her mother. This house shall speak all the stories of Maa, her mother and her grandmother.'

Brother and sister returned to the half-open door. The dwarf stood with his back towards them. He removed his cap, softly arranged his hair and put back the cap on his head. He looked like a clown. Slowly, fear and anxiety left the children. Each looked at the other and gave a slight smile, but they did not have the courage to move to the veranda. They stood for a long time, watching the dwarf.

The dwarf took his two hands from the front to the back and from back to the front, as if he was using a swing, then asked someone to get off the swing and asked another to sit on the swing. He did this for a long time. The children were very happy to watch the dwarf's magic-like activity. The boy raised a finger and asked his sister what was the dwarf doing? The girl twisted her lips, raised a finger and, blinking her eyes, said

"I don't know."

The dwarf turned around, thinking it was the best time to leave. As the dwarf looked at the children, he saw that there was no fear on their faces, but only a thin look of trust.

Quietly the dwarf walked toward the children and opened his two palms as if he was begging. The little boy was the first to come. He placed the egg on the dwarf's open palm and said:

"Take this. It contains the story of a chick."

